୫୧
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୩/୨୦୨୪ (୧୬ ପୃଷ୍ଠା) Bhubaneswar, Friday, December 13/2024 Page 16 ₹ 7.00
୫୧ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 20 ମୂଲ୍ୟ₹୭/-

# ଧର୍ମାନୁଷ୍ଠାନ ଉପରେ ରାୟ ଦିଅନାହିଁ

**ଗତ ନଭେମ୍ବର ୨୪ରେ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଉତ୍ତର ପ୍ରଦେଶର ସମ୍ଭଲସ୍ଥିତ ଶାହି ଇମାମ୍ ମସ୍‌ଜିଦରେ ସର୍ଭେ ଚାଲିଥିବାବେଳେ ସାମ୍ପ୍ରଦାୟିକ ହିଂସା ଦେଖାଦେଇଥିଲା। ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ଏହି ଉତ୍ତେଜନା ନ ଥମୁଣୁ ରାଜସ୍ଥାନର ଅଜମେରସ୍ଥିତ ସୁଫି ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ପ୍ରାୟ ୮୦୦ ବର୍ଷ ପୁରୁଣା ଦରଘା ତଳେ ଏକ ଶିବମନ୍ଦିର ଥିବା ନେଇ ହିନ୍ଦୁ ପକ୍ଷ ଦାବି କରିବା ସହ ଏହାର ସର୍ଭେ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଉକ୍ତ ପିଟିଶନକୁ ଗ୍ରହଣ କରିବା ସହ ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ), ଦରଘା କମିଟି ଏବଂ ଭାରତ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ କରିଛନ୍ତି। ଏହା ଉପରେ ଆସନ୍ତା ୨୦ ତାରିଖରେ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଧର୍ମାନୁଷ୍ଠାନଗୁଡ଼ିକ ଉପରେ କୌଣସି ପ୍ରକାର ରାୟ ଦିଅନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କଟକଣା ଜାରି କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ଅନ୍ୟାଦେଶ ନ ଆସିବା ପର୍ଯ୍ୟନ୍ତ ଦେଶର କୌଣସି କୋର୍ଟ ଏପରି ନୂଆ ମାମଲାରେ ଆବେଦନକୁ ଗ୍ରହଣ କରିବେ ନାହିଁ। ଏପରି କି ଅନ୍ତରୀଣ କିମ୍ବା ଚୂଡ଼ାନ୍ତ ରାୟ ପ୍ରକାଶ କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।**

## ■ ଉପାସନା ସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନର ବୈଧତା ନେଇ ବିଚାର ଚାଲିଛି
## ■ କେନ୍ଦ୍ରକୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୨।୧୨

ଭାରତରେ ମଠ, ମନ୍ଦିର, ମସ୍‌ଜିଦ ଓ ଗିର୍ଜା ଭଳି ଉପାସନା ସ୍ଥଳଗୁଡ଼ିକର ଧର୍ମୀୟ ଚରିତ୍ରକୁ ବଜାୟ ରଖିବା ପାଇଁ ୧୯୯୧ରେ ଉପାସନା ସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନ ପ୍ରଣୟନ କରାଯାଇଥିଲା। ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ନିର୍ମିତ ଧର୍ମାନୁଷ୍ଠାନଗୁଡ଼ିକରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଏଥିରେ ବ୍ୟବସ୍ଥା ରହିଛି। ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରି ସାମ୍ପ୍ରଦାୟିକ ବିଦ୍ୱେଷ ଏଡ଼ାଇବା ହେଉଛି ଏହି ଆଇନର ମୂଳ ଲକ୍ଷ୍ୟ। କିନ୍ତୁ ଦେଶର ଅନେକ ସ୍ଥାନରେ ମନ୍ଦିରଗୁଡ଼ିକୁ ଭାଙ୍ଗି କିମ୍ବା ନବୀକରଣ କରାଯାଇ ସେଗୁଡ଼ିକ ଉପରେ ମସ୍‌ଜିଦ ନିର୍ମାଣ କରାଯାଇଥିବା ନେଇ ହିନ୍ଦୁ ପକ୍ଷମାନେ ଦାବି କରିବା ସହ ସର୍ଭେ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାରେ ଲାଗିଛନ୍ତି। ସ୍ଥାନୀୟ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ମସ୍‌ଜିଦ ଓ ଦରଘାଗୁଡ଼ିକରେ ସର୍ବେକ୍ଷଣ କରାଯିବାବେଳେ ମୁସ୍‌ଲିମ୍ ପକ୍ଷଙ୍କ ବିରୋଧ ଯୋଗୁ ସାମ୍ପ୍ରଦାୟିକ ଉତ୍ତେଜନା ପ୍ରକାଶ ପାଉଛି। ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଦେଶର ଉପାସନାସ୍ଥଳ ବିଶେଷକରି ମସ୍‌ଜିଦ ଓ ଦରଘାଗୁଡ଼ିକରେ ଚାଲିଥିବା ସର୍ବେକ୍ଷଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପାସନାସ୍ଥଳ ଆଇନର କେତେକ ନିର୍ଦ୍ଦିଷ୍ଟ ନିୟମକୁ ଚ୍ୟାଲେଞ୍ଜ କରି ଭାଜପାର ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ସମେତ ଅନ୍ୟ ଆବେଦନକାରୀଙ୍କ ପକ୍ଷରୁ ୬ଟି ପିଟିଶନ ଦାଖଲ ହୋଇଥିଲା। ମୂଳ ଆବେଦନ ୪ ବର୍ଷ ପୂର୍ବେ ଦାଖଲ ହୋଇଥିଲା। ଏହା ଉପରେ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ଜବାବ ମାଗିଥିଲେ, କିନ୍ତୁ ସରକାର ଉତ୍ତର ରଖି ନ ଥିଲେ। ଇତିମଧ୍ୟରେ ଉପାସନାସ୍ଥଳ ଆଇନର କେତେକ ନିୟମକୁ ଚ୍ୟାଲେଞ୍ଜ କରି ଦାଖଲ ଆବେଦନ ସଂଖ୍ୟା ୧୮ରେ ପହଞ୍ଚିଛି। ବାରାଣସୀର ଜ୍ଞାନବାପି, ମଥୁରାର ଶାହି ଇଦ୍‌ଘା ମସ୍‌ଜିଦ, ସମ୍ଭଲର ଶାହି ଜାମା ମସ୍‌ଜିଦ, ଦିଲ୍ଲୀର କୁତବ ମିନାର ନିକଟସ୍ଥ କ୍ୱାତ୍‌ଉଲ୍ ମସ୍‌ଜିଦ ଏବଂ ମଧ୍ୟପ୍ରଦେଶର କମଲ ମୌଲା ସମେତ ଦେଶର ୧୦ଟି ମସ୍‌ଜିଦର ମୂଳ ଧର୍ମୀୟ ଚରିତ୍ରକୁ ସୁନିଶ୍ଚିତ କରିବା ହିନ୍ଦୁ ପକ୍ଷ ଦାବି କରିଛନ୍ତି। ୧୯୯୧ର ଉପାସନାସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନରେ ରହିଥିବା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ଉଦ୍ଦେଶ୍ୟରେ ଉପରୋକ୍ତ ପିଟିଶନଗୁଡ଼ିକ ବିରୋଧରେ ଆଉ କେତେକ ପିଟିଶନ ମଧ୍ୟ ଦାଖଲ ହୋଇଛି। ତେବେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ସମେତ ଅନ୍ୟ ଆବେଦନକାରୀଙ୍କ ପ୍ରଥମ ୬ଟି ପିଟିଶନ୍‌ର ଶୁଣାଣି କରିଛନ୍ତି। ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ୧୯୯୧ରେ ପ୍ରଣୀତ ଆଇନ ଅଧୀନ ଧାରା ୩ ଓ ୪ର ବୈଧତା, ରୂପରେଖ ଓ ପରିସର ନେଇ ଯାଞ୍ଚ କରାଯିବ। ଏଥିପାଇଁ ସୁପ୍ରିମକୋର୍ଟ ଅନ୍ୟ ଆଦେଶ ନ ଦେବା ପର୍ଯ୍ୟନ୍ତ ଅନ୍ୟ ଅଦାଲତଗୁଡ଼ିକରେ ଚାଲିଥିବା ମାମଲାର ଶୁଣାଣି ବନ୍ଦ କରାଯିବ। ବିଚାରାଧୀନ ଥିବା କୌଣସି ମାମଲାରେ କୋର୍ଟଗୁଡ଼ିକ ପ୍ରଭାବଶାଳୀ ଅନ୍ତରୀଣ ରାୟ କିମ୍ବା ଚୂଡ଼ାନ୍ତ ରାୟ ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଅନ୍ୟ ସମସ୍ତ କୋର୍ଟଙ୍କୁ ରାୟ ପ୍ରକାଶ କରିବାରୁ ବାରଣ କରାଯିବାକୁ ଏକ ହିନ୍ଦୁ ପକ୍ଷର ମାମଲା ପରିଚାଳନା କରୁଥିବା ବରିଷ୍ଠ ଓକିଲ ଜେ. ସାଇ ଦୀପକ ବିରୋଧ କରି କହିଛନ୍ତି, ଏପରି ରାୟ ପ୍ରକାଶ କରିବା ପୂର୍ବରୁ ଖଣ୍ଡପୀଠ ସବୁ ପକ୍ଷଙ୍କ ମତ ଶୁଣିବା ଉଚିତ। ଏହା ଉପରେ ସିଜେଆଇ ଖାନ୍ନା କହିଲେ, ଏହି ବୃହତ୍ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ବିଚାର ଚାଲିଥିବାରୁ ଅନ୍ୟ କୋର୍ଟଗୁଡ଼ିକୁ କୌଣସି ରାୟ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦିଆଯିବା ସ୍ୱାଭାବିକ। ସୁପ୍ରିମକୋର୍ଟରେ ଉକ୍ତ ଆଇନର ବୈଧତା ନେଇ ଶୁଣାଣି ଚାଲିଥିବାବେଳେ ତଳ କୋର୍ଟଗୁଡ଼ିକ ଶୀର୍ଷ ଅଦାଲତଙ୍କୁ ଅତିକ୍ରମ କରି ରାୟ ଦେଇପାରିବେ ନାହିଁ।

ଯଦି ପକ୍ଷ ଚାହିଁବେ ତେବେ ଆବଶ୍ୟକ ସ୍ଥଳେ ମାମଲାକୁ ହାଇକୋର୍ଟକୁ ପଠାଯାଇପାରିବ। କେନ୍ଦ୍ର ସରକାରଙ୍କ ଜବାବ ବିନା ଏହା ଉପରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ☞ପୃଷ୍ଠା-୨

# ଗୁକେଶ ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିୟନ



**ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ**

ସିଙ୍ଗାପୁର, ୧୨।୧୨

ଭାରତୀୟ ଚେସ୍ ପାଇଁ ଗୁରୁବାର ଆସିଛି ଏକ ବହୁତ ବଡ଼ ଖବର। ଭାରତର ଡି. ଗୁକେଶ ହୋଇଛନ୍ତି ବିଶ୍ୱ ଚାମ୍ପିୟନ। କେବଳ ସେତିକି ନୁହେଁ, ମାତ୍ର ୧୮ ବର୍ଷ ବୟସରେ ସେ ବିଶ୍ୱର ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଲାଭ କରିଛନ୍ତି। ଫାଇନାଲରେ ସେ ଗତଥରର ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କୁ ୭.୫-୬.୫ ପଏଣ୍ଟରେ ପରାସ୍ତ କରିଛନ୍ତି। ୧୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୧୩ ରାଉଣ୍ଡ ସୁଦ୍ଧା ଉଭୟ ଖେଳାଳି ୬.୫ ପଏଣ୍ଟରେ ଥିବାରୁ ଅନ୍ତିମ ଗେମ୍ ଉପରେ ସାରା ବିଶ୍ୱର ନଜର ରହିଥିଲା। ଏଥିରେ ଅଭିଜ୍ଞ ଲିରେନଙ୍କ ଉପରେ ଭାରି ପଡ଼ିଥିଲେ ଭାରତୀୟ ଚେସ୍ ପ୍ରତିଭା। ଲିରେନଙ୍କୁ ଚକ୍‌ମା ଦେଇ ସେ ହେଲେ ବିଶ୍ୱ ବିଜେତା। ଚେନ୍ନାଇର ଗୁକେଶଙ୍କ ପୂର୍ବରୁ ରୁଷିଆର ଗ୍ୟାରୀ କାସ୍ପାରୋଭ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ ଥିଲେ। ସେ ୧୯୮୫ରେ ୨୨ ବର୍ଷରେ ଏହି ସଫଳତା ପାଇଥିଲେ। ସେତେବେଳେ କାସ୍ପାରୋଭ ଫାଇନାଲରେ ଅନ୍ୟତମ ରୁଷୀୟ ଗ୍ରାଣ୍ଡମାଷ୍ଟର ଆନାଟୋଲି କାର୍ପୋଭଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ଟାଇଟଲ ଜିତିଥିବାରୁ ସର୍ବକନିଷ୍ଠ ଚ୍ୟାଲେଞ୍ଜର ଭାବେ ଗୁକେଶ ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହୋଇଥିଲେ।

୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ବିଶ୍ୱ ଚେସ୍ ଟାଇଟଲ ହାସଲ କରିଛନ୍ତି। ଆନନ୍ଦ ୫ ଥର ବିଶ୍ୱ ଚାମ୍ପିୟନ ହୋଇଥିଲେ। ଶେଷଥର ପାଇଁ ସେ ୨୦୧୩ରେ ଏହି ଟ୍ରଫି ଜିତିଥିଲେ। ଟାଇଟଲ ଜିତିବାପରେ ଭାବପ୍ରବଣ ହୋଇ ପଡ଼ିଥିଲେ ଗୁକେଶ। "ଏହି କ୍ଷଣକୁ ମୁଁ ଗତ ୧୦ ବର୍ଷଧରି ଅପେକ୍ଷା କରିଥିଲି। ଏବେ ତାହା ସାକାର ହୋଇଥିବାରୁ ଅତ୍ୟନ୍ତ ଆନନ୍ଦିତ। ମୁଁ ଅତ୍ୟନ୍ତ ଭାବପ୍ରବଣ ହୋଇପଡ଼ିଛି, କାରଣ ଅନ୍ତିମ ରାଉଣ୍ଡରେ କିଛି ବି ହେବାର ଥିଲା। ମାତ୍ର ମୁଁ ଚାନ୍ସ ନେଇ ସଫଳ ହୋଇଛି। ମୋ ପାଇଁ ପ୍ରତିଦ୍ୱନ୍ଦ୍ୱୀ ଡିଙ୍ଗ୍ ହେଉଛନ୍ତି ପ୍ରକୃତ ବିଶ୍ୱ ଚାମ୍ପିୟନ। ମୁଁ ତାଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ମୋ ପାଇଁ ପରିବାରବର୍ଗ ବହୁତ ତ୍ୟାଗ କରିଛନ୍ତି। ତେଣୁ ବିଶ୍ୱ ଟାଇଟଲ ବିଜୟ ମୋ ଅପେକ୍ଷା ସେମାନଙ୍କ ପାଇଁ ବହୁତ ବଡ଼ ଉପଲବ୍ଧି" ବୋଲି ଗୁକେଶ ପ୍ରକାଶ କରିଛନ୍ତି। ତେବେ ଟାଇଟଲ ଜିତିଗଲେ ବୋଲି ସେ ନୁହନ୍ତି, ବରଂ ନରୱେର ମ୍ୟାଗ୍ନସ କାର୍ଲସେନ ସମ୍ପ୍ରତି ବିଶ୍ୱର ଶ୍ରେଷ୍ଠ ଖେଳାଳି ବୋଲି ଗୁକେଶ କହିଛନ୍ତି।




## ଆଜିର ସମ୍ପାଦକୀୟ
**ଅସାଦ୍‌ଙ୍କ ପରେ ସିରିଆ**

**ଗର୍ଭବତୀଙ୍କୁ ଗୁଳିକରି ହତ୍ୟା**
ପୃଷ୍ଠା ୧



# ଏକକାଳୀନ ନିର୍ବାଚନ ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

## ସଂସଦର ଚଳିତ ଅଧିବେଶନରେ ଆସିପାରେ ସମ୍ବିଧାନ ସଂଶୋଧନ ବିଧେୟକ

ନୂଆଦିଲ୍ଲୀ, ୧୨।୧୨

ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡ଼ିକର ଭୋଟ ଏକସଙ୍ଗେ କରାଇବା ପାଇଁ ଉଦ୍ଦିଷ୍ଟ 'ୱାନ୍ ନେଶନ୍, ୱାନ୍ ଇଲେକ୍ସନ' ସମ୍ପର୍କିତ ବିଧେୟକକୁ ଗୁରୁବାର କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏ ସମ୍ପର୍କିତ ଚିଠା ବିଲ୍ ସଂସଦର ଚଳିତ ଶୀତ ଅଧିବେଶନରେ ଆଗତ କରାଯାଇପାରେ ବୋଲି ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷେ ଉକ୍ତ ବିଲ୍ ଆଗତ କରିବା ପୂର୍ବରୁ ବିସ୍ତୃତ ଆଲୋଚନାର ଆବଶ୍ୟକତା ରହିଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଏହି ପଦକ୍ଷେପକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

ନିର୍ବାଚନୀ ଖର୍ଚ୍ଚ ଓ ପ୍ରଶାସନିକ ବୋଝ ହ୍ରାସ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର 'ଏକ ଦେଶ, ଏକ ନିର୍ବାଚନ'କୁ ଗୁରୁତ୍ୱ ଦେଇଆସୁଛନ୍ତି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ସର୍ବଭାରତୀୟ ସ୍ତରରେ ଲୋକ ସଭା ସହ ବିଧାନସଭା ଏବଂ ପୌରପାଳିକା ଓ ପଞ୍ଚାୟତ ନିର୍ବାଚନ ପର୍ଯ୍ୟାୟ ଭିତ୍ତିରେ କରାଇବାକୁ ୨୦୨୪ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ଅର୍ଥାତ୍ ଗତ ମାର୍ଚ୍ଚରେ ସୁପାରିସ କରିଥିଲା। ସରକାର ଏହାକୁ ଗତ ସେପ୍ଟେମ୍ବରରେ ଗ୍ରହଣ କରିଥିଲେ। କିନ୍ତୁ କେନ୍ଦ୍ର କ୍ୟାବିନେଟ୍ ବର୍ତ୍ତମାନ ପାଇଁ କେବଳ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଏକସଙ୍ଗେ କରାଇବାକୁ ସମ୍ମତି ପ୍ରକାଶ କରିଛି। ତଦନୁଯାୟୀ ଏକକାଳୀନ ନିର୍ବାଚନ ସକାଶେ ସମ୍ବିଧାନ ସଂଶୋଧନ କରାଯିବ। ଏକକାଳୀନ ନିର୍ବାଚନ କରାଇବା ସକାଶେ ସମ୍ବିଧାନ ସଂଶୋଧନ ବିଲ୍‌କୁ ଆଗତ କରାଯିବ। ଏଥିପାଇଁ ରାଜ୍ୟଗୁଡ଼ିକର ଯେମିତି ଅନ୍ୟୁନ ୫୦% ସମର୍ଥନ ଆବଶ୍ୟକ ନ ପଡ଼ିବ, ଉକ୍ତ ବିଲ୍‌ରେ ସେହି ବ୍ୟବସ୍ଥା କରାଯାଇଛି।

ସେହିପରି କୋବିନ୍ଦ କମିଟି ସମ୍ବିଧାନରେ '୩୨୪ଏ' ନାମରେ ଏକ ନୂଆ ଅନୁଚ୍ଛେଦ ଯୋଡ଼ି ଲୋକ ସଭା, ବିଧାନସଭା ସହ ପୌର ଓ ପଞ୍ଚାୟତ ନିର୍ବାଚନ କରାଇବାକୁ ସାମ୍ବିଧାନିକ ବିଧେୟକ ଆଣିବା ପାଇଁ ଅନ୍ୟ ଏକ ପ୍ରସ୍ତାବ ଦେଇଥିଲେ। ଏଥିଲାଗି ରାଜ୍ୟ ବିଧାନସଭାଗୁଡ଼ିକର ଅଧା ସମର୍ଥନ ଆବଶ୍ୟକ ଥିବାରୁ ଏହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଶାସକ ଭାଜପା ଏବଂ ସହଯୋଗୀ ଦଳଗୁଡ଼ିକ ଏକକାଳୀନ ନିର୍ବାଚନକୁ ଗୁରୁତ୍ୱ ଦେଉଥିବାବେଳେ ଅନେକ ବିରୋଧୀ ଦଳ ଏହାକୁ ବିରୋଧ କରୁଛନ୍ତି। ସରକାରଙ୍କ କହିବା ହେଲା, ଏକକାଳୀନ ନିର୍ବାଚନ କରାଗଲେ ଦୀର୍ଘମିଆଦୀ ଭିତ୍ତିରେ ନିର୍ବାଚନୀ ଖର୍ଚ୍ଚ ହ୍ରାସ ପାଇବ। ଏଥିସହ ଦେଶର ବିଭିନ୍ନ ଭାଗରେ ବର୍ଷ ସାରା ପୃଥକ୍ ଭାବେ ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ପଡ଼ିବ ନାହିଁ। ପ୍ରକାଶ ଯେ, ୧୯୫୧ ଓ ୧୯୬୭ରେ ଭାରତରେ ଏକକାଳୀନ ନିର୍ବାଚନ କରାଯାଇଥିଲା।



ଆମେରିକାର କାଲିଫର୍ନିଆସ୍ଥିତ ମାଲିବୁ ଜଙ୍ଗଲରେ ସୋମବାରଠାରୁ ନିଆଁ ଲାଗିଛି। ଏଥିଯୋଗୁ ୪,୦୦୦ରୁ ଊର୍ଦ୍ଧ୍ୱ ଏକର ଜଙ୍ଗଲ ନଷ୍ଟ ହୋଇସାରିଲାଣି। ପ୍ରାୟ ୭,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ହେଲିକପ୍ଟର ଜରିଆ ପାଣି ସିଞ୍ଚନ କରାଯାଇ ନିଆଁ ଲିଭାଯାଉଛି।

# ରିଜିଜୁଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ

ନୂଆଦିଲ୍ଲୀ, ୧୨।୧୨

ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ରାଜ୍ୟସଭା ସଦସ୍ୟ ସାଗରିକା ଘୋଷ ଗୁରୁବାର କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି। ଏହି ପ୍ରସ୍ତାବକୁ ବିରୋଧୀ ଦଳଗୁଡ଼ିକର ୬୦ ଜଣ ସଦସ୍ୟ ସମର୍ଥନ କରିଛନ୍ତି। ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବା ପରେ ସାଗରିକା କହିଛନ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ହୋଇଥିବାରୁ ସଂସଦର ଶୀତ ଅଧିବେଶନକୁ ସୁଚାରୁ ରୂପେ ପରିଚାଳନା କରିବା ହେଉଛି ରିଜିଜୁଙ୍କର ଦାୟିତ୍ୱ। ହେଲେ ସେ ଏପରି କରିବା ପରିବର୍ତ୍ତେ ବିରୋଧୀ ସଦସ୍ୟମାନଙ୍କୁ ନେଇ ଅପମାନଜନକ ଟିପ୍ପଣୀ ଦେଇ ନିଜ ପଦର ଅପ ବ୍ୟବହାର କରିଛନ୍ତି। ତେଣୁ ଏପରି ବ୍ୟବହାର ପାଇଁ ରିଜିଜୁ ବିରୋଧୀ ସଦସ୍ୟଙ୍କୁ କ୍ଷମା ମାଗନ୍ତୁ ବୋଲି ସ୍ୱାଧିକାର ଭଙ୍ଗ ପ୍ରସ୍ତାବରେ ଦାବି କରାଯାଇଥିବା ସାଗରିକା କହିଛନ୍ତି। ପ୍ରକାଶ ଯେ, ବୁଧବାର ସଂସଦର ଅଧିବେଶନ ଚାଲିଥିବାବେଳେ ରିଜିଜୁ ବିରୋଧୀ ସଦସ୍ୟମାନଙ୍କୁ ନିନ୍ଦା କରି ସେମାନେ ସଂସଦର ସଦସ୍ୟ ହେବା ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ।

# ଆତ୍ମହତ୍ୟା ପାଇଁ ଉସୁକାଇବା ଲାଗି ଉତ୍ପୀଡ଼ନ ପର୍ଯ୍ୟାପ୍ତ ନୁହେଁ

ନୂଆଦିଲ୍ଲୀ, ୧୨।୧୨

ଜଣେ ବ୍ୟକ୍ତିଙ୍କୁ ଆତ୍ମହତ୍ୟା କରିବା ପାଇଁ କେବଳ ଉତ୍ପୀଡ଼ନକୁ ଆଧାରକରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଭିଯୁକ୍ତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଉସୁକାଇଥିଲେ ହିଁ ଆତ୍ମହତ୍ୟା ପାଇଁ ଦୋଷୀ କୁହାଯିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଗତ ୯ ତାରିଖରେ ବେଙ୍ଗାଲୁରୁରେ ୩୪ ବର୍ଷୀୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ପୂର୍ବରୁ ଲେଖିଥିବା ୨୪ ପୃଷ୍ଠା ସମ୍ବଳିତ ସୁଇସାଇଡ୍ ନୋଟ୍‌ରେ ସ୍ତ୍ରୀ ନିକିତା ସିଂଘାନିଆ ଓ ଶ୍ୱଶୁରଘର ଲୋକଙ୍କ ନିର୍ଯାତନାକୁ ଦାୟୀ କରିଥିଲେ। ଏହା ପରେ ନିକିତା, ତାଙ୍କ ମା' ନିଶା ଓ ବାପା ଅନୁରାଗ ଓ ଦାଦା ସୁଶୀଲଙ୍କ ବିରୋଧରେ ଅତୁଲଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ନେଇ ମାମଲା ରୁଜୁ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ସଦ୍ୟ ରାୟ ବିଶେଷ ତାତ୍ପର୍ଯ୍ୟ ବହନ କରେ।

ଆଲୋଚ୍ୟ ପ୍ରସଙ୍ଗ ଗୁଜରାଟର। ୨୦୨୧ରେ ଗୁଜରାଟର ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିବା ପରେ ଏଥିପାଇଁ ତାଙ୍କ ସ୍ୱାମୀଙ୍କୁ ଦାୟୀ କରାଯାଇଥିଲା। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ନିର୍ଯାତନା ସହି ନ ପାରି ମହିଳା ଜଣକ ଜୀବନ ହାରିଦେଇଥିବା ଆବେଦନରେ ଦର୍ଶାଯାଇଥିଲା। ଶ୍ୱଶୁର ଘର ଦୋଷମୁକ୍ତ ହେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁଜରାଟ ହାଇକୋର୍ଟ ମନା କରିଦେବାରୁ ସେମାନେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଜଷ୍ଟିସ୍ ବିକ୍ରମ ନାଥ ଏବଂ ପି.ବି. ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ଗତ ୧୦ରେ ପ୍ରକାଶିତ ରାୟରେ ଖଣ୍ଡପୀଠ କହିଛନ୍ତି, ଆଇପିସି ଦଫା ୩୦୬ ବଳରେ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ହେଲେ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଜରୁରୀ। ଆତ୍ମହତ୍ୟା ପାଇଁ ସେ ଉସୁକାଇଥିବା ନେଇ ପର୍ଯ୍ୟାପ୍ତ ପ୍ରମାଣ ଆବଶ୍ୟକ। ତେଣୁ ଖଣ୍ଡପୀଠ ଆଇପିସି ଦଫା ୪୮୯-ଏ (ବିବାହିତା ମହିଳାଙ୍କ ପ୍ରତି କ୍ରୂରତା)ରୁ ୩ ଜଣଙ୍କୁ ଦୋଷମୁକ୍ତ ଘୋଷଣା କରିଛନ୍ତି। ଏହାର ଦିନକ ପରେ ଏକ ବିବାହ ବିଚ୍ଛେଦ ମାମଲାର ଶୁଣାଣି ବେଳେ ଖଣ୍ଡପୀଠ ଭରଣପୋଷଣ ରାଶି ଧାର୍ଯ୍ୟ କରାଯିବା ଉପରେ ୮ଟି ବିନ୍ଦୁ ସ୍ଥିର କରିଛନ୍ତି। ସେଗୁଡ଼ିକ ହେଲା:

- ▶▶ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ସାମାଜିକ ତଥା ଆର୍ଥିକ ସ୍ଥିତି
- ▶▶ ଭବିଷ୍ୟତରେ ସ୍ତ୍ରୀ ଓ ପିଲାଙ୍କ ମୌଳିକ ଆବଶ୍ୟକତା
- ▶▶ ଉଭୟ ପକ୍ଷଙ୍କ ଶିକ୍ଷାଗତ ଯୋଗ୍ୟତା ଓ ନିଯୁକ୍ତି ସ୍ଥିତି
- ▶▶ ଉଭୟଙ୍କ ଆୟର ଉତ୍ସ ଓ ସମ୍ପତ୍ତି
- ▶▶ ସ୍ତ୍ରୀ ସ୍ୱାମୀଙ୍କ ଘରେ ଥିବାବେଳେ ତାଙ୍କର ଜୀବନଶୈଳୀ
- ▶▶ ସ୍ତ୍ରୀଙ୍କ ନିଯୁକ୍ତି ଯୋଗ୍ୟତା
- ▶▶ ସ୍ତ୍ରୀ ଚାକିରି କରୁ ନ ଥିଲେ ତାଙ୍କ ଆଇନଗତ ଖର୍ଚ୍ଚକୁ ସାମିଲ କରାଯିବ
- ▶▶ ସ୍ୱାମୀଙ୍କ ଆର୍ଥିକ ସ୍ଥିତି, ଆୟ ଓ ଉତ୍ତରଦାୟିତ୍ୱ ସାଙ୍ଗକୁ ଭରଣପୋଷଣ ଭତ୍ତାର ପ୍ରଭାବ।

# 'ସିଇ୨୦' କ୍ରାୟୋଜେନିକ୍ ଇଞ୍ଜିନର ସଫଳ ପରୀକ୍ଷଣ

ଚେନ୍ନାଇ, ୧୨।୧୨

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ)କୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ତାମିଲନାଡୁର ମହେନ୍ଦ୍ରଗିରିସ୍ଥିତ ପ୍ରପଲ୍‌ସନ କମ୍ପଲେକ୍ସରୁ ଇସ୍ରୋ ବହୁ ପ୍ରତୀକ୍ଷିତ ସ୍ୱଦେଶୀ 'ସିଇ୨୦' କ୍ରାୟୋଜେନିକ୍



ଇଞ୍ଜିନର ସଫଳ ସି ଲେଭଲ ପରୀକ୍ଷଣ କରିଛି। ଏହି ପରୀକ୍ଷଣ ସମୟରେ ଇଞ୍ଜିନକୁ ରିଷ୍ଟାର୍ଟ କରିବା ପାଇଁ ଜରୁରୀ ମଲ୍ଟି-ଏଲିମେଣ୍ଟ ଇଗ୍ନାଇଟରର କାର୍ଯ୍ୟଦକ୍ଷତାକୁ ମଧ୍ୟ ପରୀକ୍ଷା କରାଯାଇଥିଲା। ସ୍ୱଦେଶୀ ଭାବରେ ବିକଶିତ ହୋଇଥିବା 'ସିଇ୨୦' କ୍ରାୟୋଜେନିକ୍ ଇଞ୍ଜିନକୁ ଇସ୍ରୋର ଲିକ୍ୟୁଡ୍ ପ୍ରପଲସନ ସିଷ୍ଟମ ସେଣ୍ଟର ପ୍ରସ୍ତୁତ କରିଛି। 'ସିଇ୨୦' କ୍ରାୟୋଜେନିକ୍ ଇଞ୍ଜିନ ଇସ୍ରୋର ଏଲ୍‌ଭିଏମ୍-୩ ଲଞ୍ଚ ଯାନର ଉପର ପର୍ଯ୍ୟାୟକୁ ଶକ୍ତି ପ୍ରଦାନ କରିଥାଏ। ଏହି ଇଞ୍ଜିନ ସହ ଗଗନଯାନ ମିଶନର ମଧ୍ୟ ଲଞ୍ଚ କରାଯିବ। 'ସିଇ୨୦' କ୍ରାୟୋଜେନିକ୍ ଇଞ୍ଜିନର ସଫଳ ବ୍ୟବହାର ପରେ ଭାରି ସାଟେଲାଇଟଗୁଡ଼ିକୁ ପରୀକ୍ଷଣ କରିବା ପାଇଁ ଭାରତକୁ ଆଉ ଅନ୍ୟ ଦେଶଗୁଡ଼ିକର ସହାୟତା ଆବଶ୍ୟକ ପଡ଼ିବ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# ଦିଲ୍ଲୀରେ ମହିଳାଙ୍କୁ ମିଳିବ ମାସିକ ହଜାରେ

## ନିର୍ବାଚନ ପରେ ୨୧୦୦ ଟଙ୍କା: କେଜ୍‌ରିୱାଲ

ନୂଆଦିଲ୍ଲୀ, ୧୨।୧୨

ଦିଲ୍ଲୀରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ମହିଳାଙ୍କୁ ନିଜ ବ୍ୟାଙ୍କ ଆକାଉଣ୍ଟରେ ମାସିକ ହଜାରେ ଟଙ୍କା ମିଳିବ। ଗୁରୁବାର ଦିଲ୍ଲୀ ସରକାରଙ୍କ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଛି। ଏନେଇ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। କେଜ୍‌ରିୱାଲ କହିଛନ୍ତି, ଗତ ନିର୍ବାଚନରେ ଆପ୍ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଇଛି। ମହିଳା ସମ୍ମାନ ନିଧି ଯୋଜନା ମାଧ୍ୟମରେ ଦିଲ୍ଲୀର ପ୍ରତ୍ୟେକ ମହିଳା ମାସିକ ହଜାରେ ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇପାରିବେ। ଏଥିପାଇଁ ମହିଳାମାନଙ୍କୁ ପଞ୍ଜୀକରଣ କରିବାକୁ ପଡ଼ିବ। ଶୁକ୍ରବାରଠାରୁ ମହିଳା ସମ୍ମାନ ନିଧି ଯୋଜନା ପାଇଁ ପଞ୍ଜୀକରଣ ଆରମ୍ଭ ହେବ ବୋଲି କେଜ୍‌ରିୱାଲ ସୂଚନା ଦେଇଛନ୍ତି। ତେବେ ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନ ଜିତିବା ପରେ ଏହି ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତାକୁ ହଜାରେ ଟଙ୍କାରୁ ବୃଦ୍ଧି କରାଯାଇ ୨୧୦୦ ଟଙ୍କା କରାଯିବ ବୋଲି କେଜ୍‌ରିୱାଲ ଦିଲ୍ଲୀବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ ନେପାଳ ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୨।୧୨



ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନେପାଳ ସେନା ମୁଖ୍ୟ ଅଶୋକ ରାଜ୍ ସିଗଦେଲଙ୍କୁ ଭାରତୀୟ ସେନାର ସମ୍ମାନଜନକ ଜେନେରାଲ ର୍ୟାଙ୍କ୍ ପ୍ରଦାନ କରିଛନ୍ତି। ଭାରତ ଓ ନେପାଳ ମଧ୍ୟରେ ରହିଥିବା ଦୀର୍ଘଦୀନର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ସିଗଦେଲଙ୍କ ରହିଥିବା ଅବଦାନକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ପ୍ରତି ୪ ଦିନିଆ ଭାରତ ଗସ୍ତରେ ଥିବା ସିଗଦେଲ ଆସନ୍ତା ୧୪ରେ ନେପାଳ ଫେରିବେ।

# କିଙ୍ଗ୍, କୁଇନ୍ ହେବା ପାଇଁ ପ୍ରିନ୍ସ ୱିଲିୟମ, ପ୍ରିନ୍ସେସ୍ କେଟ୍‌ଙ୍କ ପ୍ରସ୍ତୁତି

ଲଣ୍ଡନ, ୧୨।୧୨

ବ୍ରିଟେନ୍‌ର ୱେଲ୍ସ ଯୁବରାଜ ୱିଲିୟମ (୪୨) ଓ ଯୁବରାଣୀ କେଟ୍ ମିଡିଲଟନ୍ (୪୨) କିଙ୍ଗ୍ ଓ କୁଇନ ହେବା ପାଇଁ ପ୍ରସ୍ତୁତି କରୁଛନ୍ତି ବୋଲି ଗୁରୁବାର ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ରୟାଲ ବାୟୋଗ୍ରାଫର ସାଲି ସ୍ମିଥ୍‌ଙ୍କ ସୂଚନା ଆଧାରରେ ଏହି ରିପୋର୍ଟରେ କୁହାଯାଇଛି, ୱେଲ୍ସର କିଙ୍ଗ୍ ଓ କୁଇନ୍ ହେବା ପାଇଁ ଉଭୟ ୱିଲିୟମ ଓ କେଟ୍ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଗତ ଫେବୃଆରୀରୁ କିଙ୍ଗ୍ ଅଫ୍ ୱେଲ୍ସ ଚାର୍ଲସ୍ ତୃତୀୟ (୭୬) କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ଯଦିଓ କିଙ୍ଗ୍ ଚାର୍ଲ୍ସ ଦୃଢ଼ ସଂକଳ୍ପର ସହ ନିଜ କର୍ତ୍ତବ୍ୟକୁ ସମ୍ପାଦନ କରୁଛନ୍ତି, ତଥାପି କର୍କଟ ରୋଗର ଚିକିତ୍ସା ଚାଲିଥିବାରୁ ତାଙ୍କୁ ଏକ ସୀମିତ ସୀମା ମଧ୍ୟରେ କାର୍ଯ୍ୟ କରିବାକୁ ପଡୁଛି। ପରିଣାମ ସ୍ୱରୂପ ୱିଲିୟମ ଅଧିକ ଦାୟିତ୍ୱ ଗ୍ରହଣ କରୁଛନ୍ତି ଏବଂ ସେ ଓ କେଟ୍ ସେମାନଙ୍କର ଭବିଷ୍ୟତର ଭୂମିକା ପାଇଁ ସମୟ



ୱେଲ୍ସ ପ୍ରିନ୍ସ ୱିଲିୟମ ଓ ପ୍ରିନ୍ସେସ୍ କେଟ୍ ମିଡିଲଟନ୍

ପୂର୍ବରୁ ପ୍ରସ୍ତୁତ ହେଉଥିବା ଏହି ରିପୋର୍ଟ କହିଛି। କର୍କଟ ରୋଗରେ ଆକ୍ରାନ୍ତ ହେଲା ପରେ ଚାର୍ଲ୍ସଙ୍କୁ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀକୁ ବହୁଳ ମାତ୍ରାରେ କାଟିବାକୁ ପଡ଼ିଛି। ଫଳରେ ତାଙ୍କ ବଡ଼ ପୁଅ ୱିଲିୟମ ବିଭିନ୍ନ ହାଇ ପ୍ରୋଫାଇଲ ଇଭେଣ୍ଟରେ କିଙ୍ଗ୍ ଅଫ୍ ୱେଲ୍ସଙ୍କ ପ୍ରତିନିଧି ଭାବେ ଯୋଗ ଦେଉଛନ୍ତି। ନିକଟରେ ପ୍ୟାରିସ୍‌ରେ ଆୟୋଜିତ 'ନୋଟ୍ରେ ଡେମ୍ କ୍ୟାଥେଡ୍ରାଲ'ର ପୁନଃ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କିଙ୍ଗ୍ ଚାର୍ଲସ୍ ତୃତୀୟ ସ୍ୱାସ୍ଥ୍ୟଗତ କାରଣରୁ ଯୋଗଦେଇ ପାରି ନ ଥିଲେ। ତେଣୁ ପ୍ରିନ୍ସ ୱିଲିୟମ ଏହି କାର୍ଯ୍ୟକ୍ରମରେ କିଙ୍ଗ୍ ଅଫ୍ ୱେଲ୍ସଙ୍କର ପ୍ରତିନିଧିତ୍ୱ କରିଥିଲେ।

ପ୍ରିନ୍ସେସ୍ ଅଫ୍ ୱେଲ୍ସ କେଟ୍ ଗତ ମାର୍ଚ୍ଚରେ କ୍ୟାନ୍‌ସର ପୀଡ଼ିତ ଥିବା ନେଇ ଘୋଷଣା କରିଥିଲେ। ଏଥିପାଇଁ ସେ ପ୍ରତିଷେଧକ ସ୍ୱରୂପ କେମୋଥେରାପି ନେଉଥିବା ଜଣାଇଥିଲେ। କ୍ୟାନ୍‌ସରରେ ପୀଡ଼ିତ ଥିବାରୁ ଚଳିତବର୍ଷ ତାଙ୍କୁ ସର୍ବସାଧାରଣ ସ୍ଥାନରେ ବିଶେଷ ଭାବେ ଦେଖିବାକୁ ମିଳି ନ ଥିଲା। ତେବେ ତାଙ୍କ କେମୋଥେରାପି ଶେଷ ହୋଇଛି ଏବଂ ସେ କ୍ୟାନ୍‌ସର ମୁକ୍ତ ରହିବା ଉପରେ ଫୋକସ୍ କରୁଛନ୍ତି ବୋଲି ଗତ ସେପ୍ଟେମ୍ବରରେ କେଟ୍ ସୂଚନା ଦେଇଥିଲେ। ତେଣୁ ସମ୍ପ୍ରତି କେଟ୍‌ଙ୍କ ସ୍ୱାସ୍ଥ୍ୟକୁ ୱିଲିୟମ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ସେଥିପାଇଁ ସେ ଅଧିକ ସମୟ ପରିବାର ସହ ବିତାଉଛନ୍ତି। ଫଳରେ ୱିଲିୟମଙ୍କୁ ଭବିଷ୍ୟତର ଭୂମିକା ପାଇଁ ଅଧିକ ଚିନ୍ତା କରିବାର ସମୟ ମିଳିଛି ବୋଲି ସ୍ମିଥ୍ କହିଛନ୍ତି।

ଫୁରସତ

# ବିବାହକଲେ କୀର୍ତ୍ତି



**ପଣଜୀ:** ଅଭିନେତ୍ରୀ କୀର୍ତ୍ତି ସୁରେଶ ଗୁରୁବାର ନିଜ ଦୀର୍ଘ ଦିନର ପ୍ରେମିକ ତଥା ଦୁବାଇର ଉଦ୍ୟୋଗୀ ଆଣ୍ଟୋନି ଥାଟ୍ଟିଲଙ୍କୁ ବିବାହ କରିଛନ୍ତି। ଗୋଆରେ ଏକ ହୋଟେଲରେ ଆୟୋଜିତ ଏହି ବିବାହ ଉତ୍ସବରେ ଉଭୟ କୀର୍ତ୍ତି ଓ ଆଣ୍ଟୋନିଙ୍କର ପରିବାର ବର୍ଗ ଓ ନିକଟ ସମ୍ପର୍କୀୟ ଯୋଗ ଦେଇଥିଲେ। ସେହିପରି ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର କିଛି ତାରକା ମଧ୍ୟ ଏହି ବିବାହ ଉତ୍ସବରେ ଯୋଗଦେଇ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୀର୍ତ୍ତି ତାଙ୍କ ବିବାହ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସାଉଥ ସୁପରଷ୍ଟାର ବିଜୟ ମଧ୍ୟ ଏହି ବିବାହରେ ଯୋଗ ଦେଇଥିବାର ନଜରକୁ ଆସିଛନ୍ତି। ଏହି ପୋଷ୍ଟରେ ଅନେକ ତାରକାଙ୍କ ସହ କୀର୍ତ୍ତିଙ୍କର ବହୁ ପ୍ରଶଂସକ କମେଣ୍ଟ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ଅନେକ ତାମିଲ, ତେଲୁଗୁ ଏବଂ ମାଲୟାଲମ ଫିଲ୍ମରେ ନିଜ ଅଭିନୟର ଜଲୱା ଦେଖାଇଥିବା କୀର୍ତ୍ତିଙ୍କୁ ଖୁବ୍‌ଶୀଘ୍ର 'ବେବି ଜନ୍' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରୁଥିବାର ଦେଖିବାକୁ ମିଳିବ। ଏହି ଫିଲ୍ମ ଆସନ୍ତା ୨୫ରେ ରିଲିଜ୍ ହେବାକୁ ଯାଉଛି।



୫୧
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୩/୨୦୨୪ | Bhubaneswar, Friday, December 13/2024 | ପୃଷ୍ଠା-୧

# ଯୁବ ଖେଳାଳିଙ୍କ ପାଇଁ ଯୁଗାନ୍ତକାରୀ ସୁଯୋଗ: ମୁଖ୍ୟମନ୍ତ୍ରୀ

## ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ

## ବିଶ୍ୱ କ୍ରୀଡ଼ାଜଗତ ପାଇଁ ମାଇଲଖୁଣ୍ଟ: ବିଶ୍ୱଶର୍ମା

ଭୁବନେଶ୍ୱର,୧୨।୧୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଡାଲମିଆ ଭାରତ ଗୋପୀଚନ୍ଦ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପୀଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଲେଲା ଗୋପୀଚନ୍ଦ ବ୍ୟାଡ୍‌ମିଣ୍ଟନ ଫାଉଣ୍ଡେଶନ ଏବଂ ଡାଲମିଆ ଭାରତ ଗ୍ରୁପ୍‌ର ସହଯୋଗରେ ଭୁବନେଶ୍ୱରରେ ଏହି ସେଣ୍ଟର ପ୍ରତିଷ୍ଠା ଦ୍ୱାରା ଓଡ଼ିଶାର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି ହୋଇଛି। ଦେଶର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ସେମାନେ ଅଦମ୍ୟ ପ୍ରଚେଷ୍ଟା ବଳରେ କ୍ରୀଡ଼ାର ବିଶ୍ୱ ମଞ୍ଚରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଦେଶକୁ ଗୌରବାନ୍ୱିତ କରିଛନ୍ତି। ☞ପୃଷ୍ଠା-୨




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କିମ୍ବଦନ୍ତୀ ଖେଳାଳି ପୁଲେଲା ଗୋପୀଚାନ୍ଦ ଓ ଅନ୍ୟ ଅତିଥିବୃନ୍ଦ। **(ଫଟୋ: ବିକାଶ ନାୟକ)**

# ଗର୍ଭବତୀଙ୍କୁ ଗୁଳିକରି ହତ୍ୟା

## ସନ୍ଦେହ: ଲୁଟ୍ ପାଇଁ ହତ୍ୟା ନା ହତ୍ୟା ପାଇଁ ଷଡ଼ଯନ୍ତ୍ର

ବଣାଇଁ,୧୨।୧୨
(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ଝିର୍ଡାପାଲୀ ଗ୍ରାମରେ ବୁଧବାର ଜଣେ ୭ ମାସର ଗର୍ଭବତୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତା ମହିଳା ହେଲେ ସାମ୍ୟମୟୀ (୩୧)। ଦୁର୍ବୃତ୍ତମାନେ ଲୁଟ୍ କରିବାକୁ ଆସି ସାମ୍ୟମୟୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ୱାମୀ ଦେବେନ ବେହେରା କହୁଥିବାବେଳେ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ଟିକାୟତପାଲି ଥାନା ପୋଲିସ ଏକ ହତ୍ୟା ମାମଲା ( ନଂ. ୮୭/୨୦୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଖବର ଲେଖା ହେବା ସୁଦ୍ଧା ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ। ଗୁଳି ଯୋଗୁ ତାଙ୍କର କେଉଁ ଅଙ୍ଗ ପ୍ରଭାବିତ ହୋଇଛି ତାହା ଜାଣିବା ପାଇଁ ହାଇ କ୍ୱାଲିଟି ଏକ୍ସ-ରେ ନିମନ୍ତେ ମୃତଦେହକୁ ସୁନ୍ଦରଗଡ଼ ପଠାଯାଇଥିଲା।

ସାମ୍ୟମୟୀଙ୍କ ସ୍ୱାମୀ ଦେବେନଙ୍କ କହିବାନୁଯାୟୀ, ବୁଧବାର ରାତିରେ ସେମାନେ ସ୍ୱାମୀସ୍ତ୍ରୀ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଶୌଚ ହେବା ପାଇଁ ସାମ୍ୟମୟୀ ଉଠିଥିଲେ। ଘରର ମୁଖ୍ୟ କବାଟ କେହି ବାଡ଼େଇବା ଶବ୍ଦ ଶୁଣି ସେ କବାଟ ଖୋଲିଥିଲେ। ଏହାପରେ ଚିତ୍କାର ଓ ଗୁଳି ଫୁଟିବା ଶବ୍ଦ ଶୁଣି ଦେବେନ ବାହାରକୁ ଆସି ଦେଖିଲା ବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାମ୍ୟମୟୀ ତଳେ ପଡ଼ିଥିଲେ। ତାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ୍ ଲୁଟି ନେବା ପରେ ଗୁଳିମାଡ଼ କରିଥିଲେ ବୋଲି ଦେବେନ କହିଛନ୍ତି। ତାଙ୍କ କହିବାନୁଯାୟୀ ପଡ଼ୋଶୀଙ୍କ ସହାୟତାରେ ତୁରନ୍ତ ସାମ୍ୟମୟୀଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ସାମ୍ୟମୟୀଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ତାଙ୍କ ବାପା ପୀତାମ୍ବର ବେହେରା ଅଭିଯୋଗ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ସାମ୍ୟମୟୀଙ୍କ ବାପଘର ଛେଣ୍ଡିପଦା ଓ ସେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମ୍ପର୍କୀୟା ଭଉଣୀ ବୋଲି ଜଣାପଡ଼ିଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ପୀତାମ୍ବର ବେହେରାଙ୍କ ଏତଲାରେ ଦର୍ଶାଯାଇଛି, ୨୦୨୪ ଫେବୃଆରୀ ୭ରେ ଝିଅର ବିବାହ ହୋଇଥିଲା। ଝିଅ ୭ମାସର ଗର୍ଭବତୀ ଥିଲା। ବୁଧବାର ବିଳମ୍ବିତ ରାତିରେ ଦେବେନଙ୍କ ଜଣେ ମାଉସୀ ଫୋନ କରି କହିଥିଲେ, କେହି ଅଜଣା ବ୍ୟକ୍ତି ସାମ୍ୟମୟୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। କ୍ୱାଇଁ କି ଶ୍ୱଶୁର ଶାଶୁ ତାଙ୍କୁ ନ ଜଣାଇବା ଘଟଣାକୁ ଅଧିକ ରହସ୍ୟମୟ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।



ସାମ୍ୟମୟୀ

# ମୋଟୁରେ ଏନ୍ଆଇଏ ଟିମ୍‌ର ଚଢ଼ାଉ

ମାଲକାନଗିରି/ଏମ୍‌ଭି୭୯,୧୨।୧୨
(ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)

ମାଲକାନଗିରି ଜିଲା ଏବଂ ଛତିଶଗଡ଼ ସୁକ୍‌ମାର ଦୁଇଟି ସ୍ଥାନରେ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍ଆଇଏ) ଟିମ୍ ଗୁରୁବାର ଚଢ଼ାଉ କରିଛି। ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଗତ ଅନନ୍ତପଲ୍ଲୀ ଗାଁର ଡେବିଡ ରାଜୁଙ୍କ ଘରେ ଟିମ୍ ଚଢ଼ାଉ କରିଛି। ଗତ ଜାନୁଆରୀରେ ରାଜୁଙ୍କୁ ଆନ୍ଧ୍ରର ଚିନ୍ତୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ରାଜୁ ପେସାରେ ଜଣେ ମାଛ ବ୍ୟବସାୟୀ ହୋଇଥିବାବେଳେ ସାବେରୀ ନଦୀରୁ ମାଛ ଧରି ଚିନ୍ତୁର ଅଞ୍ଚଳରେ ବିକ୍ରି କରିଥାନ୍ତି। ତେବେ ମାଛ ବିକ୍ରି କରିବାକୁ ଯିବାବେଳେ ରାଜୁଙ୍କ ବାଇକ୍‌ରୁ ଡିଟୋନେଟର ଭଳି ବିସ୍ଫୋରକ ଜବତ ହୋଇଥିଲା। ରାଜୁ ମାଓବାଦୀଙ୍କୁ ଏହି ସାମଗ୍ରୀ ଦେଇ ସହଯୋଗ କରୁଥିବା ଅଭିଯୋଗରେ ତାଙ୍କୁ ଗତ ଜାନୁଆରୀରେ ପୋଲିସ ଗିରଫ କରିଥିଲା। ୬ମାସ ଜେଲରେ କଟାଇ ଏବେ ସେ ଘରେ ଥିବା ବେଳେ ଗୁରୁବାର ଭୋରରୁ ଏନ୍ଆଇଏର ଟିମ୍ ତାଙ୍କ ଘରେ ଚଢ଼ାଉ କରିଥିଲା। ଘରେ ଥିବା ଦାମୀ ଜିନିଷ କେଉଁଠୁ ଆସିଲା, ଆଉ ମାଓବାଦୀଙ୍କ ସହ ତାଙ୍କର ସମ୍ପର୍କ ଅଛି କି ନାହିଁ ସେନେଇ ଏନ୍ଆଇଏ ଟିମ୍ ରାଜଙ୍କୁ ପଚରାଉଚୁରା କରିଥିବା ଜଣାପଡ଼ିଛି। ସେହିପରି ଛତିଶଗଡ଼ ସୁକ୍‌ମା ସହରର ଦୁଇଟି ସ୍ଥାନରେ ମଧ୍ୟ ଏନ୍ଆଇଏ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମାଓବାଦୀ କାର୍ଯ୍ୟକଳାପ ନେଇ ଏହି ଚଢ଼ାଉ ହୋଇଥିବା ସୂଚନା ମିଳିଛି। ଛତିଶଗଡ଼ ସୁକ୍‌ମାରେ ୨ ବ୍ୟବସାୟୀଙ୍କ ଘରେ ଚଢ଼ାଉ ହୋଇଥିବା ବେଳେ ଜଣେ ସାପ୍ତାହିକ ବଜାରରେ ବ୍ୟବସାୟ କରୁଥିବା ସହ ଅନ୍ୟ ଜଣେ ଟ୍ରାନ୍ସପୋର୍ଟ ବ୍ୟବସାୟ କରୁଥିବା ଜଣାପଡ଼ିଛି। ଏମାନେ ମାଓବାଦୀ କାର୍ଯ୍ୟକଳାପରେ ସାମିଲ ଥିବା ଅଭିଯୋଗରେ ସେମାନଙ୍କୁ ପୋଲିସ ଗତ ସେପ୍ଟେମ୍ବର ୨୬ରେ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେହି ଆଧାରରେ ଉଭୟଙ୍କ ବାସଭବନରେ ହାଇଦ୍ରାବାଦର ଏନ୍ଆଇଏ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।

# ଏନ୍‌କାଉଣ୍ଟରରେ ୭ ମାଓବାଦୀ ନିହତ

ମାଲକାନଗିରି,୧୨।୧୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ଅବୁଜମାଡ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ମାଓବାଦୀମାନଙ୍କ ମଧ୍ୟର ଗୁରୁବାର ହୋଇଥିବା ଏନ୍‌କାଉଣ୍ଟରରେ ୭ ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ସେମାନଙ୍କ ମୃତଦେହ ଜବତ କରାଯାଇଛି। ପୋଲିସ ଅଧିକାରୀଙ୍କ ସୂଚନାନୁସାରେ, ମାଓବାଦୀ ବିରୋଧୀ ଅପରେଶନରେ ନାରାୟଣପୁର, କୋଣ୍ଡାଗାଓନ୍, ଜଗଦଲପୁର ଏବଂ ଦାନ୍ତେୱାଡା ଜିଲାରୁ ଡିଆର୍‌ଜି ଟିମ୍ ସହ ଏସ୍‌ଟିଏଫ୍ ଏବଂ ସିଆର୍‌ପିଏଫ୍‌ର ମିଳିତ ଦଳ ଅବୁଜମାଡ ଜଙ୍ଗଲକୁ ଯାଇଥିଲେ। ତଲାସି ବେଳେ ଗୁରୁବାର ଭୋର ସମୟରେ ଜଙ୍ଗଲରେ ଲୁଚିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହା ପରେ ସୁରକ୍ଷା ବାହିନୀ ମଧ୍ୟ ପ୍ରତି ଆକ୍ରମଣ କରିଥିଲେ। ଉଭୟ ପାର୍ଶ୍ୱରୁ ଗୁଳି ବିନିମୟରେ ଯବାନଙ୍କୁ ସାମ୍ନାକରି ନ ପାରି ମାଓବାଦୀମାନେ ସେଠାରୁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଘଟଣାସ୍ଥଳରେ ୭ ମାଓବାଦୀ ନିହତ ହୋଇଥିଲେ।

# ରାଧାକୃଷ୍ଣଙ୍କୁ ଲାଗିହେଲା ୮୫୧ ପ୍ରକାର ବ୍ୟଞ୍ଜନ



ପୁରୀ,୧୨।୧୨(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ବୈଷ୍ଣବ ସମ୍ପ୍ରଦାୟରେ ଅତି ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀଗୌରବିହାର ଆଶ୍ରମ (ମାତା ମଠ) ପରିସରରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୮୫୧ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇଥିଲେ। ଦାସମହାରାଜଙ୍କ କହିବା ଅନୁଯାୟୀ, ୨୦୧୭ରେ ୬୧୧, ୨୦୧୮ରେ ୬୩୫ ଓ ୨୦୧୯ରେ ୬୭୫, ୨୦୨୦ରେ ମହାମାରୀ କରୋନା କଟକଣା ମଧ୍ୟରେ ୧୫୧ ପ୍ରକାର, ୨୦୨୨ରେ ୭୦୧ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ୮୫୧ ପ୍ରକାର ବ୍ୟଞ୍ଜନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ପ୍ରକାରର ଅନ୍ନ, ଡାଲି, ତରକାରୀ, ୫୦ ପ୍ରକାରର ଭଜା, ୨୫ ପ୍ରକାରର ଶାଗ, ୨୩୩ ପ୍ରକାର ଚଟଣୀ, ବିଭିନ୍ନ ପ୍ରକାର ଖିରୀ, ମିଠା , କଟୋଡ଼ି ପ୍ରସ୍ତୁତ କରାଯାଇଥିଲା। ପୂର୍ବରାତି ୧୨ଟା ପରେ ସମସ୍ତ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରସ୍ତୁତିରେ ପୁରୀ, ପଶ୍ଚିମବଙ୍ଗ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି ସହଯୋଗ କରିଥିଲେ। ଦ୍ୱାଦଶୀ ବ୍ୟଞ୍ଜନକୁ ନେଇ ଜନଶ୍ରୁତି ରହିଛି। ଦ୍ୱାପର ଯୁଗରେ ମାଆ ଯଶୋଦା ତାଙ୍କୁ ପୁଅ କୃଷ୍ଣଙ୍କ ଦେହ ଝଡ଼ିଯାଇଥିବାରୁ ନିଜେ ନାନାଦି ପ୍ରକାର ପୁଷ୍ଟିକର ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ ତାଙ୍କୁ ପରଷି ଦେଇଥିଲେ। ସେହିପରି ଚୈତନ୍ୟ ମହାପ୍ରଭୁ ବାଲ୍ୟକାଳରେ ତାଙ୍କ ମା' ସଚିଦେବୀ ଏହିଦିନ ବହୁବିଧ ବ୍ୟଞ୍ଜନ ଖୁଆଇଥିବାର କଥା ରହିଛି। ଜନଶ୍ରୁତିକୁ ଆଧାର କରି ଗୌଡ଼ୀୟ ବୈଷ୍ଣବ ଏହି ଦିନ ଅତି ନିଷ୍ଠାର ସହିତ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ପ୍ରସାଦ ସେବନ କରିଥିଲେ।

DSPL-251



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିଯୁକ୍ତି ମେଳା

ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ମନୋନୀତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର
୮୫ ଜଣ ହୋମିଓପାଥିକ୍ ମେଡିକାଲ ଅଫିସର ଓ
୨୩୯ ଜଣ ରେଡିଓଗ୍ରାଫର ଏବଂ
ଉଚ୍ଚ ଶିକ୍ଷା ବିଭାଗର ୫୨ ଜଣ ନବ ନିଯୁକ୍ତ ଅଧ୍ୟାପକ (ଏସ୍.ଏସ୍.ବି)ଙ୍କୁ
ନିଯୁକ୍ତିପତ୍ର ପ୍ରଦାନ

କନ୍‌ଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
୧୩ ଡିସେମ୍ବର ୨୦୨୪, ସକାଳ ଘ.୧୦.୩୦ ମି.

ଉଚ୍ଚ ଶିକ୍ଷା ବିଭାଗ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10001/13/0014/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଠିକା ମଜଦୂର ମହାସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, କେଦାରଗୌରୀ ବିହାର ପକ୍ଷରୁ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ସନ୍ଧାନ ୨୦୨୪-୨୫, ସ୍ଥାନ: ପଠାଣି ସାମନ୍ତ ପ୍ଲାନେଟୋରିୟମ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ଅପରାହ୍ନ ୧ଟା ୩୦।
- ୟୁନିକ୍ ଇନ୍‌ଫୋ ସଲ୍ୟୁଶନ୍‌ସ କାର୍ଯ୍ୟକ୍ରମ, ସ୍ଥାନ: ଫର୍ଚୁନ ପାର୍କ, କଳ୍ପନା ଛକ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ପବ୍ଲିକ ଲାଇବ୍ରେରୀ କନ୍‌ଫରେନ୍ସ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ୱେଲଫେୟାର ଆସୋସିଏଶନ ଓ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଶୀତଲ, ସମୟ: ଅପରାହ୍ନ ୪ଟା।
- ଗୀତା ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ସଂଭାବନା ଓଡ଼ିଆ ଅଭିଯାନର ୨୦ ବର୍ଷ ପାଳନ 'ବିଂଶ ବିଶେଷ: ଓଡ଼ିଆ ଉତ୍ସବ', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଅପୂର୍ବା ପୁସ୍ତକମେଳା ସାରସ୍ୱତ ସମ୍ମାନ, ସ୍ଥାନ: ରାଜ୍ୟ ପୁସ୍ତକ ମହୋତ୍ସବ ମୁଖ୍ୟ ମଞ୍ଚ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା ୩୦।
- ସୁର ତରଙ୍ଗ ପକ୍ଷରୁ କୁମାର ସାନୁଙ୍କ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ଓଡ଼ିଶା ପୋଲିସ ପକ୍ଷରୁ ୬୯ତମ ପୋଲିସ ଡ୍ୟୁଟି ମିଟ୍, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସମୟ: ସକାଳ ୯ଟା ୧୫।
- ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ଟୁର୍ନାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୪ର ଚତୁର୍ଥ ଦିବସ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦଧୀଚି ଫାର୍ମାସୀ କଲେଜ ପକ୍ଷରୁ ସମନ୍ୱୟ ଯୁବବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନ, ସ୍ଥାନ:ଦଧୀଚି ପରିସର, କଣ୍ଠାପଡ଼ା ବ୍ଲକ୍, ସମୟ: ଅପରାହ୍ନ ୩ଟା।
- ନୃତ୍ୟ ମୟୂରୀ ପକ୍ଷରୁ ସପ୍ତମ ମା' କଟକ ଚଣ୍ଡୀ ଫେଷ୍ଟିଭାଲ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ଗୀତା ଜୟନ୍ତୀ ଏବଂ ଗୀତା ଯଜ୍ଞ, ସ୍ଥାନ: ତରେଶ୍ୱର ଦେବଙ୍କ ପୀଠ, ଚମ୍ପାଇଲୋ, ବୋଲଗଡ଼, ସମୟ: ସକାଳ ୭ଟା।

- ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ପୋଲିସ ଲାଇନ୍ ଛକ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୮ଟା ୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର,ସ୍ଥାନ:ବ୍ଲକ ପରିସର, ଭୋଗରାଇ,ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ,ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ପବ୍ଲିକ ହାଇସ୍କୁଲ ଓ ଜେଆର୍‌ସି ଭବନ, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖାର ବୈଠକ,ସ୍ଥାନ:ଖଇରା ଥାନା ପାଖ ଶିବମନ୍ଦିର, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭାର ଷଷ୍ଠ ଦିବସ, ସ୍ଥାନ:ଆଇଟିଆଇ ଛକ, ବାଲେଶ୍ୱର,ସମୟ:ଅପରାହ୍ନ ୩ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ପବ୍ଲିକ ହାଇସ୍କୁଲ ଓ ଜେଆର୍‌ସି ଭବନ, ବାଲେଶ୍ୱର,ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ଉତ୍ସବର ଦଶମ ସନ୍ଧ୍ୟା,ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଗୀତା ଜ୍ଞାନ ଯଜ୍ଞ ପ୍ରବଚନ ସଭାର ଦ୍ୱିତୀୟ ସନ୍ଧ୍ୟା,ସ୍ଥାନ: ଟାଉନହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- କ୍ରୀଡ଼ା ସଂଗଠକ ଅଧୀପ ଦାସଙ୍କ ସ୍ମୃତି ସଭା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ୪୩ତମ ବାର୍ଷିକ ଗୀତା ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ, ସ୍ଥାନ: ଚୁଡ଼ାମଣି କ୍ଷେମେଶ୍ୱର ମହାଦେବପୀଠ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ମେଳାର ୮ମ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଗୀତାଯଜ୍ଞ, ସ୍ଥାନ: ପାଟଣା ବ୍ଲକ୍ ସ୍ୱାମ ଶାସନ, ସମୟ: ସକାଳ ୯ ଟା।
- ଲୋକ ପ୍ରତିନିଧି, ବ୍ଲକ୍ କର୍ମଚାରୀଙ୍କ ବୈଠକ ଏବଂ ପ୍ରକଳ୍ପ ତାଲିକା ପ୍ରସ୍ତୁତି ବୈଠକ, ସ୍ଥାନ: ହାଟଡିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ, ସ୍ଥାନ : ଗଡ଼ଚଣ୍ଡୀ ପୀଠ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ଲେଟ୍‌କଟ୍ କ୍ଲବ ପକ୍ଷରୁ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ଲେଟ୍‌କଟ୍ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆସପାଇରିଂ ଓଡିଶା ପକ୍ଷରୁ ପ୍ରଦର୍ଶନୀ ମେଳା, ସ୍ଥାନ: ଦାରଗାଡାହି କଲ୍ୟାଣ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ନ ୧୧ ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ ଟା।
- ମା'ସୁଭଦ୍ରା ଜୁଏଲାର୍ସର ଉଦ୍‌ଘାଟନୀ , ସ୍ଥାନ: ଏସ୍‌ବିଆଇ ରୋଡ୍, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ ଟାରୁ ରାତି ୧୦ ଟା।

## କନ୍ଧମାଳ

- ବ୍ଲକ ସ୍ତରୀୟ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦାରିଙ୍ଗବାଡ଼ି,ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ)ପକ୍ଷରୁ ଏକ ବୈଜ୍ଞାନିକ ବୈଷୟିକ ଟିମ୍ ପାରାଦୀପ ନିଟକ ସମୁଦ୍ରରେ ଅଲିଭ ରିଡ଼ଲେ କଇଁଛ ଉପରେ ଅନୁଧ୍ୟାନ, ସ୍ଥାନ: ପାରାଦୀପ ମାଛଧରାବନ୍ଦର, ପାରାଦୀପ, ସମୟ: ସକାଳ ୮ଟା।
- ବୃହତ୍ତବନ୍ଦର ସାଂସ୍କୃତିକ ସମାରୋହରେ କୋଚିନ୍ ବନ୍ଦର କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ବନାମ ନେତାଜୀ ୟୁଥ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକ ସମାବେଶ, ସ୍ଥାନ: ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- କଂସାର ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ, ସ୍ଥାନ: ଶିକ୍ଷା ନିକେତନ ପରିସର, କଂସାର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚ୍ ଏମ୍‌ଏମ୍‌ସିସି ସମ୍ବଲପୁର ବନାମ ବାଲେଶ୍ୱର ଆଦର୍ଶ କ୍ଲବ, ସ୍ଥାନ: ଫତେଗଡ ନାଲିସାଗର ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ମା'ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀ ପୂଜାର ୨ୟ ଦିବସ, ସ୍ଥାନ:ଗୋଡିପଡା ତଳସାହି, ସମୟ: ମଧ୍ୟାହ୍ନ ୧୨ଟା।
- ଲକ୍ଷ୍ମୀ ପୂଜା ମହୋତ୍ସବରେ ରାମଲୀଳା, ସ୍ଥାନ: ଭାପୁର ବ୍ଲକର ବାଇଗୁଣିଆ, ସମୟ: ଅପରାହ୍ନ ୨ଟା ।
- ଲକ୍ଷ୍ମୀ ପୂଜା ମହୋତ୍ସବରେ ବାଦୀପାଲା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ବେଣାଗାଡିଆ, ସମୟ: ଅପରାହ୍ନ ୩ଟା।
- ଜ୍ୟୋତିର୍ବିଜ୍ଞାନୀ ସମାନ୍ତ ଚନ୍ଦ୍ରଶେଖରଙ୍କ ୧୯୦ତମ ଜନ୍ମ ସ୍ମାରକୀ ସମାରୋହ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ସମ୍ମୁଖ ଯଦୁମଣି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ମିନି ପାର୍କ, କୋଲନରା, ସମୟ: ସକାଳ ୮ଟା।
- ଚଇତି ଉପଲକ୍ଷେ ଲୋକକଳା ନୃତ୍ୟ ଗ୍ରୁପ ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ଭଲିବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ଅପରାହ୍ନ ୩ଟା ୩୦ ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ କବାଡ଼ି ଚୟନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- କଖଗ ଆୟୋଜିତ ନାଟ୍ୟ ମହୋତ୍ସବ-୨୦୨୪ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା୧୫।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ବୈଠକ, ସ୍ଥାନ: ସମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ଗଣଧାରଣା, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ।
- ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି, ହସ୍ତଶିଳ୍ପ ଓ ଚାରା ଲଗାଇବା ପ୍ରଦର୍ଶନୀ, ସ୍ଥାନ: ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ, ଲୋଇସିଂହା ବ୍ଲକ,ସମୟ: ପୂର୍ବାହ୍ନ ୧୧ ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକର ଯୁରାବନ୍ଧରେ ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଜୁରାବନ୍ଧ ଭଗବତ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଗୀତା ଜୟନ୍ତୀ ଉତ୍ସବ, ସ୍ଥାନ: ସରସରା, ବରଗଡ଼, ସମୟ: ସକାଳ ୮ଟା।
- ଗୀତା ଜୟନ୍ତୀ ମହୋତ୍ସବ, ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ, ବରଗଡ଼, ସମୟ: ସକାଳ ୯ଟା।
- ଗୀତା ଜୟନ୍ତୀ ଅବସରରେ କଳସଯାତ୍ରା, ସ୍ଥାନ: ଲସ୍ତଲା, ଅତାବିରା, ସମୟ: ସକାଳ ୯ଟା।
- ଲକ୍ଷ୍ମୀପୂଜା ଉତ୍ସବ, ସ୍ଥାନ: ସାହୁପଡ଼ା ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଗୀତା ଜୟନ୍ତୀ ଅବସରରେ ଯଜ୍ଞ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଗୀତା ଜୟନ୍ତୀ, ସ୍ଥାନ: ଭିକାମପାଲି ଶିବ ମନ୍ଦିର, ସମୟ: ସକାଳ ୮ଟା।
- ଗୀତା ଜୟନ୍ତୀ, ସ୍ଥାନ: ଶ୍ରିପୁରା ମଠ, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ, ସ୍ଥାନ: ସରବାହାଲ, ସମୟ: ସକାଳ ୯ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍‌ର ଦଶମ ମ୍ୟାଚ୍, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଶିକ୍ଷଣ ଉନ୍ମେଷ କାର୍ଯ୍ୟକ୍ରମ ଉଦ୍‌ଯାପନୀ, ସ୍ଥାନ: ଜୁବୁଲିହଲ ଗୁମାଡେରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ, ସ୍ଥାନ: ମନମୋହନ ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ହରିନାମ ସଂକୀର୍ତ୍ତନ ପରିବାର ପକ୍ଷରୁ ଶ୍ରୀ ହନୁମାନ କଥାର ୧୦୫ତମ ଆୟୋଜନ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ବ୍ୟଞ୍ଜନ ଏକାଦଶୀ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସକାଳ ୬ଟା।
- ବାଟ ମା' ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦ୍ ମଜଦୁର ସଭା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ମଜଦୁର ସଭା କାର୍ଯ୍ୟାଳୟ, ବିଶ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏନ୍‌ଏସ୍‌ଟିଏସ୍‌ଇ ପରୀକ୍ଷା, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଦେବଗଡ଼

- ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଟାଉନ ହାଇସ୍କୁଲ, ସମୟ: ସକାଳ ୯ଟାଠାରୁ ଆରମ୍ଭ।
- ଶିଶୁ ଅଧିକାର ସମ୍ପର୍କିତ ଶିଶୁ ଚଳଚ୍ଚିତ୍ର ଉତ୍ସବ, ଶିଶୁ ଦୃଶ୍ୟମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରିଜର୍ଭ ବ୍ୟାଙ୍କ ପକ୍ଷରୁ ମୁଦ୍ରା ପ୍ରବନ୍ଧନ ସମିତି ସଦସ୍ୟଙ୍କ ପାଇଁ ସଚେତନତା ସଭା, ସ୍ଥାନ: ଏସ୍‌ବିଆଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ୨୦ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଶିକ୍ଷା ଚେତନା ଅଭିଯାନ,ସ୍ଥାନ:ଜୁନାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଆର୍‌ଏସ୍‌ୱାଇସି କପ୍ କ୍ରିକେଟ ଟୁର୍ନାମେଣ୍ଟ ପୁଲ ବି ପ୍ରଥମ ଲିଗ୍‌ମ୍ୟାଚ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳ ପଡ଼ିଆ, ସମୟ: ସକାଳ ୯ ଟା।
- କାଞ୍ଚନବେନ ରସିକଲାଲ୍ ଢୋଲକିଆ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ପଞ୍ଚାୟତ କାର୍ଯ୍ୟାଳୟ. ସମୟ: ସକାଳ ୯ଟା।
- ୨୭ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ରାତି ୯ଟା।

## ବୌଦ୍ଧ

- ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଖେଳପଡିଆ,ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଆଧାମ୍ନିକ ଧନୁଯାତ୍ରା ନାଟ୍ୟୋତ୍ସବର ଚତୁର୍ଥ ଦିନ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ସକାଶେ ପାରିବାରିକ ସୁସମ୍ପର୍କ ଓ ସୁଖ, ସମୃଦ୍ଧି ବୃଦ୍ଧିପାଇବ। ଯାହା ପାଇବା ପାଇଁ ଚିନ୍ତା କରୁଛନ୍ତି ତାହା ୱିକ୍‌ଏଣ୍ଡ୍ ମଧ୍ୟରେ ପାଇବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ଓ ପରିବହନରେ ସୁଫଳ ପାଇବା ସହିତ ପଦସ୍ଥଙ୍କ ପ୍ରେରଣା, ଆତ୍ମୀୟଙ୍କ ସହୃଦୟତାରୁ ଖୁସି ହେବେ।

**ବୃଷ** ଅଣ୍ଡାଜନିତ ସ୍ୱାସ୍ଥ୍ୟହାନି, ଅର୍ଥ ସଙ୍କଟ, ବ୍ୟବସାୟରେ ଝଗଡ଼ାଜନିତ ଦୁଶ୍ଚିନ୍ତା ଦେଖାଦେବ। ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବାରେ ସଫଳ ହେବେ। କୃତ୍ତିକା ନକ୍ଷତ୍ର ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ଆସିବା ବାଟକୁ ଚାହିଁରହି ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ସହକର୍ମୀଙ୍କ ସାହାଯ୍ୟରେ ଆର୍ଥିକ ଦୁଃସ୍ଥିତି ସୁଧୁରି ଯିବା ସହ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। ଦୀର୍ଘ ଦିନରୁ କଥାବାର୍ତ୍ତା କରୁ ନ ଥିବା ବନ୍ଧୁଟି ନିକଟକୁ ଆସିବାର ଉପକ୍ରମ କରିପାରନ୍ତି। ପ୍ରାତଃ ଭ୍ରମଣ, ରାଜନୀତି, ପ୍ରଶାସନ, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଆରଦ୍ରା ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହେବେ।

**କର୍କଟ** କର୍ମଭାବସ୍ଥ ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ନୂତନ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆଜି ଦିନଟି ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, ପରିବାର ସଦସ୍ୟଙ୍କ ଆନ୍ତରିକତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶାପୂରଣଜନିତ ଖୁସି ରହିବେ। କର୍ମକ୍ଷେତ୍ରରେ ମନାନ୍ତର ଘଟିପାରେ। ପଡ଼ୋଶୀଙ୍କଠାରୁ କିଛି ପାଇବାର ଆଶା ରଖିବେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ସହ ସଂଘର୍ଷ କରି ଲକ୍ଷ୍ୟ ହାସଲ କରିବେ ସତ ମାନସିକ ସୁସ୍ଥତା ପାଇ ପାରିବେ ନାହିଁ। ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଗୁରୁଜନଙ୍କ ପ୍ରେରଣାରେ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରହେବାର ସୂଚନା ରହିଛି।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବାରୁ ମନ ହାଲୁକା ରହିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସ୍ୱାର୍ଥସାଧନ ଆଶାନେଇ ସହଯୋଗର ହାତ ବଢ଼ାଇ ପାରନ୍ତି। ଚିତ୍ରା ନକ୍ଷତ୍ର ସହକର୍ମୀଙ୍କ କଥାରେ ପଡ଼ି ପ୍ରଶାସନିକ ସ୍ତରରେ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଧାଁଦୌଡ଼ କରିପାରନ୍ତି।

**ତୁଳା** ଆଜି ଅର୍ଥସମ୍ପର୍କିତ ଆଲୋଚନାକୁ କେନ୍ଦ୍ରକରି ଯୁକ୍ତିତର୍କ ଲାଗିପାରେ। ସାହିତ୍ୟଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣା କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିପାରନ୍ତି। ବ୍ୟବସାୟ, ପରିବହନରେ ଉନ୍ନତି କରିବେ। କିନ୍ତୁ ବିବାଦୀୟ ସ୍ଥିତି ଲାଗିରହିବ। ବିଶାଖା ନକ୍ଷତ୍ରର ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟା ଚିନ୍ତାର କାରଣ ହୋଇପାରେ।

**ବିଛା** ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ ଏବଂ କର୍ମକ୍ଷେତ୍ରରୁ ଅର୍ଥ ଓ ସାମାଜିକ ସମ୍ମାନ ଲାଭ କରିବେ। ଜ୍ୟେଷ୍ଠା ନକ୍ଷତ୍ରର ଅଟକିଥିବା କାମଟି ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ପନ୍ନ ହେବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ସାମୟିକ ବିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନବାହନ, ନିର୍ମାଣ, କଳା, ସାହିତ୍ୟ, ଆନୁଷ୍ଠାନିକ କାମ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ବିବାଦୀୟ ପରିସ୍ଥିତି ବଦଳି ଯାଇଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। କିନ୍ତୁ ଶିଳ୍ପ, ବାଣିଜ୍ୟ, ପରିବହନ, ଗୃହସୀମାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ରଣଚିନ୍ତା, ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି ଓ ସ୍ୱାସ୍ଥ୍ୟ ସମସ୍ୟା ମୂଳା ନକ୍ଷତ୍ର ସକାଶେ ଦୁଶ୍ଚିନ୍ତା ପାଲଟିଯିବ।

**ମକର** ଶ୍ରବଣା ନକ୍ଷତ୍ର ସ୍ଥଗିତ ରହିଥିବା କାମଟିକୁ ୱିକ୍‌ଏଣ୍ଡ୍ ମଧ୍ୟରେ ସମ୍ପୂର୍ଣ୍ଣ କରିବେ। ଅନ୍ୟମାନଙ୍କ ସହଯୋଗ ନେଇ ବ୍ୟବସାୟ, ବାଣିଜ୍ୟ ଓ ପରିବହନରୁ ଆଶାନୁରୂପ ଫଳ ପାଇବେ। ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, କଳା, ସାହିତ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିଜନଙ୍କ ସହିତ ଭ୍ରମଣ ସୁଯୋଗ ରହିଛି।

**କୁମ୍ଭ** ଆଜି ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ସାହାଯ୍ୟରୁ ଉପକୃତ ହେବେ। ବୃଥା ସନ୍ଦେହ କାରଣରୁ ପରିବାର ଲୋକଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଖର୍ଚ୍ଚ ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିବେ। ପାରିବାରିକ, ବ୍ୟବସାୟିକ, ସାମାଜିକ ଏବଂ ନୂତନ ଯୋଜନାକୁ କାର୍ଯ୍ୟକାରୀ କରାଇନେବାର ସୁଯୋଗ ପାଇବେ।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାରର ସାହାଯ୍ୟ ଲାଭ କରି ସହଜରେ କାମ ହାସଲ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ ସାଙ୍ଗକୁ ସମାଜସେବାରୁ ପ୍ରଶଂସିତ ହେବେ।

ଆଜି ଡିସେମ୍ବର ୧୩ ତାରିଖ, ମାର୍ଗଶିର ଶୁକ୍ଳପକ୍ଷ ଅନଙ୍ଗ ତ୍ରୟୋଦଶୀ ଶୁକ୍ରବାର, ଗୀତା ଜୟନ୍ତୀ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୬.୧୬ ଗତେ ଘ.୦୬.୫୯ ମଧ୍ୟେ, ଘ.୦୭.୪୨ ଗତେ ଘ.୦୮.୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦.୧୯ ଗତେ ଘ.୧୧.୪୦ ମଧ୍ୟେ ରାହୁ କାଳ ।

## ଧର୍ମାନୁଷ୍ଠାନ ସର୍ଭେ...

ପ୍ରଥମ ପୃଷ୍ଠାରୁ...

ସରକାର ୪ ସପ୍ତାହ ମଧ୍ୟରେ ନିଜ ଜବାବ ଦାଖଲ କରିବେ। କେନ୍ଦ୍ର ସରକାର ଜବାବ ଦାଖଲ କରିବାର ୪ ସପ୍ତାହ ମଧ୍ୟରେ ଅନ୍ୟ ପକ୍ଷମାନେ ଏହା ଉପରେ ନିଜ ଜବାବ ଦାଖଲ କରିବେ। ପ୍ରକାଶ ଯେ, ସୁପ୍ରିମକୋର୍ଟ ୨୦୨୨ ସେପ୍ଟେମ୍ବରରେ ମୂଳ ଆବେଦନ ଉପରେ କେନ୍ଦ୍ର ସମେତ ଅନ୍ୟ ପକ୍ଷମାନଙ୍କୁ ନୋଟିସ କରିଥିଲେ। ଏପରି କି ଶୁଣାଣିରେ ସହଯୋଗ କରିବା ପାଇଁ ନୋଡାଲ କାଉନ୍‌ସେଲ ନିଯୁକ୍ତ କରିଥିଲେ। ଏହି ସମସ୍ତ ଆବେଦନ ଶୁଣାଣି ପାଇଁ ୮ ସପ୍ତାହ ପରେ ତାଲିକାଭୁକ୍ତ ହେବ। ଉପାସନାସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନ, ୧୯୯୧ରେ ଥିବା ଧାରା ୩ ଅନୁସାରେ କୌଣସି ଧର୍ମାନୁଷ୍ଠାନକୁ ପରିବର୍ତ୍ତିତ କରାଯାଇପାରିବ ନାହିଁ। ଧାରା ୪ ଅନୁଯାୟୀ ଧର୍ମାନୁଷ୍ଠାନର ଧର୍ମୀୟ ଚରିତ୍ର କୌଣସି ଅଦାଲତଙ୍କ ବିଚାର ପରିସରଭୁକ୍ତ ନୁହେଁ। ତେଣୁ ମୁସଲମାନ ପକ୍ଷଗୁଡ଼ିକ ମଧ୍ୟ ଶୁଣାଣିରେ ହସ୍ତକ୍ଷେପ ପାଇଁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ବିବାଦକୁ ଉପାସନାସ୍ଥଳ ଆଇନରୁ ସ୍ୱତନ୍ତ୍ର ଭାବେ ବାଦ୍ ଦିଆଯାଇଥିଲା।

## ଯୁବ ଖେଳାଳିଙ୍କ ପାଇଁ...

ଉଦ୍‌ଘାଟିତ ହୋଇଥିବା ଏହି ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟରରେ ଉତ୍ତମ ପ୍ରଶିକ୍ଷଣ ସହ ଖେଳାଳିମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ରହିଛି। ଆଗାମୀ ଦିନରେ ବ୍ୟାଡ୍‌ମିଣ୍ଟନ ଜଗତରେ ଓଡ଼ିଶା ବିଶ୍ୱ ମଞ୍ଚରେ ଏହି ସେଣ୍ଟର ଜରିଆରେ ପରିଚିତ ହେବ ବୋଲି ସେ କହିଛନ୍ତି। ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ସଭାପତି ହିମନ୍ତ ବିଶ୍ୱଶର୍ମା, ବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ଖେଳାଳି ପଦ୍ମଭୂଷଣ ପୁଲେଲା ଗୋପୀଚାନ୍ଦ ଏବଂ ଡାଲମିଆ ଭାରତ ଗ୍ରୁପ୍‌ର ସିଇଓ ପି.ୱାଇ. ଡାଲମିଆ ଓ ଏମ୍‌ଡି ଗୌତମ ଡାଲମିଆଙ୍କ ସହଯୋଗ ଓ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସାମ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କହିଛନ୍ତି, ଏହି ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର କେବଳ ଭାରତବର୍ଷ ପାଇଁ ନୁହେଁ, ବିଶ୍ୱ କ୍ରୀଡ଼ା ଜଗତ ପାଇଁ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ଏହି ସେଣ୍ଟର ଭାରତରେ ବ୍ୟାଡ୍‌ମିଣ୍ଟନ ଖେଳକୁ ନୂଆ ଶିଖରକୁ ନେବ। ଏହି ସେଣ୍ଟର ପ୍ରତିଷ୍ଠାରେ ସମସ୍ତ ସହଯୋଗ ଯୋଗାଇଦେଇଥିବାରୁ ସେ ଓଡ଼ିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଭାରତ ବର୍ତ୍ତମାନ କ୍ରୀଡ଼ାର ପାୱାର ହାଉସରେ ପରିଣତ ହୋଇଛି। କ୍ରୀଡ଼ାକୁ ନେଇ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଏହି ସେଣ୍ଟର ଆଗାମୀ ଦିନରେ ତାହା ପୂରଣ କରିବାରେ ସହାୟକ ହେବା ସହ ଓଡ଼ିଶାରେ ବ୍ୟାଡ୍‌ମିଣ୍ଟନ ଖେଳର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆମ ଦେଶରେ ଉଭୟ ସରକାର ଓ ଜନସାଧାରଣଙ୍କ ମିଳିତ ସହଯୋଗରେ କ୍ରୀଡ଼ାର ବିକାଶ ହେଉଛି ବୋଲି ବିଶ୍ୱଶର୍ମା କହିଛନ୍ତି।

ଏହି ସେଣ୍ଟର ପାଇଁ ବ୍ୟାଡ୍‌ମିଣ୍ଟନ ଖେଳାଳି ଗୋପୀଚାନ୍ଦ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କର ପ୍ରଗତିଶୀଳ ଚିନ୍ତାଧାରାର ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଏହି କେନ୍ଦ୍ରରୁ ଅନେକ ପ୍ରତିଭାବାନ୍ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ। ଡାଲମିଆ ଭାରତ ଗ୍ରୁପ୍‌ର ସିଇଓ ଡାଲମିଆ ମଧ୍ୟ ତାଙ୍କ ଅଭିଭାଷଣରେ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂହ, ଡାଲମିଆ ଭାରତ ଗ୍ରୁପ୍‌ର ଏମ୍‌ଡି ଗୌତମ ଡାଲମିଆ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ୭୭ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ଇନ୍‌ଡୋର ହାଇ ପରଫର୍ମାନ୍ସ ସେଣ୍ଟରରେ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହ ୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡ୍‌ମିଣ୍ଟନ କୋର୍ଟ ରହିଛି। ଏଥିରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନର ସୁବିଧା କରାଯାଇଛି। ଏଥିସହ ଉକ୍ତ ସେଣ୍ଟରରେ ୩୬ ଜଣ ଖେଳାଳି ରହିଲା ଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ମଧ୍ୟ ବିକଶିତ କରାଯାଇଛି। ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ସହ ଏହି ସେଣ୍ଟରକୁ ବ୍ୟାଡ୍‌ମିଣ୍ଟନ ସଟଲକକ୍ ସଦୃଶ ନିର୍ମାଣ କରାଯାଇଛି।

# ଅତିରିକ୍ତ ବାଣିଜ୍ୟ କର ଅଧିକାରୀଙ୍କ ସମେତ ୩ ଗିରଫ


ଅଭିନାଶ ପ୍ରଧାନ


ସତ୍ୟକୀ ପଟ୍ଟନାୟକ


ଦିପ୍ତିକାନ୍ତ ଚୌଧୁରୀ

ଭୁବନେଶ୍ୱର,୧୨।୧୨(ସୂର୍ଯ୍ୟକାନ୍ତ ବେହେରା)

ଭାଟ୍ ବାବଦ ୪କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହେରଫେର ନେଇ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଭିଜିଲାନ୍ସ ଟିମ୍ କୋରାପୁଟ ଜୟପୁରର ଅତିରିକ୍ତ ବାଣିଜ୍ୟକର ଅଧିକାରୀ ଓ ୨ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅତିରିକ୍ତ ବାଣିଜ୍ୟକର ଅଧିକାରୀ ଅଭିନାଶ ପ୍ରଧାନ ଓ ଗିରଫ ଦୁଇ ବ୍ୟବସାୟୀ ହେଲେ ସତ୍ୟକୀ ପଟ୍ଟନାୟକ ଏବଂ ଦିପ୍ତିକାନ୍ତ ଚୌଧୁରୀ। ଭିଜିଲାନ୍ସ ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସର ସୂଚନା ଅନୁଯାୟୀ, ୨୦୧୨ରେ ଅଭିନାଶ ଭୁବନେଶ୍ୱରସ୍ଥିତ ସିଟି ଓ ଜିଏସ୍‌ଟି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ସରକାରୀ କଳର ଅପବ୍ୟବହାର କରି ଅଭିନାଶ ଦୁଇ ବ୍ୟବସାୟୀଙ୍କ ସହାୟତାରେ ଏକ ଘରୋଇ କମ୍ପାନୀ 'ମେସର୍ସ ଜି ଇ ଭେରନା ଟିଏଣ୍ଡ୍‌ଡି ଲିଃ (ପୂର୍ବ ନାମ ଜି ଇ ଟିଆଣ୍ଡ୍‌ଡି ଇଣ୍ଡିଆ ଲିଃ)'ର ଜିଏସ୍‌ଟି କାଗଜପତ୍ରରେ ଜାଲିଆତି କରି ୪ କୋଟି ୩ ଲକ୍ଷ ୯ ହଜାର ୭୨୩ ଟଙ୍କା ହଡ଼ପ କରିଥିଲେ। ଜାଲ ଦସ୍ତଖତ ଓ ଷ୍ଟାମ୍ପ ବ୍ୟବହାର କରି ଅଭିଯୁକ୍ତମାନେ ଚଞ୍ଚକତା ପୂର୍ବକ ବିପୁଳ ଲାଭ ପାଇଥିବାବେଳେ ଏହା ସିଟି ଜିଏସ୍‌ଟି ବିଭାଗକୁ କ୍ଷତି ପହଞ୍ଚାଇଥିଲା। ତେବେ ରିଟର୍ନ ବାବଦକୁ ଟଙ୍କା ନ ଆସିବାରୁ କମ୍ପାନୀ ପକ୍ଷରୁ ଜିଏସ୍‌ଟି ଅଫିସ୍‌ରେ ଅଭିଯୋଗ କରାଯାଇଥିଲା। ସିଟି ଆଣ୍ଡ୍ ଜିଏସ୍‌ଟି ଭୁବନେଶ୍ୱର ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଥିଲା। ଭିଜିଲାନ୍ସ ଏନେଇ ମାମଲା ନଂ.୧୫/୨୦୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଅର୍ଥ ହେରଫେର ପ୍ରମାଣ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ୪ କୋଟିରୁ ଅଧିକ ଟଙ୍କାର ଭାଟ୍ ହେରଫେର




## ବଳାତ୍କାର ପୀଡ଼ିତାଙ୍କୁ ହତ୍ୟା ଘଟଣା | ଜେଲ ଗଲେ ଅଭିଯୁକ୍ତ

**ଝାରସୁଗୁଡ଼ା,୧୨।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡାର ବହୁ ଚର୍ଚ୍ଚିତ ବଳାତ୍କାର ପୀଡ଼ିତା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁନୁ କିଷାନ ଏବଂ ତାଙ୍କ ସହଯୋଗୀ ନାବାଳକଙ୍କ ଜାମିନ ଆବେଦନ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ଜୁଭେନାଲ କୋର୍ଟ ଖାରଜ କରିଦେଇଛନ୍ତି। ଗୁରୁବାର ଝାରସୁଗୁଡା ଟାଉନ ଥାନା ଅଧିକାରୀ ରଞ୍ଜନ ବରିହା ସନ୍ଧ୍ୟା ୫ଟା ୩୦ରେ କୁନୁ ଓ ତାଙ୍କ ସହଯୋଗୀଙ୍କୁ ଏସ୍‌ଜେଡିଏମ୍ କୋର୍ଟ ଓ ଜୁଭେନାଲ କୋର୍ଟରେ ହାଜର କରାଇଥିଲେ। ଏସ୍‌ଜେଡିଏମ୍ ସୁଶ୍ରୀ ଗାୟତ୍ରୀ ମିଶ୍ର ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରି ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ। ସହଯୋଗୀ ନାବାଳକଙ୍କୁ ଜୁଭେନାଲ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତା'ର ମଧ୍ୟ ଜାମିନ ନାମଞ୍ଜୁର ହେବା ପରେ ରାଉରକେଲା ବାଲ୍ ସୁଧାର ଗୃହକୁ ପଠାଯାଇଛି। ଅଭିଯୁକ୍ତ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନ୍ତର୍ଭୁକ୍ତ ୧୪୦ (୧) ଅପହରଣ, ୧୦୩(୧) ହତ୍ୟା, ୨୩୫ (ଏ)ପ୍ରମାଣ ନଷ୍ଟ ଆଦି ସଙ୍ଗୀନ ଦଫା ଝାରସୁଗୁଡା ପୋଲିସ ପକ୍ଷରୁ ଲଗାଯାଇଛି। ଅଭିଯୁକ୍ତ ପକ୍ଷରୁ ଓକିଲ ପଦ୍ମନାଭ କୁମାର ମାଳି ପରିଚାଳନା କରୁଛନ୍ତି। ଜାମିନ ନାମଞ୍ଜୁର ହୋଇଥିବା ଯୋଗୁ ଆମେ ଜିଲା ମାଜିଷ୍ଟ୍ରେଟଙ୍କ ପାଖରେ ଜାମିନ ଆବେଦନ କରିବୁ ବୋଲି ଅଭିଯୁକ୍ତଙ୍କ ଓକିଲ କହିଛନ୍ତି।

## କୁହୁଡ଼ି ପାଇଁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୧୧।୧୨ (ଅନୁରାଧା ମହାରଣା)**

ରାଜ୍ୟରେ ଶୀତର ଲହରୀ ଜାରି ରହିଥିବାବେଳେ ଗୁରୁବାର ନୂଆପଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୩୨.୦ ଡିଗ୍ରୀ ଓ ସର୍ବନିମ୍ନ ରାତି ତାପମାତ୍ରା ୧୦.୨ ଡିଗ୍ରୀ ସେଲସିୟସ୍ ରହିଥିଲା। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ମାତ୍ର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ସୁନ୍ଦରଗଡ଼ରେ ଘନ କୁହୁଡ଼ିର ପ୍ରଭାବ ରହିବାକୁ ଥିବାବେଳେ ଝାରସୁଗୁଡ଼ା, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ଓ ସମ୍ବଲପୁର ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣୀ କୁହୁଡ଼ି ହେବ। ୧୫ ତାରିଖ ପର୍ଯ୍ୟନ୍ତ ବରଗଡ଼ ସମେତ ଉପରୋକ୍ତ ଜିଲାଗୁଡ଼ିକରେ କୁହୁଡ଼ି ପ୍ରଭାବ ଦେଖିବାକୁ ମିଳିପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୨।୧୨ (ସୁନିତ୍ ମିଶ୍ର)**

ଆସନ୍ତା ସୋମବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୫ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହେବ। ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଆବେଦନକାରୀ ସେମାନଙ୍କର ପ୍ରାପ୍ତି ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଏହିଦିନ ପାଇଁ ଅନ୍ୟମାନଙ୍କୁ ପଞ୍ଜୀକରଣ ନ କରିବାକୁ ଅନୁରୋଧ କରାଯାଇଛି।

## ଅଚ୍ୟୁତ ସାମନ୍ତଙ୍କୁ ୬୩ତମ ସମ୍ମାନସୂଚକ ଡକ୍ଟରେଟ



**ଭୁବନେଶ୍ୱର,୧୨।୧୨ (ଅନୁରାଧା ମହାରଣା)**

କିଟ୍ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ମଧ୍ୟପ୍ରଦେଶର ରେୱାସ୍ଥିତ ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ମିଳିଛି। ଗୁରୁବାର ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ତାଙ୍କର ୬୩ତମ ସମ୍ମାନସୂଚକ ଡକ୍ଟରେଟ। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ମଙ୍ଗୁଭାଇ ପଟେଲ ଓ କୁଳପତି ଡ. ରାଜକୁମାର ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## 'ବାନ୍ଧବୀଙ୍କ ଏତଲା ପଞ୍ଜୀକରଣ ସମ୍ପର୍କରେ ତଥ୍ୟ ଦିଅ'

**କଟକ,୧୨।୧୨ (କାର୍ତ୍ତିକ ସାହୁ)**

**ହାଇକୋର୍ଟରେ ଭରତପୁର ଥାନା ପୋଲିସ ଓ ଆର୍ମି ଅଫିସର ବିବାଦ ମାମଲା**

ଭରତପୁର ଥାନା ପୋଲିସ ଓ ଆର୍ମି ଅଫିସର ବିବାଦ ମାମଲାରେ ଆର୍ମି ଅଫିସରଙ୍କ ବାନ୍ଧବୀଙ୍କ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ମାମଲାର ଶୁଣାଣି କରି ଆର୍ମି ଅଫିସରଙ୍କ ବାନ୍ଧବୀଙ୍କ ପକ୍ଷରୁ ରୁଜୁ ହୋଇଥିବା ଏତଲାକୁ ପଞ୍ଜୀକରଣ କରାଯାଇଛି କି ନାହିଁ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ମି ଅଫିସରଙ୍କ ବାନ୍ଧବୀଙ୍କ ପକ୍ଷରୁ ରୁଜୁ ଏତଲା ପଞ୍ଜୀକରଣ କରାଯାଇଥିଲେ ମାମଲାର ସ୍ଥିତି ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ଅବଗତ କରାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି।

## ନାବାଳକଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

**ଛେଣ୍ଡିପଦା,୧୨।୧୨ (ଅଜିତ ଧଳ)**

ଅନୁଗୋଳ ଜିଲା ବାଗଡ଼ିଆ ଥାନା ବାରମଞ୍ଜା ଗାଁର ବିଜୁ ମୁଖୀଙ୍କ ପୁଅ ସାଇସରୋଜ ମୁଖୀ (୯)ଙ୍କ ଉପରେ ଗୁରୁବାର ଟ୍ରାକ୍ଟର ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ସାଇସରୋଜ ଘର ପାଖ ବାଲିଗଦା ଉପରେ ଖେଳୁଥିବା ବେଳେ ସମ୍ପର୍କୀୟ ଦାଦାଙ୍କ ବାଲି ବୋଝେଇ ଟ୍ରାକ୍ଟର ଅନ୍‌ଲୋଡ୍ ପାଇଁ ସେଠାକୁ ଆସିଥିଲା। ଏହି ସମୟରେ ଗାଡ଼ିଟି ସାଇସରୋଜଙ୍କ ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ସାଇସରୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଇକ୍ ଯୋଗେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଗଡ଼ିଆ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ମୃତକଙ୍କ ବାପା ବିଜୁଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ. ୨୪୪/୨୪ରେ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛି।



ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ- ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। -ଶ୍ରୀଅରବିନ୍ଦ

-ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ



# ଅସାଦ୍‌ଙ୍କ ପରେ ସିରିଆ





ଚାର୍ଲ୍ସ ଏ. କୁପ୍‌ଚାନ
ଅନ୍ତର୍ଜାତୀୟ ବ୍ୟାପାର ପ୍ରାଧ୍ୟାପକ, ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟ

ସିନାନ୍ ଉଲଜେନ୍
ତୁର୍କୀର ପୂର୍ବତନ କୂଟନୀତିଜ୍ଞ ତଥା ନିର୍ଦ୍ଦେଶକ ଇଡିଏଏମ୍

ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍‌ଙ୍କ ଦ୍ରୁତ ପତନ ଏକ ନାଟକୀୟ ପରିବର୍ତ୍ତନକୁ ପ୍ରତିଫଳିତ କରିଛି। ଏହା ଗତବର୍ଷର ମଧ୍ୟପ୍ରାଚ୍ୟ ରଣନୀତିକ ଦୃଶ୍ୟପଟକୁ ସମ୍ପୂର୍ଣ୍ଣ ବଦଳାଇଦେଇଛି। ୨୦୧୧ ମସିହାରେ ସିରିଆରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ଆମେରିକା ଓ ତୁର୍କୀର ସମର୍ଥିତ ଶକ୍ତିଗୁଡ଼ିକୁ ସାମ୍ନା କରି ଅସାଦ୍ ଏକ ଦଶନ୍ଧିରୁ ଅଧିକ ସମୟ କ୍ଷମତାରେ ରହିଥିଲେ। ମାତ୍ର ବିଦ୍ରୋହୀ ଗୋଷ୍ଠୀ ହାୟତ୍ ତାହିର ଅଲ-ଶାମ୍ (ଏଚ୍‌ଟିଏସ୍) ଆକ୍ରମଣ ଆରମ୍ଭ କରିବାର ମାତ୍ର ୧୧ ଦିନ ପରେ ଅସାଦ୍ ତାଙ୍କ ପରିବାରର ୫୦ ବର୍ଷର ଶାସନକୁ ଶେଷ କରି ରୁଷିଆକୁ ପଳାଇଗଲେ।

ଅନେକ ବର୍ଷର ଅପାରଗ ଶାସନ ଏବଂ ଅର୍ଥନୈତିକ ଓ ସାମାଜିକ ନିର୍ଯାତନାର ଏହା ଥିଲା ଶେଷ ପରିଣାମ। ଏପରିକି ଅସାଦ୍‌ଙ୍କ ସମର୍ଥନରେ ରହିଆସିଥିବା ଆଲ୍‌ୱି ସମ୍ପ୍ରଦାୟ ବିନା ଯୁଦ୍ଧରେ ବିରୋଧୀଙ୍କ ସହ ସାମିଲ ହୋଇଗଲେ। ବାସ୍ତବରେ ଶାସନର ଶେଷ ହେଲା, ଯେତେବେଳେ ତାଙ୍କୁ ବାହାରୁ ସମର୍ଥନ କରୁଥିବା ରୁଷିଆ ଏବଂ ଇରାନ୍ ତାଙ୍କୁ ଛାଡ଼ି ଚାଲିଗଲେ। ତେବେ ଅସାଦ୍‌ଙ୍କ ପତନରୁ ବ୍ୟାପକ ଆଞ୍ଚଳିକ ଲାଭ ହୋଇପାରେ। ଅସାଦ୍‌ଙ୍କ ଶାସନ ଇରାନ୍‌ରୁ ହିଜବୁଲ୍ଲାକୁ ଅସ୍ତ୍ର ଯୋଗାଣରେ ସହଯୋଗ କରୁଥିଲା। ତେବେ ଡମାସ୍କସ୍‌ରେ ସମ୍ଭାବ୍ୟ ନୂତନ ନେତୃତ୍ୱ ଇରାନ୍‌ର ପ୍ରଭାବକୁ ଆହୁରି ଅଧିକ ହ୍ରାସ କରିବା ସହ ଏକ ସ୍ଥିର ଆଞ୍ଚଳିକ ବ୍ୟବସ୍ଥା ଆଣିବାରେ ଏକ ଗଠନମୂଳକ ଭୂମିକା ଗ୍ରହଣ କରିପାରେ। କିନ୍ତୁ ଲାଭ ଆଶାକୁ ନିୟନ୍ତ୍ରଣରେ ରଖି ସତର୍କ ରହିବା ଆବଶ୍ୟକ। ମଧ୍ୟପ୍ରାଚ୍ୟରେ ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଶାସନରୁ ହଟାଇବା ସାଧାରଣତଃ ହିଂସା ଓ ଘୋର ଅବ୍ୟବସ୍ଥା ସୃଷ୍ଟି କରିବା ଦେଖାଯାଇଛି। ସ୍ଥିର ଏବଂ ସମ୍ମିଳିତ ଶାସନ ଆସିପାରିନାହିଁ। ଅସାଦ୍‌ଙ୍କ ଶାସନ ସମୟରେ ସଂଖ୍ୟାଗରିଷ୍ଠ ସୁନ୍ନିଙ୍କ ଉପରେ ସଂଖ୍ୟାଲଘୁ ଆଲ୍‌ୱି ଶାସନ କରିଥିଲେ। ଏଣୁ ସୁନ୍ନିମାନେ ପ୍ରତିଶୋଧ ପରାୟଣ ହୋଇପାରନ୍ତି।

ସାଧାରଣତଃ ସିରିଆରେ ବିବିଧ ବିଭିନ୍ନ ବର୍ଗର ଲୋକ ରହୁଥିବାରୁ ତାହା ଜାତି ଏବଂ ସାମ୍ପ୍ରଦାୟିକ ବିଭାଜନ ରାଜନୀତିର ସହଜରେ ଶିକାର ହୋଇପାରେ। ଅବଶ୍ୟ ଅସାଦ୍ ବିମାନ ଯୋଗେ ବାହାର ଦେଶକୁ ଚାଲିଯିବା ପୂର୍ବରୁ ସିରିଆ କେବଳ ନାମକୁମାତ୍ର ଦେଶ ହୋଇ ରହିଆସିଛି। ଏଠାରେ ଗୃହଯୁଦ୍ଧ ଦେଶକୁ ଅନେକ ଭାଗରେ ବିଭକ୍ତ କରିଥିଲା, ଯାହା ପ୍ରାୟତଃ ପ୍ରଭାବଶାଳୀ ଶତ୍ରୁ ଗୋଷ୍ଠୀର ନିୟନ୍ତ୍ରଣରେ ରହିଆସିଛି। ସେହି ଗୋଷ୍ଠୀ ମଧ୍ୟରୁ ଗୋଟିଏ



ହେଉଛି ସିରିଆର କୁର୍ଦ୍ଦ ଆତଙ୍କବାଦୀ ସଂସ୍ଥା କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟି (ପି.କେ.କେ)। ଏହା ସିରିଆର ଉତ୍ତରର ଏକ ବ୍ୟାପକ ଅଂଶକୁ ନିୟନ୍ତ୍ରଣ କରିବା ପାଇଁ ତୁର୍କୀକୁ ଉସୁକାଉଛି।

ଏବକାର ଏହିସବୁ ବିଭେଦ ମଧ୍ୟରେ ଉଗ୍ରବାଦୀ ଗୋଷ୍ଠୀ ଅସାଦ୍‌ଙ୍କ ପତନର ସୁଯୋଗ ନେଇ ଅଶାନ୍ତି ସୃଷ୍ଟି କରି ସେମାନଙ୍କ ଆଞ୍ଚଳିକ ସ୍ଥିତି ଏବଂ ଶକ୍ତିକୁ ଦୃଢ଼ କରିବା ପାଇଁ ଚେଷ୍ଟା କରିପାରନ୍ତି। ୨୦୧୪ରେ ଏଭଳି ଘଟିଥିଲା, ଯେତେବେଳେ ଇସ୍‌ଲାମିକ ଷ୍ଟେଟ୍ ଇରାକ ଏବଂ ସିରିଆର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲା, ଯାହା ଉଭୟ ଦେଶରେ ରାଜନୈତିକ ଅଶାନ୍ତି ସୃଷ୍ଟି କରିଥିଲା। ସିରିଆରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ବର୍ତ୍ତମାନ ସମାନ କାର୍ଯ୍ୟ କରିପାରନ୍ତି। ସେଥିପାଇଁ ଇସ୍ରାଏଲ ଗତ କିଛି ଦିନ ହେଲା ଏହାର ସୀମା ବାହାରେ ସିରିଆରେ ଏକ ସୁରକ୍ଷିତ ଜୋନ୍ ନିର୍ମାଣ କରିବା ସହ ଉଗ୍ରବାଦୀ ଗୋଷ୍ଠୀଙ୍କ ହାତରେ ଯେପରି ସିରିଆର ଅସ୍ତ୍ରଭଣ୍ଡାର ନ ପଡ଼ିବ, ତାହାକୁ ଦୃଷ୍ଟିରେ ରଖି ସେଗୁଡ଼ିକୁ ନଷ୍ଟ କରିବାରେ ଲାଗିଛି। ଏହାର ଏକ ଉଦାହରଣ ହେଉଛି ଏଚ୍‌ଟିଏସ୍। ଏହା ଅଲ୍-କାଏଦାର ସହଯୋଗୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ପି.କେ.କେ. ପରି ଏହାକୁ ଆମେରିକା ଏବଂ ଅନ୍ୟ ଦେଶ ଆତଙ୍କବାଦୀ ଗୋଷ୍ଠୀ ଭାବରେ ତାଲିକାଭୁକ୍ତ କରିଛି। ଏଚ୍‌ଟିଏସ୍ ନେତାମାନେ ଏକ ଉଦାରବାଦୀ ତଥା ଅନ୍ତର୍ଭୁକ୍ତି ସରକାର ଗଠନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଏହି ଗୋଷ୍ଠୀର ଦମନମୂଳକ କାର୍ଯ୍ୟର ରେକର୍ଡ ରହିଛି। ଅଧିକ ବିସ୍ତୃତ ଭାବରେ ବିଚାର କଲେ ସିରିଆର ଏବକାର ବିଭାଜିତ ଦଳଗୁଡିକ ସମାଧାନ କରିବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ ଏକାଠି କାମ କରିବାର ସମ୍ଭାବନା କମ୍।

ଆଗକୁ ସିରିଆରେ ସର୍ବପ୍ରଥମେ ଏକ ସମାବେଶୀ ରାଜନୈତିକ ପରିବର୍ତ୍ତନ ଆଣିବା ଦରକାର ଏବଂ ଏହାର ବହୁସଂଖ୍ୟକ ନେତାଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ଏକ କାର୍ଯ୍ୟକ୍ଷମ ବ୍ୟବସ୍ଥାର ପୁନଃ ନିର୍ମାଣ ପାଇଁ ସିରିଆ ଆଞ୍ଚଳିକ ଅଖଣ୍ଡତାର ପୁନରୁଦ୍ଧାର ଆବଶ୍ୟକ। ଜାତୀୟ ଏକତା ପାଇଁ ଏକାଧିକ ଆଞ୍ଚଳିକ ଭାଗୀଦାରି ସେମାନଙ୍କ କ୍ଷମତା ଶେୟାର କରିବା ସହ ଓ ସେମାନଙ୍କ ସ୍ୱାୟତ୍ତତାକୁ ତ୍ୟାଗ କରିବାର ଇଚ୍ଛାଶକ୍ତି ଲୋଡ଼ା। ଏହା ବ୍ୟତୀତ ଅନ୍ୟ ଏକ ପ୍ରମୁଖ ଆହ୍ୱାନ ହେଉଛି, ସିରିଆବାସୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଏବଂ ଅର୍ଥନୈତିକ ସୁଯୋଗ ପ୍ରଦାନ କରିବା ଭଳି ଏକ ନୂତନ ସାମାଜିକ ଚୁକ୍ତିନାମା ଗଢ଼ିବା ସକାଶେ ସିରିଆବାସୀଙ୍କୁ ଅଧିକ କଷ୍ଟ କରିବାକୁ ପଡ଼ିବ, କିନ୍ତୁ ଏଥିରେ ଅନ୍ତର୍ଜାତୀୟ ସମୁଦାୟର ପ୍ରମୁଖ ଭୂମିକା ରହିଛି। ଯେଉଁମାନେ ଆରମ୍ଭରୁ ସିରିଆରେ ଶାସନ ହାତକୁ ନେବାକୁ ଯାଉଛନ୍ତି, ସେମାନେ ଇରାକର ବାଥ୍ ଶାସନ କିଭଳି ହିଂସାତ୍ମକ ବିଶୃଙ୍ଖଳା ସୃଷ୍ଟି କରିଥିଲା ସେଥିରୁ ଶିକ୍ଷାନେବା ଉଚିତ। ଅସାଦ୍ ଶାସନର ମେରୁଦଣ୍ଡ ରହିଥିବା ଆଲ୍‌ୱିମାନଙ୍କୁ ବଳପୂର୍ବକ ହଟାଇ ନ ଦେବା ପାଇଁ ବିରୋଧୀ ଗୋଷ୍ଠୀଗୁଡ଼ିକ ଉପରେ ବାହ୍ୟ ଶକ୍ତିମାନେ ଚାପ ପକାଇବା ଉଚିତ।

ବହୁ ପକ୍ଷଙ୍କୁ ନେଇ ଏକ ମିଳିତ ସରକାରରେ ଯଦି ଆଲ୍‌ୱି ନେତାମାନଙ୍କୁ ଅଧିକ ଜଡ଼ିତ କରାଯାଏ, ତେବେ ସ୍ଥାୟୀ ସମାଧାନର ଅଧିକ ଆଶା ରହିବ। ତେବେ ତୁର୍କୀ ଏବଂ ଆମେରିକାର ସିରିଆରେ ଥିବା ସପକ୍ଷବାଦୀ ସିରିଆନ୍ ନ୍ୟାଶନାଲ ଆର୍ମି ଏବଂ ସିରିଆନ୍ ଡେମୋକ୍ରାଟିକ ଫୋର୍ସ ଉପରେ ଗଠନମୂଳକ କାର୍ଯ୍ୟରେ ଭାଗୀଦାରି ହେବା ଏବଂ ପରିବର୍ତ୍ତିତ ସରକାର ସହ କାର୍ଯ୍ୟ କରିବା ପାଇଁ ଚାପ ପକାଇବା ଦରକାର। ଅନ୍ୟ ଦେଶଗୁଡ଼ିକ ମଧ ସିରିଆର ପରବର୍ତ୍ତୀ ପତନକୁ ରୋକିବାରେ ସାହାଯ୍ୟ କରିବା ସହ ସିରିଆ ବ୍ୟବସ୍ଥା ଏବଂ ତାହାର ଅର୍ଥନୀତି କିଭଳି ଆଗକୁ ପତନ ନ ଘଟିବ, ସେଥିପାଇଁ ସାହାଯ୍ୟ କରିପାରିବେ। ଯଦି ସିରିଆରେ ଜୀବନ ମାନରେ ଅବକ୍ଷୟ ଘଟିଚାଲିବ ଏବଂ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ମୌଳିକ ସେବାରୁ ଲୋକେ ବଞ୍ଚିତ ହେବେ, ତେବେ ସଂଘର୍ଷ ପରବର୍ତ୍ତୀ ଥଇଥାନ ଅଧିକ କଷ୍ଟକର ହୋଇପଡ଼ିବ। ଠିକ୍ ଏହି ପରିସ୍ଥିତିରେ ଇରାକରେ ଶାସନ ପରିବର୍ତ୍ତନ ମୌଳବାଦ ଏବଂ ବ୍ୟବସ୍ଥାରେ ବିଫଳତା ସୃଷ୍ଟି କରିଥିଲା।

ଏଣୁ ଅନ୍ତର୍ଜାତୀୟ ସମୁଦାୟ ଦକ୍ଷତା ବିକାଶ ପଦକ୍ଷେପ ସହିତ ବିତ୍ତୀୟ ଓ ମାନବିକ ସହାୟତା କୈନ୍ଦ୍ରିକ ଏକ ବହୁଦେଶୀୟ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରିବା ଉଚିତ। ବହୁସଂଖ୍ୟକ ସିରିଆ ଶରଣାର୍ଥୀଙ୍କୁ ନିଜ ଦେଶରେ ସ୍ଥାନ ଦେଇଥିବା ତୁର୍କୀ ଏବଂ ୟୁରୋପୀୟ ୟୁନିଅନ ସେମାନଙ୍କ ନିରାପଦ, ସ୍ୱେଚ୍ଛାକୃତ ପ୍ରତ୍ୟାବର୍ତ୍ତନ ପାଇଁ ସଠିକ୍ ସାମାଜିକ ତଥା ଅର୍ଥନୈତିକ ଅବସ୍ଥାକୁ ଦୃଢ଼ କରିବା ପାଇଁ ତୁରନ୍ତ ବହୁପକ୍ଷୀୟ ରଣନୀତି କାର୍ଯ୍ୟକାରୀ କରିବାରେ ଆଗ୍ରହ ପ୍ରକାଶ କରିଛନ୍ତି। ଅସାଦ୍‌ଙ୍କ ପତନ ଏକ ପ୍ରମୁଖ ଆରବ ରାଷ୍ଟ୍ରର ରାଜନୈତିକ ଏବଂ ଅର୍ଥନୈତିକ ପୁନଃ ନିର୍ମାଣ ଏବଂ ଏହାର ଆଞ୍ଚଳିକ ଭୂମିକାର ପୁନର୍ଗଠନ ଲାଗି ଏକ ସୁଯୋଗ ସୃଷ୍ଟି କରିଛି, କିନ୍ତୁ ଆଗାମୀ କିଛି ମାସ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳରେ ସଂଘର୍ଷ ପରବର୍ତ୍ତୀ ସାମାଜିକ ସ୍ଥିରତା ଆଣିବା ପ୍ରୟାସର ରେକର୍ଡ ସଫଳ ହୋଇନାହିଁ। ଆଫଗାନିସ୍ତାନ, ଇରାକ୍ ଏବଂ ଲିବ୍ୟା ଭଳି ସିରିଆରେ ଗତ ୧୩ ବର୍ଷ ଧରି ଏଭଳି ସ୍ଥିତି ଦେଖାଦେଇଛି। ଏବେ ଏହାକୁ ସୁଧାରିବାର ବେଳ ଆସିଛି।

# ବ୍ୟବସାୟରେ ଧର୍ମ



ଡ. କିଶୋର ମହାନ୍ତି

ନିଜକୁ ଆତ୍ମଘୋଷିତ ଈଶ୍ୱର ଓ ବାବା ବୋଲି ଘୋଷଣା କରିବା ଏକ ପ୍ରକାର ବାଚାଳତା ଓ ସମଗ୍ର ସମାଜ, ମାନବ ଜଗତକୁ ତଥା ଈଶ୍ୱରଙ୍କର ସୃଷ୍ଟିକୁ ହେୟଜ୍ଞାନ କରିବା ସହିତ ସମାନ। ଆଧୁନିକ ସମାଜରେ ଏମିତି କିଛି ଗୋଷ୍ଠୀ ଅଛନ୍ତି ଏମାନେ ସମୟେ ସମୟେ ଲୋକମାନଙ୍କ ମନୋବଳକୁ ଦୁର୍ବଳ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସହ ଏମିତି ସଂଯୋଗ ସ୍ଥାପନ କରିଥାନ୍ତି ଯେ ସେମାନେ ସେମାନଙ୍କୁ ନିଜର ଭକ୍ତ ଭାବରେ ଗ୍ରହଣ କରିନେଇ ନିଜ କାରନାମା ପ୍ରକଟ କରିଥାନ୍ତି। କହିବାକୁ ଗଲେ ବର୍ତ୍ତମାନ ଧର୍ମ ନୁହେଁ ଧର୍ମାନ୍ଧତା ହିଁ ସମାଜରେ ବେଶି ପରିଲକ୍ଷିତ ହଏ। ତେଣୁ ବସ୍ତୁତଃ ସହନଶୀଳତା, ଭାଇଚାରା, ସହାବସ୍ଥାନ, ପ୍ରେମ, ମୈତ୍ରୀ, ପର ଦୁଃଖ ସୁଖରେ ସହଭାଗୀ ହେବା ଦୁଷ୍ପ୍ରାପ୍ୟ।

ଈଶ୍ୱର ସୃଷ୍ଟ ପ୍ରକୃତିକୁ ବିଶ୍ୱାସ ରୂପେ ଶ୍ରେଷ୍ଠତର ମଣିଷ ଆବାହନ କରିଛି। ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ମରୁତ, ମାଟି, ଜଳରୁ ହିଁ ଧର୍ମବିଶ୍ୱାସର ଶବ୍ଦ ସୃଷ୍ଟି କରିଛି। କଲ୍ୟାଣକାରୀ ପ୍ରକୃତିର ଉପାଦାନକୁ ମଣିଷ ସ୍ୱୀକାର ବି କରେ। ତା'ର ଭାବନାର ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରିଆସିଛି। ଏକଥା ସତ୍ୟ ଯେ, ଗୋଟିଏ ପିପିଲୀକା ଯେପରି ଏକ ହସ୍ତୀର ପରିକଳ୍ପନା କରି ପାରେ ନାହିଁ ସେହିଭଳି ଈଶ୍ୱରୀୟ ଚେତନାର ରହସ୍ୟକୁ ଛାର ମଣିଷ ଛୁଇଁବା ସହଜ ନୁହେଁ। ସାମ୍ପ୍ରତିକ ଧର୍ମ ଶବ୍ଦ ଏକ ବିରାଟ ବିଡ଼ମ୍ବନାରେ ପରିଣତ ହୋଇଛି। ଧର୍ମ ନାମରେ ଅନେକ ବିକୃତି ଦେଖାଦେଇଛି। ଧର୍ମ ନାମରେ ଚିତା, ତିଳକ, ବସ୍ତ୍ର, ସାତ୍ତ୍ୱିକ ତଥା ନିରାମିଷ ଭୋଜନ ନୀତିକୁ ମାନି ନିଆଯାଉଛି। ଧର୍ମକୁ ବିଭକ୍ତୀକରଣ କରି ଦିଆଯାଇଛି। ଏବେ ଆମ ଧର୍ମଚିନ୍ତନ ପୂର୍ଣ୍ଣମାତ୍ରାରେ ଦୂଷିତ। ପୁଣ୍ୟ ଫଳ ପାଇଁ ଆମେ ଆତୁର ଅଥଚ ପାପ କର୍ମଠାରୁ ନିଜକୁ ଦୂରେଇ ରଖିପାରୁ ନାହିଁ। ଅର୍ଥର ଲାଳସାରେ ବଶବର୍ତ୍ତୀ ହୋଇ ଆମେ ଧର୍ମ ନାମରେ ବ୍ୟବସାୟ ଆରମ୍ଭ କରି ଦେଇଛୁ। କିଛି ବ୍ୟକ୍ତିବିଶେଷ ଠାକୁରଙ୍କୁ ଆଗରେ ଥୋଇ ଠାକୁର ଖାଇ ଖଟୁଲୀ ବିକିବାରେ ବ୍ୟସ୍ତ। ଠାକୁରଙ୍କ ଜମିକୁ ଅକ୍ତିଆର କରି ଅର୍ଥ ଉପାର୍ଜନ କରୁଛନ୍ତି। କେତେଜଣ ଠାକୁରଙ୍କୁ ବୁଲେଇ ଟଙ୍କା ଗୋଟାଇବାରେ ବ୍ୟସ୍ତ। ଗଛରେ ସିନ୍ଦୂର ମାରି ରାସ୍ତାର ପଥରକୁ ଚନ୍ଦନ, ସିନ୍ଦୂର ଓ ତୁଳସୀମାଳ ପିନ୍ଧାଇ ଏ ହେଉଛନ୍ତି ବିଶ୍ୱର ଦେବତା ଓ ହୃଦୟର ଦେବତା କହି ଲୋକଙ୍କୁ ଭକ୍ତ ସଜେଇବାରେ ବ୍ୟସ୍ତ। କ୍ରୋଧ, ମାନ, ମାୟା, ଲୋଭ, କାମବାସନା, ଅର୍ଥଲାଳସା ଏସବୁ ବିଚାର ଧର୍ମ ମାର୍ଗ ନୁହେଁ।

ଧର୍ମ କହିଲେ ଧନ ସମ୍ପତ୍ତି ମିଳିବ - ଏହା ଧର୍ମର ବ୍ୟବସାୟିକ ରୂପ। ଆମେ ଏତେ ଅଜ୍ଞାନ ଯେ, ଅନ୍ଧ ଭାବରେ ଏହାକୁ ମାନି ନେବା କ'ଣ ଯଥାର୍ଥ? ବିଚାରଶୀଳ ବ୍ୟକ୍ତି କେବେହେଲେ ବିଷୟଟିକୁ ପୁଙ୍ଖାନୁପୁଙ୍ଖ ବିଚାର ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ନ ଥାଏ । ଧର୍ମନାମରେ ମାତ୍ରାଧିକ ଗୁଜବ ଓ ଅନ୍ଧବିଶ୍ୱାସ ଆଡକୁ ଆମେ ଏବେ ମାଡିଚାଲିଛୁ ବିନା ଦ୍ୱିଧାରେ। ତା'ର ଫଳାଫଳ ସମ୍ପର୍କରେ ଆଦୌ ଚିନ୍ତା କରୁନା। ଧର୍ମ ନାମରେ ଯେଉଁ ଭାଣ୍ଡାମି ଚାଲିଛି ସେଥିରେ କେତେଜଣ ବିରାଡି ବୈଷ୍ଣବ ସମାଜକୁ ଧ୍ୱଂସ ଆଡ଼କୁ ଟାଣି ନେଉଛନ୍ତି । କିଛି ପ୍ରବଚକ ଶିଶୁ ତଥା ବାଳକଙ୍କୁ ବସାଇ ତାଙ୍କର କଳା କାରନାମା ଆରମ୍ଭ କରିଦେଲେଣି।

ଆତ୍ମଘୋଷିତ ଭଗବାନ ଓ ବାବା ବୋଲି ପ୍ରତିଷ୍ଠା କରିବା ବା ଘୋଷଣା କରିବା ହିଁ ରିଷ୍ଟ ବ୍ୟକ୍ତିତ୍ୱର ବିକାର ଅଥବା ଅତ୍ୟଧିକ ଆନନ୍ଦ ପାଇବାର ଅଭିପ୍ରାୟ ବଳବତ୍ତର ହୋଇଥାଏ। ଏଣୁ ସେ ନିଜକୁ ଏଭଳି ଭାବରେ ପରିପ୍ରକାଶ କରେ। ଏମିତି ସେ ବ୍ୟବହାର କରେ ଯେ ସମାଜଠୁଁ ଦୂରେଇ ରହେ- ସମାଜର ଚଳିତ ନୀତିନିୟମକୁ ସେ ବେଖାତିର କରେ। ଅନ୍ୟର ସୁଖ ସୁବିଧାକୁ ସେ ତିଳେ ହେଲେ ଗ୍ରହଣ କରେନାହିଁ । ସେ ଅତ୍ୟନ୍ତ ଅହଂ ସର୍ବସ୍ୱ ଈର୍ଷାପରାୟଣ ହୋଇ ନିଜେ ନିୟନ୍ତ୍ରକ ଭାବରେ କାର୍ଯ୍ୟ କରେ। ସେ ନିଜର ଦୋଷକୁ ଆଦୌ ସ୍ୱୀକାର କରେ ନାହିଁ। ମଣିଷର ଏ ପ୍ରକାର ହୀନ ପ୍ରବୃତ୍ତି ହେଉଛି ମହାପାପ। ଏବଂ ନିଜର ଏସବୁ କୁପ୍ରବୃତ୍ତି ଦ୍ୱାରା ଅନ୍ୟକୁ ବଶ କରାଇ 'ମୁଁ ଈଶ୍ୱର' ଓ 'ମୁଁ ସାଧୁବାବା' କହି ମଣିଷକୁ ଭଣ୍ଡାଇ ନିଜର ସ୍ୱାର୍ଥ ସିଦ୍ଧ କରିବା ହେଉଛି ଗର୍ହିତ ଅପରାଧ।

ଧର୍ମ କେବେ କାହାପାଇଁ ବନ୍ଧନ ସାଜେ ନାହିଁ। ନିଜ ବ୍ୟକ୍ତିଗତ ଧର୍ମପାଳନ ଯେତେବେଳେ ସମାଜର ମଙ୍ଗଳ ସାଧନ କରିବାରେ କାରଣ ହୁଏ ସେତେବେଳେ ନିଜ ଧର୍ମରୁ ବିଚ୍ୟୁତ ହେବା ପାଇଁ ଶାସ୍ତ୍ର କେବେ ବି ଅଧର୍ମ ଆଖ୍ୟା ପ୍ରଦାନ କରେ ନାହିଁ। ଏଣୁ ସୁସ୍ଥ ସମାଜ ଗଠନ ଲାଗି ଏ ପ୍ରକାର ହଟ୍ଟକାରିତାକୁ ମୂଳପୋଛ କରିବା ସର୍ବଦା ବାଞ୍ଛନୀୟ।

ମୋ:୯୪୩୭୭୨୮୪୭୫

## ଏଇ ଭାରତରେ

ଉଚ୍ଚଶିକ୍ଷା ଲାଭକରି ଚାକିରି ଆଶା ରଖିଥିବା ପଞ୍ଜାବର ଫୁମାନ ସିଂଙ୍କ ପାଇଁ ବାଧକ ସାଜିଥିଲା ଦାରିଦ୍ର୍ୟ। ସେ ବିଏ ଦ୍ୱିତୀୟ ବର୍ଷରୁ ପାଠ ଛାଡ଼ିବା ପରେ ଗାଜର ଚାଷ ଆରମ୍ଭ କରିଥିଲେ। ୩୦ ବର୍ଷ ହେଲା ସେ ଏହି ଚାଷ କରିଆସୁଛନ୍ତି। ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଛନ୍ତି। କପୁରଥାଲାର ପରମଜିତପୁର ଗାଁର ଫୁମାନ ଏବେ ଚାଷରୁ ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ଫୁମାନ ପ୍ରଥମେ ସାଢ଼େ ଚାରି ଏକରରେ ଚାଷ ଆରମ୍ଭ କରି ତାହାକୁ ୩୭ ଏକରକୁ ବୃଦ୍ଧି କରିଛନ୍ତି। ଏହାବାଦ୍ ଆଉ ୧୩ ଏକର ଜମି ଲିଜ୍‌ରେ ଆଣି ମୋଟରେ ସେ ୫୦ ଏକରର ଚାଷ କରୁଛନ୍ତି। ଫୁମାନ ଓ ତାଙ୍କ ଦୁଇଭାଇଙ୍କ ଚାଷଜମିକୁ ମିଶାଇଲେ ମୋଟ ୮୦ ଏକର ଜମିରେ ଗାଜର ଚାଷ ହେଉଛି। ସେଥିରୁ ଏହି ଚାଷରେ ଫୁମାନଙ୍କ ପୁଅ ମଧ ସହଯୋଗ କରୁଛନ୍ତି। ଆଖପାଖ ଅଞ୍ଚଳରେ ଗାଜର ଚାଷ ବଢ଼ାଇବା ଲାଗି ଫୁମାନ ଏକ ସିଡ୍ ବ୍ୟାଙ୍କ କରିଛନ୍ତି। ସ୍ଥାନୀୟ ଲୋକେ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଚାଷୀମାନେ ତାଙ୍କଠାରୁ ଗାଜର ମଞ୍ଜି ନେଉଛନ୍ତି। ଏବେ ତାଙ୍କ ସିଡ୍ ବ୍ୟାଙ୍କରେ ଯେତିକି ବିହନ ମଞ୍ଜି ଅଛି ତାହା ୬୫୦ ଏକର ଚାଷ ହୋଇପାରିବ।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୧୩ ଡିସେମ୍ବର ୧୯୭୫

- ସୋଭିଏତ ରାଷ୍ଟ୍ରପତି ପୋଦଗର୍ଣ୍ଣି ଓ ଆଫଗାନିସ୍ତାନ ରାଷ୍ଟ୍ରପତି ମହମ୍ମଦ ଦାଉଦ ଏକ ରୁଷିଆ-ଆଫଗାନିସ୍ତାନ ଅନାକ୍ରମଣ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।
- ଅଷ୍ଟ୍ରେଲିଆର ଜାତୀୟ ପାର୍ଟିର ନେତା ରବର୍ଟ ସୁଲଡୁନ ଦେଶର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।
- ଦକ୍ଷିଣ ପ୍ରଶାନ୍ତ ମହାସାଗରକୁ ଏକ ଆଣବିକମୁକ୍ତ ଅଞ୍ଚଳ ରୂପେ ଘୋଷଣା କରିବା ପ୍ରସ୍ତାବଟି ଜାତିସଂଘ ସାଧାରଣ ଆସେମ୍ବ୍ଲିରେ ଗୃହୀତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | 4 | 5 | | |
| | | | | 5 | 1 | | 2 | |
| | | 4 | 2 | | | 8 | | |
| 3 | 9 | | | | | | | 7 |
| | | | | | | | | |
| | | 7 | 3 | | 5 | | 8 | 2 |
| 9 | | | | | | | | |
| 2 | | | | 6 | | | | |
| 6 | | | 1 | 2 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 9 | 4 | 7 | 8 | 5 | 6 |
| 7 | 8 | 9 | 5 | 1 | 6 | 2 | 3 | 4 |
| 4 | 6 | 5 | 3 | 2 | 8 | 9 | 1 | 7 |
| 5 | 7 | 2 | 6 | 9 | 3 | 1 | 4 | 8 |
| 8 | 1 | 6 | 4 | 7 | 5 | 3 | 2 | 9 |
| 9 | 3 | 4 | 2 | 8 | 1 | 6 | 7 | 5 |
| 2 | 4 | 8 | 1 | 5 | 9 | 7 | 6 | 3 |
| 6 | 5 | 7 | 8 | 3 | 2 | 4 | 9 | 1 |
| 1 | 9 | 3 | 7 | 6 | 4 | 5 | 8 | 2 |

ଗତକାଲିର ଉତ୍ତର

# ମଣିପୁର ଅଶାନ୍ତ



ରବିନାରାୟଣ ସାମଲ

ମଣିପୁର। ଭାରତର ଉତ୍ତର-ପୂର୍ବାଞ୍ଚଳର ଏକ ରାଜ୍ୟ। 'ସପ୍ତ ଭଗ୍ନୀର ଦେଶ'। 'ଭାରତର ସୁଇଜରଲାଣ୍ଡ'। ବଣ ପାହାଡ଼ଘେରା ଉପତ୍ୟକା। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ମଣିପୁରୀ ନୃତ୍ୟ ବିଶ୍ୱ ବିଖ୍ୟାତ। ଆୟତନ ଓଡ଼ିଶାର ଛଅ ଭାଗରୁ ଭାଗେ। ଲୋକସଂଖ୍ୟା କଟକ ଜିଲାଠାରୁ କମ୍। ଅଧିବାସୀମାନେ ସରଳ ଓ ଶାନ୍ତିପ୍ରିୟ। କୃଷି ସେମାନଙ୍କର ପ୍ରଧାନ ଜୀବିକା।

ମଣିପୁରରେ ବାସ କରନ୍ତି ମୁଖ୍ୟତଃ ମେଇତି, ନାଗା ଓ କୁକି-ଜୋ। ମେଇତିମାନେ ହିନ୍ଦୁ ସମ୍ପ୍ରଦାୟର ଏବଂ ଏମାନଙ୍କ ସଂଖ୍ୟା ଶତକଡ଼ା ୫୩ ଭାଗ। ନାଗା ଓ କୁକି-ଜୋ ଆଦିବାସୀ ଖ୍ରୀଷ୍ଟିଆନ ସମ୍ପ୍ରଦାୟର। ନାଗାମାନଙ୍କ ସଂଖ୍ୟା ଶତକଡ଼ା ୨୦ ଭାଗ ହୋଇଥିବା ବେଳେ କୁକି-ଜୋ'ଙ୍କ ସଂଖ୍ୟା ଶତକଡ଼ା ୧୬ ଭାଗ। ନାଗା ଓ କୁକି-ଜୋ ଜନଜାତି ବଣ ପାହାଡ଼ ଇଲାକାରେ ବସବାସ କରୁଥିବା ସ୍ଥଳେ ମେଇତିମାନେ ମଣିପୁରର ମଧ୍ୟ ସ୍ଥଳରେ ଥିବା ଉପତ୍ୟକାରେ ବାସ କରନ୍ତି। ଅନ୍ୟାନ୍ୟ ସମ୍ପ୍ରଦାୟ ଅପେକ୍ଷା ମେଇତିମାନେ ଅଧିକ ସ୍ୱଚ୍ଛଳ ବର୍ଗର ଏବଂ ଶିକ୍ଷିତ ମଧ୍ୟ।

ମଣିପୁରର ଶତକଡ଼ା୯୦ ଭାଗ ହେଉଛି ପାହାଡ଼ିଆ ଅଞ୍ଚଳ ଏବଂ ୧୦ଭାଗ ଉପତ୍ୟକାର ସମତଳ ଅଞ୍ଚଳ। କିନ୍ତୁ ବଜେଟ ହୁଏ ପାହାଡ଼ିଆ ଅଞ୍ଚଳ ଲାଗି କମ୍ ଓ ସମତଳ ଅଞ୍ଚଳ ପାଇଁ ଅଧିକ। ଏତାଦୃଶ ପକ୍ଷପାତିତା ମେଇତି ଓ କୁକି-ଜୋ'ଙ୍କ ମଧ୍ୟରେ ବିଭେଦର ଅନ୍ୟତମ କାରଣ ହୋଇ ରହିଆସିଛି। ଏହାର ସୁଯୋଗ ନେଉଛନ୍ତି ସେଠାରେ ସକ୍ରିୟ ଥିବା ଏକ ଡଜନରୁ ଅଧିକ ଉଗ୍ରବାଦୀ ଗୋଷ୍ଠୀ।

୨୦୨୨ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠ ମେଇତିମାନଙ୍କୁ ତଫସିଲଭୁକ୍ତ ଜନଜାତି ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇ ଭାରତୀୟ ଜନତା ପାର୍ଟି ୬୦ଟି ଆସନରୁ ୩୭ଟି ଆସନ ଦଖଲ କରିଥିଲା। ମେଇତିମାନେ ଜନଜାତି ଅନ୍ତର୍ଭୁକ୍ତ ହେଲେ କୁକି-ଜୋ ପାଇଆସୁଥିବା ସୁବିଧା ସୁଯୋଗ ସଙ୍କୁଚିତ ହେବ ବୋଲି ଏକ ଆଶଙ୍କା ସୃଷ୍ଟି ହେଲା। ଫଳରେ ମେଇତି ଓ କୁକି-ଜୋ'ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିଲା। ଦୁର୍ଭାଗ୍ୟକୁ ମେଇତିମାନଙ୍କୁ ତଫସିଲଭୁକ୍ତ ଜନଜାତି ଅନ୍ତର୍ଭୁକ୍ତ କରିବାକୁ ମଣିପୁର ଉଚ୍ଚ ନ୍ୟାୟାଳୟ ୨୦୨୩ ମାର୍ଚ୍ଚ ୨୭ରେ ସରକାରଙ୍କୁ ନିର୍ଦ୍ଦେଶ ଦେଲେ। ନିଆଁରେ ଘିଅ ଢାଳିଲା ଭଳି ଉଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ସମଗ୍ର ମଣିପୁରରେ ନିଆଁ ଜାଳିଦେଲା। ଗୋଟିଏ ପକ୍ଷରେ ମେଇତି ଓ ଅନ୍ୟ ପକ୍ଷରେ ନାଗା, କୁକି-ଜୋ। ଉଭୟଙ୍କ ମଧ୍ୟରେ ଲାଗିଗଲା ଜାତିଆଣ ଦଙ୍ଗା। ୨୦୨୩ ମେ ୩ରେ ଦଙ୍ଗା ଉଗ୍ର ରୂପ ନେଲା। ସଂଖ୍ୟାଗରିଷ୍ଠ ମେଇତିମାନେ ସଂଖ୍ୟାଲଘୁ ନାଗା, କୁକି-ଜୋ'ଙ୍କ ଉପରେ ଆକ୍ରମଣ କଲେ। ଘରଦ୍ୱାର ସମେତ ଚର୍ଚ୍ଚଗୁଡ଼ିକୁ ପୋଡ଼ିଜାଳି ଦେଲେ। ସଂଖ୍ୟାଲଘୁମାନେ ବଣପାହାଡ଼ରେ ଆଶ୍ରୟ ନେଲେ। ମେ ୪ ରେ ଏକ ବୀଭତ୍ସ ଘଟଣା ଘଟିଗଲା। ଗୋଟିଏ କୁକି ଆଦିବାସୀ ପରିବାରର ୩ ଜଣ ମହିଳା ଓ ୨ଜଣ ପୁରୁଷଙ୍କୁ ପୋଲିସ



ଉଦ୍ଧାର କରି ଆଣୁଥିଲା ବେଳେ ମେଇତିମାନେ ପୋଲିସଠାରୁ ସେମାନଙ୍କୁ ଛଡ଼େଇ ନେଇ ବିବସ୍ତ୍ର କଲେ, ନିର୍ଯାତନା ଦେଲେ ଏବଂ ଗଣବଳାତ୍କାର କଲେ। ସେମାନଙ୍କ ସହିତ ଥିବା ପୀଡ଼ିତାଙ୍କ ବାପା ଓ ଭାଇ ତାହାକୁ ବିରୋଧ କରିବାରୁ ସେମାନଙ୍କୁ ଦୁର୍ବୃତ୍ତମାନେ ହତ୍ୟାକଲେ। ଏହି ଭଳି ଆହୁରି ଅନେକ ଘଟଣା ଘଟିଗଲା। ବୀରେନ୍ ସିଂ ସରକାର ଦଙ୍ଗା ନିୟନ୍ତ୍ରଣ କରିପାରିଲେ ନାହିଁ।

ଆଜକୁ ଦେଢ଼ବର୍ଷ ହେଲା ପ୍ରତ୍ୟେକ ଦିନ ଏହି ଭଳି ଘଟଣା ଘଟିଚାଲିଛି। ଗତ ନଭେମ୍ବର ୧୧ରେ ମେଇତିମାନଙ୍କ ଶରଣାର୍ଥୀ ଶିବିର ଉପରେ କୁକି ଉଗ୍ରପନ୍ଥୀମାନେ ଆକ୍ରମଣ କରି ୩ ଜଣ ମହିଳା ଓ ୩ ଜଣ ଶିଶୁଙ୍କୁ ଅପହରଣ କରିନେଲେ। ପରଦିନ ସେମାନଙ୍କ ମୃତଦେହ ନଦୀରେ ଭାସୁଥିବାର ଦେଖାଗଲା। ମେଇତିମାନେ କ୍ଷୁବ୍ଧ ହେଲେ। ନଭେମ୍ବର ୧୫ରେ ମେଇତିମାନଙ୍କ ଆକ୍ରମଣରେ ୧୧ ଜଣ କୁକି ନିହତ ହେଲେ। ସେହି ଦିନଠାରୁ ଦଙ୍ଗା ହିଂସ୍ର ହୋଇଉଠିଛି। ମନ୍ତ୍ରୀ, ବିଧାୟକ ଏବଂ ଏପରିକି ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଉତ୍ତ୍ୟକ୍ତ ଜନତା ନିଆଁ ଲଗାଇ ଦେଇଛନ୍ତି। ଏବେ ସେଠାରେ କର୍ଫ୍ୟୁ। ସ୍କୁଲ କଲେଜ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ। ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ। ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ।

ଦୀର୍ଘଦିନ ଧରି ମଣିପୁର ଅଶାନ୍ତ ହୋଇଉଠିଥିଲା ବେଳେ ଏଥିପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତା କୌଣସି ଦିଗରୁ ଗ୍ରହଣୀୟ କି ସ୍ପୃହଣୀୟ ନୁହେଁ। ଭାରତର ଖ୍ୟାତନାମା ବକ୍ସିଂ ଚାମ୍ପିୟନ ମେରି କମ୍ ଏବଂ ଦୀର୍ଘ ୧୬ବର୍ଷ ଅନଶନରେ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା 'ଆଇରନ୍ ଲେଡି' ଇରମ୍ ଚାନୁ ଶର୍ମିଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରେ ମଣିପୁର ଗସ୍ତ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେ ଏ ଯାବତ୍ ସେଠାକୁ ଯାଇନାହାନ୍ତି। ବିରୋଧୀ ଦଳଙ୍କ ମେଣ୍ଟ 'ଇଣ୍ଡିଆ'ର ପ୍ରତିନିଧିମାନେ ସେଠାକୁ ଯାଇ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ପ୍ରଧାନମନ୍ତ୍ରୀଙ୍କୁ ଥରେ ଗସ୍ତ କରିବାକୁ ଅନୁରୋଧ ବି କଲେ। ମାତ୍ର ସେ ନୀରବ! ମଣିପୁର ବିଧାନସଭାର ବିରୋଧୀ ଏବଂ ଏପରିକି ଶାସକ ଦଳର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ'ଙ୍କ ଇସ୍ତଫା ଦାବି କରିଥିବା ସତ୍ତ୍ୱେ କେନ୍ଦ୍ର ସରକାର ସେଥି ପ୍ରତି ତିଳେ ହେଲେ କର୍ଣ୍ଣପାତ କରୁ ନାହାନ୍ତି। ମହିଳାମାନଙ୍କ ଉପରେ ଅତ୍ୟାଚାର ଚାଲିଥିଲେ ମଧ୍ୟ ଜାତୀୟ ମହିଳା କମିଶନ ଉଁ କି ଚୁଁ ହେଉନାହାନ୍ତି।

ମଣିପୁର ଏକ ସୀମାନ୍ତ ଅଞ୍ଚଳ। ଉଗ୍ରପନ୍ଥୀମାନେ ସେଠାରେ ସକ୍ରିୟ। ସରକାର କାଳକ୍ଷେପଣ ନୀତି ଗ୍ରହଣ ନ କରି ତୁରନ୍ତ ସର୍ବଦଳୀୟ ପ୍ରତିନିଧି ସେଠାକୁ ପଠାଇ ସମାଧାନର ସୂତ୍ର ବାହାର କରନ୍ତୁ। ମଣିପୁରବାସୀଙ୍କ ବହୁଦିନର ଦାବି ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମ ପରି ସେଠାରେ ଟେରିଟୋରିଆଲ୍ କାଉନ୍‌ସିଲ ଗଠନ ନିମିତ୍ତ ତୁରନ୍ତ ବ୍ୟବସ୍ଥା କରନ୍ତୁ। ନଚେତ ୫୩ ଭାଗ ହିନ୍ଦୁଙ୍କୁ ସରକାରଙ୍କ ସନ୍ତୁଷ୍ଟୀକରଣ ନୀତି ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ମୋ: ୭୯୭୫୦୪୬୪୮୬

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାମାନେ ଅଗ୍ନିଶମ ବିଭାଗରେ କାମ କରିପାରିବେ

ମହାଶୟ,
ରାଷ୍ଟ୍ରୀୟ ବିକାଶରେ ପୁରୁଷମାନଙ୍କର ଯେତିକି ଭୂମିକା ରହିଛି ମହିଳା ମାନଙ୍କର ମଧ ସେତିକି ରହିଛି। ବର୍ତ୍ତମାନ ଭାରତର ମହିଳାମାନେ ରାଷ୍ଟ୍ରୀୟ ବିକାଶର ସବୁ କ୍ଷେତ୍ରରେ ପୁରୁଷମାନଙ୍କ ସହ ତାଳଦେଇ ଗତି କରୁଥିବା ବେଳେ ଅଗ୍ନିଶମ ବିଭାଗରେ କାହିଁକି କାମ ନ କରିପାରିବେ। ସେମାନଙ୍କୁ ବଳିଷ୍ଠ ତାଲିମ ଦେଲେ ସେମାନେ କେଉଁଠି ଅଗ୍ନିକାଣ୍ଡ ହେଲେ ଦକ୍ଷତାର ସହ ବିପଦପୂର୍ଣ୍ଣ ଅଗ୍ନିକାଣ୍ଡକୁ ପ୍ରତିହତ କରିପାରିବେ। ଯଦି ସେନାବାହିନୀ, ପୋଲିସ ବାହିନୀରେ ମହିଳାମାନେ ଦକ୍ଷତାର ସହ କାମ କରିପାରୁଛନ୍ତି ଅଗ୍ନିଶମ ବିଭାଗରେ କାହିଁକି କାମ କରି ନ ପାରିବେ। ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରାଯାଇପାରେ। ଏହା ଆଗରୁ ହେବା ଉଚିତ ଥିଲା। ରାଜ୍ୟ ସରକାର ଯଥାଶୀଘ୍ର କରିବାକୁ ଅନୁରୋଧ। ମହିଳାମାନେ ଉତ୍ସାହିତ ହୋଇ ଅଗ୍ନିଶମ ବିଭାଗରେ କାମ କରିବାକୁ ଆଗଭର ହୋଇ ଆସନ୍ତୁ।

-ରଞ୍ଜନ ମିଶ୍ର, ସତ୍ୟବାଦୀ,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଙ୍ଗେ ଅଙ୍ଗ ଇଙ୍ଗିତ କେତେ ଲାଗିଲା।
ଚମକାଇ
ତୃଷିତ ଆଖିରେ ଯେତେ ମୁଖଛବି ଜାଗିଲା
ମନେ ନାହିଁ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କ୍ରୂର ପ୍ରତିରୋଧ ଯୋଗୁ ମଣିଷ-ହାତୀ ବିବାଦ ବଢୁଛି: ମନ୍ତ୍ରୀ

ଭୁବନେଶ୍ୱର,୧୨।୧୨
(ବନ୍ଦନା ସେଠୀ)

- ୧୨ ବର୍ଷରେ ରାଜ୍ୟରେ ୧ ହଜାରରୁ ଅଧିକ ହାତୀ ମରିଛନ୍ତି
- ୮ ଜଣଙ୍କୁ 'ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ପୁରସ୍କାର'

ଅତୀତରେ ବନ୍ୟପ୍ରାଣୀ ବିଶେଷକରି ହାତୀ ଓ ମଣିଷ ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ରହି ଆସୁଥିଲେ। ମାତ୍ର ଏବେ ସ୍ଥିତି ବଦଳିଯାଇଛି। ବଢୁଥିବା ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ବନ୍ୟଜନ୍ତୁଙ୍କ ବାସସ୍ଥାନ ହ୍ରାସ ସମେତ ଜଙ୍ଗଲ ସମ୍ପଦର ଚାହିଦା ବୃଦ୍ଧି ପାଇଛି। ଖାଦ୍ୟ, ଜଳ ଓ ବାସସ୍ଥାନ ପାଇଁ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇଛି। ଏହା ଧୀରେଧୀରେ ହାତୀ-ମଣିଷ ସଂଘର୍ଷରେ ପରିଣତ ହୋଇ ବିପଦ ପାଲଟିଛି। ଫଳରେ ଲୋକଙ୍କ କ୍ରୂର ପ୍ରତିରୋଧ ଯୋଗୁ ମଣିଷ-ହାତୀ ବିବାଦ ଓ ଏ ସମ୍ପର୍କିତ କ୍ଷୟକ୍ଷତି ବଢ଼ି ଚାଲିଛି। ଗତ ୧୨ ବର୍ଷରେ ରାଜ୍ୟରେ ୧ ହଜାରରୁ ଅଧିକ ହାତୀ ମରିଛନ୍ତି। ସେହିପରି ହାତୀ ଆକ୍ରମଣରେ ୧୫୦୦ରୁ ଅଧିକ ମଣିଷଙ୍କ ଜୀବନ ଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗକୁ ସହାୟତା ଲାଗି ପ୍ରତିଷ୍ଠିତ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ସ୍ୱନକ୍ଷତ୍ର ଦିବସ ଓ 'ପରିବର୍ତ୍ତିତ ପରିସ୍ଥିତିରେ ହାତୀ ସଂରକ୍ଷଣ ଆହ୍ୱାନପୂର୍ଣ୍ଣ' ଶୀର୍ଷକ କର୍ମଶାଳା ଗୁରୁବାର ସୂଚନାଭବନଠାରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ହାତୀଙ୍କ ସଂରକ୍ଷଣ ବିପଦରେ ପଡ଼ିଛି। ପୂର୍ବର ଶାନ୍ତ, ସ୍ୱାଭାବିକ ଓ ସନ୍ତୁଳିତ ସହାବସ୍ଥାନରେ ତିକ୍ତତା ସୃଷ୍ଟି ହୋଇ ଅଭାବନୀୟ, ଅପ୍ରୀତିକର ଓ ଅସହନୀୟ ସ୍ଥିତି ଆଡ଼କୁ ଅଗ୍ରସର ହେବା ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ହୋଇଛି। ତେବେ ସାଂପ୍ରତିକ ପରିସ୍ଥିତିରେ ଫାଉଣ୍ଡେଶନ ଉଦ୍ୟମରେ ହାତୀ ସୁରକ୍ଷା ଓ ଜନ ଧନ ରକ୍ଷା ପାଇଁ ସମ୍ମିଳିତ ପ୍ରଚେଷ୍ଟା ବାସ୍ତବରେ ପ୍ରଶଂସନୀୟ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟ ବନ ସଂରକ୍ଷକ ତଥା ନନ୍ଦନକାନନ ନିର୍ଦ୍ଦେଶକ ଡ. ମନୋଜ ଭି. ନାୟାର, ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଏବଂ ଅନ୍ୟ ୬ଜଣଙ୍କୁ 'ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ପୁରସ୍କାର' ପ୍ରଦାନ କରାଯାଇଥିଲା। ଗତବର୍ଷ ଲୋକଙ୍କୁ ହାତୀ ଉପଦ୍ରବରୁ ରକ୍ଷା କରିବା ସମୟରେ ମୃତ୍ୟୁବରଣ କରିଥିବା କଳାହାଣ୍ଡିର ନର୍ଲା ରେଞ୍ଜ ଅଫିସର ସ୍ୱର୍ଗତ ପ୍ରଶାନ୍ତ ପାଳଙ୍କୁ 'ମରଣୋତ୍ତର ପୁରସ୍କାର' ସହିତ ୩୦ ହଜାର ଟଙ୍କାର ଅର୍ଥରାଶି ତାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ମଣିଷ-ହାତୀ ସଂଘର୍ଷ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ନେଇ ଏକ ସମନ୍ୱିତ ତଥା ସମ୍ମିଳିତ ପ୍ରୟାସ ଲୋଡ଼ା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ମଣିଷ-ହାତୀ ସଂଘର୍ଷ ହ୍ରାସ କ୍ଷେତ୍ରରେ ଫାଉଣ୍ଡେଶନର ଭୂମିକା ସମ୍ପର୍କରେ କହିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଲୋକାୟୁକ୍ତର ପୂର୍ବତନ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ମ୍ୟାନେଜିଂ ଟ୍ରଷ୍ଟି ଡ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ପ୍ରାମାଣିକ ଫିଲ୍ମ ପ୍ରଦର୍ଶିତ ହୋଇଥିଲା।



ମନ୍ତ୍ରୀ ନର୍ଲା ରେଞ୍ଜ ଅଫିସର ସ୍ୱର୍ଗତ ପ୍ରଶାନ୍ତ ପାଳଙ୍କ ଲାଗି ତାଙ୍କ ସ୍ତ୍ରୀ ଓ ପିଲା ମନ୍ତ୍ରୀଙ୍କଠାରୁ 'ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ପୁରସ୍କାର' ଗ୍ରହଣ କରୁଛନ୍ତି।

# ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨।୧୨
(ଅନିଲ ଦାସ)

## ଧାନ ସଂଗ୍ରହ ସମୀକ୍ଷା

- ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହେବେ
- ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ମଣ୍ଡିରେ ଚାଷୀଙ୍କ ପାଇଁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରିବାକୁ ପରାମର୍ଶ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ଧାନ ସଂଗ୍ରହ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଗତ ୬ ମାସ ମଧ୍ୟରେ ଅନେକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା ସହିତ ଆହୁରି ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ପିଏମ୍ କିଷାନ ଓ ସିଏମ୍ କିଷାନ ସହିତ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ସହାୟତାରେ ଧାନକିଣା ବ୍ୟବସ୍ଥା ଚାଷୀଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି, ଡିସେମ୍ବର ୧୧ ତାରିଖ ସୁଦ୍ଧା ବରଗଡ଼, ନୂଆପଡ଼ା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଜିଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକ ଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଭାବେ ୩୨୩.୭୩ କୋଟି ଓ ଇନ୍‌ପୁଟ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିବା ବିଭିନ୍ନ ଜିଲାର ଜିଲାପାଳମାନଙ୍କ ସହିତ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସୋସାଇଟିସ୍ତରୀୟ ଧାନକିଣା କମିଟିଗୁଡ଼ିକୁ ଆହୁରି ସକ୍ରିୟ କରିବା ପାଇଁ ସେ କହିଛନ୍ତି। ଚାଷୀମାନଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। କଳାହାଣ୍ଡି ଜିଲାରେ ଚାଷୀମାନଙ୍କ ପାଇଁ ମଣ୍ଡି ନିକଟରେ କ୍ୟାଣ୍ଟିନ୍, ପାନୀୟ ଜଳ ଓ ପରିସ୍ରାଗାର ବ୍ୟବସ୍ଥା ହୋଇଛି। ଅନ୍ୟ ଜିଲାମାନେ ମଧ୍ୟ ସେହିପରି ବ୍ୟବସ୍ଥାକୁ ନିଜ ଜିଲାରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍‌ରୁ ଧାନକିଣାର ଲାଇଭ ଫିଡ୍ ଆସୁଛି। ଏପରି ବ୍ୟବସ୍ଥାକୁ ଅନ୍ୟ ସମସ୍ତ ଜିଲା ଭଲ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଚାଷୀମାନଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାରେ ମଣ୍ଡିରେ ନୋଡାଲ୍ ଅଫିସର ଓ ମଣ୍ଡି ସୁପରଭାଇଜର ଅଛନ୍ତି। ଚାଷୀଙ୍କର ଯଦି କିଛି ଅଭିଯୋଗ ଥାଏ, ସେମାନେ ତାକୁ ଶୁଣାଣି କରି ସମସ୍ୟାର ସମାଧାନ କରିବେ। ଏହାଦ୍ୱାରା ଚାଷୀଙ୍କର ବ୍ୟବସ୍ଥା ଉପରେ ଭରସା ବଢ଼ିବ। ଏଥିସହିତ ଦଲାଲମାନେ ଯେପରି କୌଣସି ପରିସ୍ଥିତିରେ ଚାଷୀଙ୍କ ଫାଇଦା ନ ଉଠାଇପାରିବେ, ସେଥିପାଇଁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଟୋକନ୍ ବ୍ୟବସ୍ଥା, ଟ୍ୟାଗିଂ ବ୍ୟବସ୍ଥା, ମିଲରମାନଙ୍କ ସହଯୋଗ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ. ସିଂହ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


GOVERNMENT OF ODISHA
## "e" PROCUREMENT NOTICE
**Bid Identification No. 10 of 2024-25**

No. O-826: The Executive Engineer, RWS&S Division, Balangir on behalf of Governor of Odisha invites percentage bid through e-Procurement in Double Cover System according to norm of e-Procurement system in online mode for the different work in different blocks under Balangir district.

01. Nature of Work : Construction of E-Type 4 Nos. Staff Quarters under RWS&S Division, Balangir of Balangir District
02. Total No. of Work : 01 No.
03. Estimated Cost : Rs.64.52 lakh
04. Eligible Class of Contractor : "B Class Contractor
05. Period of Completion : Six Months
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 10 of 2024-25 | Dt.12.12.2024 At 11.00 Hrs. | Dt.26.12.2024 Upto 17.00 Hrs. |

Further details can be had in the DTCN available in the website: **www.tendersodisha.gov.in**.

**Sd./- Executive Engineer**
**RWS&S Division, Balangir**
OIPR-25033/11/0006/2425

## OFFICE OF THE EXECUTIVE ENGINEER, P.H. DIVISION, ANGUL
Ph. (06764) 296431, Email-eephangul@yahoo.in
GOVERNMENT OF ODISHA
**Bid Identification No.SE PH Division Angul - 21/2024-25 dt.10.12.2024**
No.C-1231

| | | |
|---|---|---|
| 1 | Name of the work | Laying of Raw water Rising main under Railway Track at Kamakhyanagar |
| 2 | Type of Bid | Single bid system |
| 3 | Estimated Cost | **Rs. 45.48 lakhs** |
| 4 | Period of completion | 02 (two) months |
| 5 | Date & time of availability of bid document in the portal | From 11.00AM of 14.12.2024 to 5.00 PM of 24.12.2024 |
| 6 | Last date/time of receipt of bids in the portal | 5.00 PM of 24.12.2024 |
| 7 | Date & time of opening of technical bids | At 11.00 AM of 26.12.2024 |
| 8 | Name & address of the Officer Inviting Bid | **Superintending Engineer, P.H. Division, Angul** |
| 9 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | |

Sd./- (Er. Prasanta Behera)
Superintending Engineer
P.H. Division, Angul
OIPR-13056/11/0012/2425

No.MM-
Forest, Environment and Climate Change Department, Odisha
## OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION
Email:dfo.jharsuguda@odisha.gov.in, Ph-06645-295040

**BID IDENTIFICATION NO-DFO-JSG-04 of 2024-25 (1F)/DATED. No.202/1F (Accts.), Dated, Jharsuguda the 10 December,2024**
**e-Procurement Notice**

1. Name of Work : Construction of Mega Barrack (2nd and 3rd) Jharsuguda FY 2024-25
2. Total No. of Works : 1 No.
3. Estimated Cost : Rs.73,57,496/- (Excluding GST)
4. Period of Completion : Four Calendar Months
5. Date of availability of bid documents in portal : 11.12.2024 to 25.12.2024
6. Last date/time for receipt of bids in the Portal : Upto 05.00 PM of 25.12.2024
7. Date & Time of Opening of Bid documents : At 11.00 AM of 26.12.2024
8. Class of Contractor : "A" & "B" Class Contractor
9. Name and address of Officer Inviting Bid : Divisional Forest Officer, Jharsuguda Forest Division

(a) Further, details can be seen from the e-Procurement portal www.tenderodisha.gov.in/
(b) The addendum/Corrigendum if any will be hosted in the website only.

**Sd./- Divisional Forest Officer**
**Jharsuguda Forest Division**
OIPR-08054/11/0011/2425

## OFFICE OF THE COLLECTOR & DISTRICT MAGISTRTATE, BALASORE
**(Tender Call Notice for providing outsourcing services of Group-D personnel under the Administrative Control of Collector, Balasore through Manpower Service Provider)**
Notice No. 8557/Estt., Dt: - 05.12.2024

**No.F-93 :** Sealed Tender / quotation are hereby invited from registered firms / outsourcing agencies to provide 89 (Eighty Nine) numbers of Group-D personnel under the Administrative Control (Under Revenue Hierarchy) of Collector, Balasore for a period of one year from the date of commencing of the contract.

The intending registered firms/ outsourcing agencies may submit tender/ quotation along with other supporting documents in Office of the Collector & District Magistrate, Balasore, At/Po/PS/Dist-Balasore, PIN-756001 latest by date **20.12.2024** (5.00PM) through registered post/ speed post/ courier. The submitted tender/quotation documents must accompany a DD of Rs.10000/- (Rupees Ten Thousand) only in favour of Collector, Balasore payable at SBI, Balasore (Main Branch) towards cost of Tender paper (Non-refundable). No Tender/Quotation paper will be received by hand, e-mail and digital mode.

The details information of outsourcing services of aforesaid posts has been provided in the Tender Documents. The tender document will be available on the official website of Balasore District i.e. **https://balasore.odisha.gov.in**. The authority reserves every right to reject all or any of the tender/ quotation without assigning any reason thereof.

**Sd./- Collector & District Magistrate, Balasore**
OIPR-24242/11/0004/2425

## OFFICE OF THE PROJECT MANAGER
OP&WC
THE ODISHA STATE POLICE HOUSING AND WELFARE CORPORATION LTD.
BHUBANESWAR DIVISION
AT/OPH&WC HEAD OFFICE COMPLEX, BHOI NAGAR,BHUBANESWAR-22, PH : (0674) 2543442, 2543242,
e-mail : jmbbsr.ophwc.od@nic.in & jmbbsr@rediffmail.com
**Letter No. 6889/PM/OPHWC/BBSR Dt. 10.12.2024**

**AUCTION SALE NOTICE**
No. 02/2024-25/PM, BBSR

**No. CAD-1878** : Bids are invited for Auction Sale of all usable and unusable materials stacking at head complex, OPHWC, Bhubaneswar as listed in the Auction Sale Document. The Interested parties are requested to inspect the site during office working days .The Auction Sale document may be obtained on payment of Rs. 590/- (Rupees Five hundred and Ninety only) (Non-refundable) (Rs. 500 + 18% GST) between 10 A.M. to 5 P.M. on each working day from the office of the Project Manager, Bhubaneswar Division, Bhubaneswar from dt.12.12.2024. to dt.16.12.2024. It must be deposited through NEFT/RTGS in the Bank Account - OSPH&WC LTD-K2 TENDER, Bank A/C No - 0042104000537612, Name of the Bank & Branch - IDBI Bank Ltd, Janpath, Bhubaneswar, IFS Code - IBKL0000042. If the auction call document will not be submitted in prescribed format or otherwise than in the manner prescribed, the document shall be rejected.

| | |
|---|---|
| Date of Issue of auction call document | 10.00 A.M., Dt-12.12.2024 |
| Last date for issue of auction call document up to | 05.00 P.M., Dt-16.12.2024 |
| Last date for receipt up to | 02.00 P.M., Dt-17.12.2024 |
| Date of opening | 04.00 P.M., Dt-17.12.2024 |

OIPR-12025/11/0017/2425 Sd./- Project Manager, Engg. (Civil)

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
**1st Corrigendum Notice**
**No.2517, Dated 10.12.2024**

**No.O-840:**The 1st Corrigendum to the Bid Identification No. BLGR-Online-06/2024-25, the revised date and time are as follows:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online - 06/2024-25 | 06.12.2024 at 11.00 A.M. | 04.01.2025 upto 5.00 P.M. | 03.01.2025 upto 5.00 P.M. | 06.01.2025 at 11.00 A.M. | Will be intimated separately |

**N.B.- All other terms and conditions remain unchanged.**
**Sd./- Chief Construction Engineer**
**Rural Works Circle, Bolangir**
**OIPR-25118/11/0013/2425**

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
**1st Corrigendum Notice**
**No.2507, Dated 10.12.2024**

**No.O-838:**The 1st Corrigendum to the Bid Identification No. **BLGR-Online-04/2024-25,** the revised date and time are as follows:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | **BLGR-Online - 04/2024-25** | 30.11.2024 at 11.00 A.M. | 01.01.2025 upto 5.00 P.M. | 31.12.2024 upto 5.00 P.M. | 02.01.2025 at 11.00 A.M. | Will be intimated separately |

**N.B.- All other terms and conditions remain unchanged.**
**Sd./- Chief Construction Engineer**
**Rural Works Circle, Bolangir**
**OIPR-25118/11/0011/2425**

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
**1st Corrigendum Notice**
**No.2522, Dated 10.12.2024**

**No.O-841:**The 1st Corrigendum to the Bid Identification No. BLGR-Online-07/2024-25, the revised date and time are as follows:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online - 07/2024-25 | 09.12.2024 at 11.00 A.M. | 07.01.2025 upto 5.00 P.M. | 06.01.2025 upto 5.00 P.M. | 08.01.2025 at 11.00 A.M. | Will be intimated separately |

**N.B.- All other terms and conditions remain unchanged.**
**Sd./- Chief Construction Engineer**
**Rural Works Circle, Bolangir**
**OIPR-25118/11/0014/2425**

GOVERNMENT OF ODISHA E-mail ID: eerwkaranjia@yahoo.com
## OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA (MAYURBHANJ)
**Letter No.5376/WE// Date:09.12.2024**
**"e" Procurement Notice for Const. of Bridge-cum-weir for year 2024-25**
**Bid Identification No.-RWDKNJ-08/2024-25**

**No.O-844:**1. Name of the Work: Road works (As per Annexure), 2. Estimated Cost: Rs.5.04 Lakh to Rs.14.29 Lakh Approximately (As per Annexure), 3. Class of Contractor: 'D' & 'C' Class (As per Annexure), 4. Period of Completion: 1 Calendar Month, 5. Tender Paper Cost as mentioned: Rs.4,000/- to Rs.6000/- towards cost of bid through a process in the DTCN.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E.,R.W. Division, Karanjia |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online NCB No.08/ 24-25 | Dt.18.12.2024 at 11.00 A.M. | Dt.31.12.2024 upto 5.00 P.M. | Dt.30.12.2024 upto 5.00 P.M. | Dt.01.01.2025 at 11.00 A.M. |

**Further details can be seen from the website www.tendersorissa.gov.in**
**Sd./- Superintending Engineer,**
**R.W. Division, Karanjia**
OIPR-25086/11/0008/2425

# ଓଡ଼ିଶା ସରକାର
ଇ-ମେଲ୍-mo.angul@gov.in
## ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ତାଳଚେର କ୍ଷେତ୍ର, ତାଳଚେର
ସଂଖ୍ୟା: ୧୨୨୨/MM
**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**
ତା.୧୦.୧୨.୨୦୨୪

No.G-31: ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡିଶା ମାଇନୋରାଲ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୦୨ ସଂଖ୍ୟକ ଲଘୁଖଣିଜ ଉପର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି । ତଦନୁସାରେ କ୍ୱାରି ଲିଜ୍ ଅନୁଦାନ ପାଇଁ ଫର୍ମ-M ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି । ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ, ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି । କ୍ୱାରିଗୁଡିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ https://www.mstcecommerce.com ୱେବସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ । ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ । ସଫଳ ପଞ୍ଜିକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗ୍‌ଇନ୍ ଆଇଡି ଏବଂ ପାସୱାର୍ଡ ପାଇବେ । ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍ ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ । ଆଗ୍ରହୀ ବିଡରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସୱାର୍ଡ ବ୍ୟବହାର କରି ଫର୍ମ-M ରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ । ଫର୍ମ-ଏମ୍‌ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ ବିଡର ମାନୁଆଲକୁ ଅନୁସରଣ କରିବା ଉଚିତ । ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବସାଇଟ୍‌ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ ।

ସମୟ ସାରଣୀ: ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀ ଉପଲବ୍ଧ ଅଛି । ଟେଣ୍ଡର ଆବେଦନର ଶେଷ ତାରିଖ:୦୬.୦୧.୨୦୨୫ ।
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ:୦୭.୦୧.୨୦୨୫ । ନିଲାମ ତାରିଖ: ୨୪.୦୧.୨୦୨୫ ।

ଖଣି ତାଲିକା:

| କ୍ରମିକ ସଂ | ମଣ୍ଡଳ | ଜିଲ୍ଲା | ତହସିଲ | ଖଣିର ନାମ | ଖଣିର କୋଡ | ଖଣିଜ | ଜମି କାର୍ଯ୍ୟସୂଚୀ | | | | | କିସମ | ଏରିଆ ହେକ୍ଟରରେ | ଉତ୍ସ | ଘନମିଟର ପିଛା ସର୍ବନିମ୍ନ ଅତିରିକ୍ତ ଚାର୍ଜ (ଟଙ୍କାରେ) | ବର୍ଷ ପିଛା ସର୍ବନିମ୍ନ ସୁନିଶ୍ଚିତ ପରିମାଣ ଘନମିଟରରେ |
|---|---|---|---|---|---|---|---|---|---|---|---|---|---|---|---|---|
| | | | | | | | ମୌଜା | ଖାତା ସଂ | ପ୍ଲଟ ସଂ | ସଂଯୋଜନା: ଅକ୍ଷାଂଶ | ସଂଯୋଜନା: ଦ୍ରାଘିମା | | | | | |
| ୧ | ତାଳଚେର | ଅନୁଗୁଳ | ବନରପାଳ | କୃଷ୍ଣଚନ୍ଦ୍ରପୁର ପଥର ଖଣି ୧ | ୦୧୦୦୩୦୬ ୦୦୧ | ପଥର | କୃଷ୍ଣଚନ୍ଦ୍ରପୁର | ୬୨<br>୬୪<br>୬୫ | ୫୬୫<br>୨୭୫<br>୨୭୬<br>୨୭୭<br>୫୪<br>୫୫ | ୨୦°୫୧'୫୨.୧୨" ଠାରୁ ୨୦°୫୧'୫୬.୦୫" | ୮୫°୦୦'୧୪.୧୪" ଠାରୁ ୮୫°୦୦'୨୧.୫୦" | ପାହାଡ | ୨.୨୫୮ | ଉପଲବ୍ଧ | ୧୮୮ | ୧୦୦୦୦ |
| ୨ | ତାଳଚେର | ଅନୁଗୁଳ | କିଶୋରନଗର | ଜାମୁନାଳି ପଥର ଖଣି | ୦୧୦୦୬୦୬ ୦୦୧ | ପଥର | ଜାମୁନାଳି | ୯୫<br>୯୬ | ୧୮୦/୧୪୮୬<br>୯୮୫<br>୯୮୬ | ୨୦°୫୬'୧୨.୩୫" ଠାରୁ ୨୦°୫୬'୧୭.୩୭" | ୮୪°୪୭'୧୫.୬୦" ଠାରୁ ୮୪°୪୭'୨୩.୧୨" | ପଥରବଣି | ୧.୭୬୪ | ଉପଲବ୍ଧ | ୧୮୦ | ୧୮୦୦୦ |

OIPR-30011/11/0005/2425
ସ୍ୱା./- ଖଣି ଅଧିକାରୀ ସୈରାତ, ଅନୁଗୋଳ
Mining Officer, Angul District, O/o. Dy. Director Mines, Talcher

NO.i-356
## GOVERNMENT OF ODISHA PANCHAYATIRAJ & D.W. DEPARTMENT
### OFFICE OF THE PANCHAYAT SAMITI, TIRTOL
'e' mail ID : ori-tirtol@nic.in
**'e' Procurement Notice No. BDO/TIRTOL/PS-01/2024-25 (Online)**

| Sl. No. | Name of work | Approx. Value of work (Rs. in lakhs) | Security Amount (Online Payment) | Cost of Bid documents (Online Payment) | Class of Bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Class Building at Tartol UPS of Kolara G.P. Tirtol Block in the District of Jagatsinghpur | 12.37 | 12,400/- | Rs. 6,000/- | 'D' & 'C' | 06 (Six Calendar months) |
| 2 | Construction of Additional Class Building at S.N High School, Alana of Garam G.P. Tirtol Block in the District of Jagatsinghpur | 11.28 | 11,300/- | Rs. 6,000/- | 'D' & 'C' | 06 (Six Calendar months) |

| Procurement Officer | Bid Identification No. | Availability of Tender | | Date & Time of opening of BID | Place of opening of Bid |
|---|---|---|---|---|---|
| | | From | To | | |
| Block Development Officer, Tirtol | BDO/TIRTOL/ PS-01/2024-25 | 13.12.2024 at 10.00 Hours | 26.12.2024 upto 17.30 Hours | 27.12.2024 at 11.00 A.M. during office hours | O/o the Panchayat Samiti Tirtol |

Further details can be seen from the Govt. website **"https://tendersodisha.gov.in"**
All corrigendum / cancellation of tender if any, will only be uploaded in the above website.

**Sd./- Block Development Officer, Tirtol**
OIPR-19283/11/0001/2425

# ଓଆର୍ଏସ୍ଏସିକୁ ତଦନ୍ତ ନିର୍ଦ୍ଦେଶ ଦେଲା ଏନ୍‌ଜିଟି

**ଯାଜପୁର,୧୨।୧୨(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଏମ୍ଆଇପି)ଦ୍ୱୟ ରାହାଡ଼ପୁର କଳାପଥର ଖାଦାନ ପାଇଁ ବିଲୁପ୍ତ ହେବାକୁ ବସିଛି। ଏହାବାଦ୍ ଅନୁମତି ଠାରୁ ଢେର ଗୁଣ ଅଧିକ କଳାପଥର ଏଠାରୁ ଉତ୍ତୋଳନ ହେଉଥିବାରୁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଛନ୍ତି। ତେଣୁ ରାଜ୍ୟ ସରକାର ଓ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାବୁଲି ଜେନା ଓ ଅନ୍ୟମାନେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୬/୨୦୨୪/ଇଜେଡ ନମ୍ବରରେ ଏକ ମାମଲା ରୁଜୁ କରିଛନ୍ତି। ଏହି କ୍ରମରେ ରାହାଡ଼ପୁର କଳାପଥର ଖାଦାନଠାରୁ ଅଧିକ ଉତ୍ତୋଳନ ଏବଂ ଏମ୍ଆଇପି ଦ୍ୱୟର ବାସ୍ତବ ଦୂରତା ସଂକ୍ରାନ୍ତରେ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର(ଓଆରଏସ୍ଏସି) ସହାୟତାରେ ମାପଚୁପ କରିବାକୁ ୧୧।୧୨।୨୦୨୪ରେ ଏନ୍‌ଜିଟି ପକ୍ଷରୁ ଯାଜପୁର ଲଘୁ ଖଣିଜ ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କୁ ନିର୍ଦ୍ଦେଶ ହୋଇଛି। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ରାହାଡ଼ପୁର କଳାପଥର ଖାଦାନ ପାଇଁ ଏମ୍ଆଇପି ଉପରେ କୌଣସି ପ୍ରଭାବ ପଡୁ ନ ଥିବା ସତ୍ୟପାଠ ଉପରେ ଆବେଦନକାରୀ ଚ୍ୟାଲେଞ୍ଜ କରିବା ପରେ ଏନ୍‌ଜିଟି ଏହି ନିଷ୍ପତ୍ତି ନେଇଛି। ଏହାପରେ ରାହାଡ଼ପୁର ଖାଦାନଗୁଡ଼ିକର ସମ୍ପୃକ୍ତ ଲିଜ୍‌ଧାରୀ ଏବଂ ଅଧିକାରୀଙ୍କ ବେଆଇନ କାର୍ଯ୍ୟର ବାସ୍ତବତା ଲୋକଲୋଚନକୁ ଆସି ପାରିବ ବୋଲି ଚର୍ଚ୍ଚା ହେଉଛି।

ସ୍ପେସ୍ ଟେକ୍ନୋଲୋଜି ପ୍ରୟୋଗ ପାଇଁ ଓଆର୍ଏସ୍ଏସି ୧୯୮୪ରେ ପ୍ରତିଷ୍ଠିତ ହୋଇଥିଲା। ଏହି କେନ୍ଦ୍ର ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁରର ନିଜସ୍ୱ ବିଲ୍ଡିଂରେ ଅବସ୍ଥିତ। ଅତ୍ୟାଧୁନିକ ଜିଆଇଏସ୍ ଏବଂ କମ୍ପ୍ୟୁଟର ଲାବୋରେଟୋରୀ ସହିତ ଏହି କେନ୍ଦ୍ର କାର୍ଯ୍ୟ କରୁଛି। ରିମୋଟ୍ ସେନ୍ସିଂ, ଜିଏସ୍‌ଟି ଏବଂ ଜିପିଏସ୍ ଭିତ୍ତିକ ପ୍ରକଳ୍ପଗୁଡ଼ିକ କରିବା ପାଇଁ ଏଥିରେ ଅଭିଜ୍ଞ ବହୁମୁଖୀ ପ୍ରୟୋଗକାରୀ ବୈଜ୍ଞାନିକମାନଙ୍କର ଏକ ଦଳ ଅଛି। ତେଣୁ ଏନ୍‌ଜିଟି ଏହି ମାମଲାକୁ ଓଆର୍ଏସ୍ଏସ୍ ଉପରେ ବିଶ୍ୱାସ କରି ତଦନ୍ତ ଦାୟିତ୍ୱ ଦେଇଥିବା ମତପ୍ରକାଶ ପାଇଛି। ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ ଧର୍ମଶାଳା ତହସିଲ ଅନ୍ତର୍ଗତ ଖାତା ନମ୍ବର ଏସ-୨୩୫ ଓ ପ୍ଲଟ ନମ୍ବର ୧(ପି)ରେ ୬ ଏକର ପରିମିତ ଖାଦାନକୁ ଗତ ୨।୬।୨୦୨୨ରେ ସତ୍ୟ ମଲ୍‌ଟିପ୍ଲେକ୍ସ ପ୍ରାଇଭେଟ ଲିଃକୁ ଲିଜ୍ ସୂତ୍ରରେ ଦିଆଯାଇଛି। ଏହାବାଦ୍ ଏଠାରେ ୧୦୪.୭୭ ଏକର ପରିମିତ ୧୨ଟି ଖାଦାନ ଚାଲିଛି। ଏଠାରୁ ନିର୍ଦ୍ଧାରିତ ପରିମାଣଠାରୁ ବହୁ ଅଧିକ ଗୁଣରେ କଳାପଥର ଉତ୍ତୋଳନ କରାଯାଉଛି। ଏଥିପାଇଁ ଅନିୟନ୍ତ୍ରିତ ବ୍ଲାଷ୍ଟିଂ ଯୋଗୁ ଆଖପାଖ ଜନବସତି ପ୍ରଭାବିତ ହେବା ସହିତ ଘରକାନ୍ଥଗୁଡ଼ିକ ଫାଟି ଯାଉଛି। ଏହାସହ କଳାପଥର ପରିବହନ ଯୋଗୁ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଚାଷଜମି କ୍ଷତିଗ୍ରସ୍ତ ହେବା ସହ ଓଭରଲୋଡିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାସହ ପାଇକରାପୁର ଓ ରାଣୀବନ୍ଧ ଏମ୍ଆଇପି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଜଳସେଚନ ସମ୍ବଳ ଥିଲେ ସୁଦ୍ଧା ଏଥିରେ ନିର୍ଭର କରୁଥିବା ଚାଷୀମାନେ ବିଭିନ୍ନ ସମୟରେ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଏମ୍ଆଇପିର ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ମର୍ମରେ ଗତ ୩୧।୮।୨୦୧୮ରେ ଧର୍ମଶାଳା ତହସିଲଦାରଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏଭଳି ଭାବେ ପରିବେଶଗତ ଅନୁମତିର ବିଭିନ୍ନ ଚୁକ୍ତିଗୁଡ଼ିକୁ ଲିଜ୍‌ଧାରୀ ଉଲ୍ଲଂଘନ କରୁଥିବାରୁ ୨ ଏମ୍ଆଇପି ସମେତ ବହୁ ମୂଲ୍ୟବାନ ଘନଜଙ୍ଗଲ ମୃତ୍ୟୁମୁଖରେ ଦର୍ଶାଇ ଅଭିଯୋଗକାରୀ ଏନ୍‌ଜିଟିରେ ମାମଲା ରୁଜୁ କରିଥିଲେ।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟିର ନିର୍ଦ୍ଦେଶକୁ ଉପଯୁକ୍ତ ଭାବେ ସହଯୋଗ କରାଯିବ। କଳାପଥର ଖାଦାନଗୁଡ଼ିକ ଯଦି ଏମ୍ଆଇପିକୁ ପ୍ରଭାବିତ କରୁଥିବାର ପ୍ରମାଣ ମିଳେ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ରାହାଡ଼ପୁର କଳାପଥର ଖାଦାନ ପାଇଁ ଏମ୍ଆଇପି କ୍ଷତିଗ୍ରସ୍ତ**



# ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ରସୁଲପୁର,୧୨।୧୨(ରଂଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୃହତ୍ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଓ ପାରମ୍ପରିକ ଖାଦ୍ୟକୁ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହାୟତାରେ ଗଙ୍ଗୋତ୍ରୀ ସୋସିଆଲ ଅର୍ଗାନାଇଜେସନ୍ ଦ୍ୱାରା ଏହି ପ୍ରତିଯୋଗିତା କରାଯାଇଛି। ସଂଗଠନ ସମ୍ପାଦିକା ଅନୁସୂୟା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସ୍ମୃତିରେଖା ରାଉତ, ସମ୍ମାନିତ ଅତିଥି ଭାବରେ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ବ୍ଲକ କୃଷି ବୈଷୟିକ ସହାୟକ ପ୍ରକାଶ ଚନ୍ଦ୍ର ରାଉତ, ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ପ୍ରମୁଖ ଯୋଗଦେଇ ଅଣଧାନ ଖାଦ୍ୟ ପ୍ରସ୍ତୁତି ଉପରେ ମା'ମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଘରର ରୋଷଶାଳାରେ ଡାଲି, ପନିପରିବା, ମକା, ବାଜରା, ମାଣ୍ଡିଆ, ଫେସି, ଖସା, ଆଦି ଅଣଧାନ ସମାଗ୍ରୀରେ ଖାଦ୍ୟ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇଥିଲେ।

କାର୍ଯ୍ୟକ୍ରମରେ ୪ ପଞ୍ଚାୟତରୁ ୪ଟି ଖାଦ୍ୟ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଉକ୍ତ ଷ୍ଟଲରେ ବିଭିନ୍ନ ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ଅଣଧାନ ଚାଷ ଖାଦ୍ୟ ପ୍ରଦାର୍ଥଗୁଡ଼ିକୁ ଅତିଥିମାନେ ବୁଲି ଦେଖିବା ସହ ଖାଦ୍ୟର ସ୍ୱାଦ ପରୀକ୍ଷା କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟରମାନଙ୍କୁ ମୂଲ୍ୟାୟନ କରାଯାଇ ପୁରସ୍କୃତ କରାଯାଇଥିଲା। ଉତ୍କଳ ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରଥମ ପୁରସ୍କାର, ପ୍ରଗତି ଗୋଷ୍ଠୀକୁ ଦ୍ୱିତୀୟ, ଜୟ ବଜରଙ୍ଗାଲି ଗୋଷ୍ଠୀକୁ ତୃତୀୟ ପରୁସ୍କାର ଭାବରେ ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଫିସ୍ ସହାୟକ ମାନସ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅର୍ଗାନାଇଜେସନର ସୁପରଭାଇଜର ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ବନ୍ଧୁକ ଦେଖାଇ ସୁନା ଗହଣା ଲୁଟ୍

**ଚଣ୍ଡିଖୋଲ,୧୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):** ନିଜ ପରିବାରର ବିବାହ ଭୋଜି କାର୍ଯ୍ୟ ଶେଷକରି ମଣ୍ଡପରୁ ଘରକୁ ଫେରୁଥିବାସମୟରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କର ସମସ୍ତ ସୁନା ଗହଣା ଲୁଟି ନେଇଛନ୍ତି। ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ବାଲିଚନ୍ଦ୍ରପୁର ଥାନା ଆମ୍ବସୋରି ଗ୍ରାମର ଭୀମସେନ ନାୟକଙ୍କ ପୁତୁରା ବିବାହ ଭୋଜି ବାଲିଚନ୍ଦ୍ରପୁର ରବୀନ୍ଦ୍ର ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଭୋଜି କାର୍ଯ୍ୟ ଶେଷ କରି ରାତି ପ୍ରାୟ ୧୧ଟାରେ ଭୀମସେନ ଓ ତାଙ୍କ ସାନ ପୁଅ ପଙ୍କଜ ବାଇକ୍‌ରେ ବିବାହିତ ଝିଅ ଅରୁନ୍ଧତୀଙ୍କୁ ସାଥିରେ ଧରି ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବାଲିଚନ୍ଦ୍ରପୁର ବଜାରର ୩୦୦ ମିଟର ଦୂର ପତରାଜପୁର ନିକଟରେ ଥିବା ବିଦେଶୀ ମଦ ଦୋକାନ ସମ୍ମୁଖରେ ୩ଜଣ ଯୁବକ ହଠାତ ଆସି ଭୀମସେନ୍‌ଙ୍କ ବାଇକ୍ ଅଟକାଇଥିଲେ। ପଛରେ ଆଉ ଏକ ବାଇକ୍‌ରେ ଅନ୍ୟ ୩ ଜଣ ଯୁବକ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପଙ୍କଜଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ଅନ୍ୟମାନେ ଅରୁନ୍ଧତୀଙ୍କୁ ମାଡ଼ମାରି ତାଙ୍କ ବେକରୁ ସୁନା ହାର, କାନଫୁଲ, ମଙ୍ଗଳସୂତ୍ର, ସୁନାଚୁଡ଼ି ଓ ମୁଦି ଆଦି ଛଡ଼ାଇ ନେଇ ବାଲିଚନ୍ଦ୍ରପୁର ଅଭିମୁଖେ ୨ ବାଇକ୍‌ଯୋଗେ ପଳାଇଥିଲେ। ପାଟିତୁଣ୍ଡ ଶୁଣି ମଦ ଦୋକାନ ସମ୍ମୁଖରେ ଥିବା ଲାଇଟକୁ ଦୋକାନୀ ହଠାତ ବନ୍ଦ କରି ଦେଇଥିଲେ। ଯେଉଁଥି ପାଇଁ ଯୁବକମାନଙ୍କୁ ଚିହ୍ନି ହୋଇ ନ ଥିଲା। ଏ ସମ୍ପର୍କରେ ଗୁରୁବାର ସକାଳେ ଅରୁନ୍ଧତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୫୨୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ଘଟଣା ଘଟିଥିବାରୁ ପୋଲିସକୁ ଦୁର୍ବୃତ୍ତ ଚ୍ୟାଲେଞ୍ଜ ଦେଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ଗତ ୨ ମାସ ମଧ୍ୟରେ ବାରମ୍ବାର ଚୋରି ଓ ଲୁଟ୍‌ତାରଜ ଘଟିଥିବାବେଳେ ପୋଲିସର ନିଷ୍କ୍ରିୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

**କଳିଙ୍ଗନଗର,୧୨।୧୨(ଶୁଭାଶିଷ ରାଉତ):** ନାବାଳିକା ଅପହରଣ ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିକୋର୍ଟଚାଲାଣ କରିଛି। ସେ ହେଲେ ଅନିଲ ସାହୁ(୨୨)। ଜେନାପୁର ଥାନା ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମର ଅନିଲ ଗତ ସେପ୍ଟେମ୍ବର ୧୮ ତାରିଖ ରାତିରେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୩୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନିଲ ନାବାଳିକାଙ୍କୁ ଧାନମଣ୍ଡଳ ଫାଣ୍ଡି ଅଞ୍ଚଳରେ ରଖିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ୧୧କେଭି ବିଦ୍ୟୁତ୍ ଫିଡର ଲୋକାର୍ପିତ




**ରସୁଲପୁର,୧୨।୧୨(ରଂଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଟାଟା ପାୱାର ନର୍ଥ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର କୁଆଖିଆ ବିଦ୍ୟୁତ ଡିଭିଜନ ଅଧୀନ କୁଆଖିଆ ଟାଟା ପାୱାର ସେକ୍ସନ ପକ୍ଷରୁ ୧୧ କେ.ଭି. ବିଦ୍ୟୁତ୍ ଫିଡର ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ରସୁଲପୁର ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନିଶମ ବିଭାଗ, କୁଆଖିଆ ଥାନା ଓ ଅନ୍ୟ ୨୪ ଘଣ୍ଟା ଜନସେବାରେ ନିୟୋଜିତ କାର୍ଯ୍ୟାଳୟଗୁଡ଼ିକୁ ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦେବାକୁ ପ୍ରୟାସ କରାଯାଇଛି। କୁଆଖିଆ ବିଦ୍ୟୁତ୍ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଆଲୋକ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିଡରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଏବେଠାରୁ କୁଆଖିଆ ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇ ଦିଆଯାଇ ପାରିବ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ସୀତାଂଶୁ ଶତପଥୀ, ସେକ୍ସନ ମ୍ୟାନେଜର ପୀତବାସ ଭୂୟାଁ, ସୁପରଭାଇଜର ଗୋପାଳ ଚନ୍ଦ୍ର ପରିଡ଼ା, ସହସୁପରଭାଇଜର ବିଶ୍ୱଜିତ୍ ନାୟକ, ଲାଇନ୍‌ମ୍ୟାନ ବିପଦ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଫିଡରର ଉଦେଶ୍ୟକୁ ବାସ୍ତବରୂପ ଦେବା ସହ ଏଠାରୁ ନୟମିତ ବିଦ୍ୟୁତ ସେବା ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବବୋଲି ମତ ଦେଇଥିଲେ। ଉକ୍ତ ଫିଡର ସ୍ଥାପନ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ପ୍ରାୟତଃ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। କନିଷ୍ଠ ଯନ୍ତ୍ରୀ ସୟଦ୍ ଇକ୍ବାଲ ଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫିଡର ସ୍ଥାପନ କାର୍ଯ୍ୟ ଆଗେଇ ପାରିଥିଲା। ଅନ୍ୟ ସମସ୍ତ ବିଦ୍ୟୁତ କର୍ମଚାରୀଙ୍କ ସହଯୋଗରେ ଉକ୍ତ ଫିଡର ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକାର୍ପଣ ହୋଇପାରିଥିବାରୁ ନିର୍ବାହୀ ଯନ୍ତ୍ରୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ: ପଞ୍ଚୁପାଣ୍ଡବ ବିଜୟ

**ବ୍ରହ୍ମବରଦା,୧୨।୧୨(ଯଯାତି କେଶରୀ ବେହେରା):** ଯାଜପୁର ବ୍ଲକ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡ଼ିଆରେ ଚାଲିଥିବା ୪୧ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ ସତ୍ୟସାଇ କ୍ରିକେଟ ଦଳକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛି। ସତ୍ୟସାଇ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧.୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ଜେନା ୫୭ ରନ କରିଥିଲେ। ବିପକ୍ଷ ଦଳର ବୋଲର ମିଟୁ ମଲିକ ୪ ଉଇକେଟ ନେଇଥିଲେ। ଜବାବରେ ପଞ୍ଚୁପାଣ୍ଡବ ଟିମ ୧୭.୨ ଓଭରରେ ୫ ଉଇକେଟ ହରାଇ ୧୫୫ ରନ କରି ବିଜୟଲାଭ କରିଥିଲା। ଦଳ ପକ୍ଷରୁ ମିଟୁ ମଲିକ ୫୨ ରନ କରିଥିଲେ। ବିପକ୍ଷ ଦଳର ବୋଲର ସୁମନ ସାହୁ ୨ ଉଇକେଟ ନେଇଥିଲେ। ଖେଳକୁ ଅମ୍ପାୟାର ଶରତ ଚନ୍ଦ୍ର ଜେନା ଓ ସନ୍ତୋଷ ପତି ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରିୟନାଥ ରାଉତ, ଇମ୍ରାନ ଖାନ ଓ ଉଦୟ ରଣା ଏବଂ ସ୍କୋରରଭାବେ ଚିନ୍ମୟ ଦଳାଇ ଓ ରାଜା ସାହୁ ସହଯୋଗ କରିଥିଲେ। ମାଧବ ଜେନା, ବଳରାମ ସାହୁ, ଅଭିମନ୍ୟୁ ଦାସ, ରଞ୍ଜିତ ନାୟକ, ଉତ୍କଳ ଜେନା, ନିରଞ୍ଜନ ଜେନା, ହେମନ୍ତ ସାହୁ, ଦିଲୀପ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଏନ୍ଏଚ୍ କାର୍ଯ୍ୟ ତଦାରଖ କଲେ ଜିଲାପାଳ, ବିଧାୟକ

**ଚଣ୍ଡିଖୋଲ,୧୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):** ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍) ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି। ୪ ଲେନ ବିଶିଷ୍ଟ ଜାତୀୟ ରାଜପଥ ୮ଲେନରେ ପରିଣତ ହେବାକୁ ଯାଉଛି। ସେଥିପାଇଁ ବିଭିନ୍ନ ସ୍ଥାନରେ ସମସ୍ୟା ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗକ୍ରମେ ଗୁରୁବାର ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଚଣ୍ଡିଖୋଲଠାରୁ ପଞ୍ଚୁପାଣ୍ଡବ ପର୍ଯ୍ୟନ୍ତ ଦୀର୍ଘ ୨୦ କିମି ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ବିଭିନ୍ନ ସ୍ଥାନରେ ଲୋକେ ସେମାନଙ୍କ ଅଭିଯୋଗ ଜଣାଇଥିଲେ। ପ୍ରଥମେ ପାରିପଲେଇଠାରେ ଗଳି ପୋଲ ନିର୍ମାଣ ଦାବିକରି ଗୁରୁବାର ରାସ୍ତାରୋକୋ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଜଣାଇଥିଲେ। ସେଥିପାଇଁ ପାରିପଲେଇଠାରେ ଜଲାପାଳ ଓ ବିଧାୟକ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜାତୀୟ ରାଜପଥ ୮ ଲେନ ହେଉଥିବାରୁ ରାସ୍ତା ପାର ହେବାକୁ ସମସ୍ୟା ସୃଷ୍ଟି ହେବ। ତେଣୁ ବିଭିନ୍ନ ସ୍ଥାନରେ ଗଳି ପୋଲ ଓ ମୁଖ୍ୟରାସ୍ତାରେ ଓଭରବ୍ରିଜ ପାଇଁ ଦାବି ହୋଇଥିଲା। ଏପରିକି କେତେକ ସ୍ଥାନରେ ସର୍ଭିସ ରୋଡର ଅତ୍ୟନ୍ତ ଆବଶ୍ୟକ ଥିବା କୁହାଯାଇଥିଲା। ପାରିପଲେଇ ପରେ ବନ୍ଦରେଶ୍ୱର, ନଳୀପୁର, ବାଲିଚନ୍ଦ୍ରପୁର, ନାନପୁର, କୁନ୍ଦଳ, ବେଣାପୁର ଆଦି ଛକ ନିକଟରେ ସମସ୍ୟା ସୃଷ୍ଟି ହେବା ନେଇ ଲୋକେ ଅଭିଯୋଗ କରିଥିଲେ। ତେବେ ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳ ଓ ବିଧାୟକଙ୍କ ପରିଦର୍ଶନ ସମୟରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଏସପି ସୀତିକଣ୍ଠ କାନୁନଗୋ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଏସ୍ ବର୍ମା ଓ ସଂପୃକ୍ତ ଠିକା କମ୍ପାନୀର ଅଧିକାରୀମାନେ ସାମିଲ ହୋଇଥିଲେ।



ଜିଲାପାଳ ଓ ବିଧାୟକ ଜାତୀୟ ରାଜପଥର ୮ ଲେନ୍ କାର୍ଯ୍ୟ ତଦାରଖ କରୁଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶିଷ



@ ଦେବପ୍ରସାଦ



@ ଗୌରଚନ୍ଦ୍ର



@ କୁମାରଜିତ୍



@ ମହେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ସ୍ଥଗିତ

## ଦାବି ପୂରଣ ଲାଗି ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ନିଷ୍ପତ୍ତି

ଜଗତ୍‌ସିଂହପୁର, ୧୨।୧୨ (ପ୍ରମୋଦ କୁମାର ନାୟକ)



ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟ ପୋଟିକରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ଚାଷ, ଚାଷୀ ଓ ବେକାରିଙ୍କ ସୁରକ୍ଷା ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିଆସୁଛି। ଏଥିସହ କେତେକ ମୌଳିକ ସମସ୍ୟାର ସମାଧାନ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛି। ତେବେ ମାଙ୍କଡ଼ ଉପଦ୍ରବରୁ ଫସଲ ସୁରକ୍ଷା ଓ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବିକ୍ରି ବ୍ୟବସ୍ଥାକୁ ନେଇ ସଙ୍ଗଠନ ଗୁରୁବାର ପୂର୍ବାହ୍ନରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପୋଟିକରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସତ୍ୟାଗ୍ରହ କରିବାକୁ ଡାକରା ଦେଇଥିଲା। କିନ୍ତୁ ଜିଲାପାଳଙ୍କ ସହ ଆଲୋଚନା ପରେ ଏହି ସତ୍ୟାଗ୍ରହକୁ ସ୍ଥଗିତ ରଖାଯାଇଛି। ପୂର୍ବାହ୍ନରେ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସଙ୍ଗଠନ ନେତା ରଶ୍ମିରଞ୍ଜନ ସ୍ୱାଇଁ ଏହା କହିଛନ୍ତି।

ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟ ପୋଟିକରେ ଅନୁଷ୍ଠିତ ସମ୍ମିଳନୀରେ କୁହାଯାଇଥିଲା ଗତ ୧୧ ତାରିଖ ଅପରାହ୍ନରେ ଜିଲାପାଳ ଜେ. ସୋନାଲଙ୍କ ପକ୍ଷରୁ ସଙ୍ଗଠନ ସହ ବିସ୍ତୃତ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ ଜିଲାରେ ମାଙ୍କଡ଼, ଷଣ୍ଢ, ହରିଣ ଓ ବାରହା ଆଦିଙ୍କ ଉପଦ୍ରବ ସମେତ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବିକ୍ରି ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନୁରୂପ ଭାବେ ଉପଯୁକ୍ତ ଜଳସେଚନ, ଜଳ ନିଷ୍କାସନ, ଶୀତଳଭଣ୍ଡାର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଜରିଆରେ ବେକାରି ନିଯୁକ୍ତି, କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ, ଗୋଚାରଣଭୂମିର ସୁରକ୍ଷା, ବିପର୍ଯ୍ୟୟ ସହାୟତା ପ୍ରଦାନରେ ଅନିୟମିତତା, ସିଏମ୍‌କିଷାନ, ପିଏମ୍‌କିଷାନ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଆନୁଷଙ୍ଗିକ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଓ ସର୍ବୋପରି କୃଷି ଭିତ୍ତିଭୂମିର ଉପଯୁକ୍ତ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମାଙ୍କଡ଼ ଉପଦ୍ରବରୁ ସୁରକ୍ଷା ପାଇଁ ୧୩।୧୨।୨୨ରୁ ଜଗତ୍‌ସିଂହପୁର ଜିଲାରେ ବନ ବିଭାଗ ପକ୍ଷରୁ ଚାଲିଥିବା ମାଙ୍କଡ଼ ଧରା କାର୍ଯ୍ୟକ୍ରମକୁ ବନ୍ଦ କରା ନ ଯାଇ ଏଥିପାଇଁ ଅଧିକ ଯନ୍ତା, ସୁଦକ୍ଷ କର୍ମଚାରୀ ଓ ଆନୁଷଙ୍ଗିକ ଉପକରଣର ସୁବନ୍ଦୋବସ୍ତ କରାଯାଉ। ମାଙ୍କଡ଼ ନଷ୍ଟ କରୁଥିବା ବାରି ବଗିଚା ଓ ଫସଲର କ୍ଷତିପୂରଣ ଦାବି ଉପରେ ଆଶୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଙ୍ଗଠନ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହା ଉପରେ ଜିଲାପାଳ ପ୍ରତିଶ୍ରୁତି ରଖିବାରୁ ସତ୍ୟାଗ୍ରହ ସ୍ଥଗିତ ଘୋଷଣା କରାଯାଇଥିଲା। ସମ୍ମିଳନୀରେ ରଶ୍ମିରଞ୍ଜନଙ୍କ ସମେତ ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ଦେବୀ ପ୍ରସାଦ ମହାରଣା, ଅସଗର ଅଲ୍ଲୀ, ଭୁବନାନନ୍ଦ ନାୟକ, ବିଜୟ ପତି, ଅଭୟ ସ୍ୱାଇଁ, ପ୍ରସନ୍ନ କୁମାର ରାଉଳ, ବୈକୁଣ୍ଠ ବିଶ୍ୱାଳ, ଗୟାଧର ରାଉତ, ନାରାୟଣ ମୁଦୁଲି, ବିଜୟ ପରିଡ଼ା, ଅନ୍ୟାନ୍ୟ ମହାନ୍ତି, ମହେଶ୍ୱର ମହାନ୍ତି, କୈଳାସ ଦାସ, ଭରତ ମହାନ୍ତି, ଶାରଦା ପ୍ରସନ୍ନ ଜେନା, ରଞ୍ଜନ ବିଶ୍ୱାଳ, ମହେନ୍ଦ୍ର ନାୟକ ଓ ଶୁକଦେବ ସ୍ୱାଇଁ ପ୍ରମୁଖ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଆନ୍ଦୋଳନସ୍ଥଳରେ ପହଞ୍ଚି ସଙ୍ଗଠନ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ।

# ଅବକାରୀ ବିଭାଗ ଏସ୍‌ଆଇ ସସ୍‌ପେଣ୍ଡ

## ଗଞ୍ଜେଇ ବଦଳରେ ମଦ ଜବତ ଘଟଣା, ଅଭିଯୋଗ ଉପରେ ପଦକ୍ଷେପ



ଜ୍ୟୋତି ରଞ୍ଜନ ସେନାପତି

ପାରାଦୀପ, ୧୨।୧୨ (ଶରତ ରାଉତ)

ପାରାଦୀପ ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ଜ୍ୟୋତି ରଞ୍ଜନ ସେନାପତିଙ୍କୁ ଗୁରୁବାର ଅବକାରୀ କମିଶନର ସସ୍‌ପେଣ୍ଡ କରିଛନ୍ତି। କାରଣ ସେ ଜଣେ ଗଞ୍ଜେଇ ଅଭିଯୁକ୍ତଙ୍କଠାରୁ ଅର୍ଥ ନେଇ ତାକୁ ମଦ ଅଭିଯୁକ୍ତ କରିବା ଘଟଣାରେ ଏପରି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ପାରାଦୀପ ଅବକାରୀ ବିଭାଗ ଏସ୍‌ଆଇ ସେନାପତି କୁଜଙ୍ଗ ଥାନା ଅନ୍ତର୍ଗତ ବାଲିପାରୀ ଗ୍ରାମରେ ଜଣେ ବେପାରୀଙ୍କଠାରୁ ଗଞ୍ଜେଇ ଜବତ କରିଥିଲେ। କିନ୍ତୁ ତାଙ୍କଠାରୁ ମଦ ଜବତ କରାଯାଇଛି ବୋଲି ଏଫ୍‌ଆଇଆର୍‌ରେ ଦର୍ଶାଇଥିଲା। ଏହା ଉପରେ ବାଲିପାରୀ ଗ୍ରାମର ସଞ୍ଜୟ ମହାପାତ୍ର ନଭେମ୍ବର ୧୩ରେ ଜିଲା ଅବକାରୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ପୁଣି ମହାପାତ୍ର ଡିସେମ୍ବର ୨ରେ ଅବକାରୀ କମିଶନରଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏ ସମ୍ପର୍କରେ ପୁଣି ମହାପାତ୍ର ଗତ ୯ ତାରିଖରେ କୁଜଙ୍ଗଠାରେ ଆୟୋଜିତ ଜିଲାପାଳଙ୍କ ଜନଶୁଣାଣି ବେଳେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ଗୁରୁବାର ଉପରୋକ୍ତ ପଦକ୍ଷେପ ନିଆଯାଇଛି।

# ବୋଟ୍, ମତ୍ସ୍ୟଜୀବୀଙ୍କୁ ଛାଡ଼ନ୍ତୁ, ମାଛ ନିଲାମ ହେଉ: ଓମ୍ପା

## ବାଂଲାଦେଶ ବୋଟ ଜବତ ଘଟଣା

ପାରାଦୀପ, ୧୨।୧୨ (ଶରତ ରାଉତ)



ଖବରଦାତା ସମ୍ମିଳନୀରେ ଓମ୍ପାର କର୍ମକର୍ତ୍ତାମାନେ।

କୋଷ୍ଟଗାର୍ଡ ପକ୍ଷରୁ ୨ଟି ବୋଟ ଜବତ ଘଟଣାରେ ନୂଆ ମୋଡ଼ ଆସିଛି। ଏହାକୁ ନେଇ ଗୁରୁବାର ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ଅନ୍ୟ ଏକ ଅଭିଯୋଗ କରିଛି। ବାଂଲାଦେଶ ବୋଟରେ ଥିବା ୧୬୦ଟନ୍ ମାଛକୁ ପାରାଦୀପରେ ନିଲାମ କରାଯାଉ ବୋଲି ଦାବି କରିଛି। ସଂଘର ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଉପସଭାପତି ପୁରିନ୍ଦର ବିଶ୍ୱାଳ କହିଛନ୍ତି, ବାଂଲାଦେଶରେ ଅକ୍ଟୋବର ୧୬ରେ ୨ଟି ଭାରତୀୟ ମାଛଧରା ବୋଟ ଜବତ ହୋଇଥିଲା। ସେଥିରେ ଥିବା ୩୧ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇଛି। ସେମାନେ ଆମ ମାଛକୁ ବିକ୍ରି କରି ଦେଇଛନ୍ତି। ଏବେ ବାଂଲାଦେଶ ବୋଟ ଲୈଲା ଓ ମେଘନା ଆମ ଭାରତୀୟ ସମୁଦ୍ର ସୀମାରେ ମାଛ ଧରୁଥିଲେ। ତେଣୁ ସେ ମାଛ ଆମର। ଏବେ ସରକାର ବୈଦେଶିକ ସ୍ତରରେ ଆଲୋଚନା କରି ବୋଟ ଓ ୭୮ଜଣ ମତ୍ସ୍ୟଜୀବୀଙ୍କୁ ଛାଡିବାକୁ ଆଲୋଚନା କରୁଛନ୍ତି। ଭାରତ ସରକାର ବୋଟ ଛାଡନ୍ତୁ। କିନ୍ତୁ ମାଛକୁ ନିଲାମ କରି ସରକାର ଅର୍ଥ ଭରଣା କରନ୍ତୁ ବୋଲି ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ୨ଟି ବୋଟ ପାରାଦୀପ ବନ୍ଦର କୋଷ୍ଟଗାର୍ଡ ବର୍ଥରେ ରହିଛି। ବୈଦେଶିକ ମନ୍ତ୍ରାଳୟ କ୍ଲିୟରାନ୍ସ ଦେବା ପରେ ବାଂଲାଦେଶ ସୀମାରେ ପ୍ରତିପକ୍ଷ କୋଷ୍ଟଗାର୍ଡକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଏହି ୨ଟି ବୋଟ ଗତ ୯ ତାରିଖରେ ଭାରତୀୟ ଜଳ ସୀମା ମଧ୍ୟରେ ଫିସିଂ କରୁଥିବାବେଳେ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଅମୋଘ ତାଙ୍କୁ ଅଟକ ରଖି ପାରାଦୀପ ଆଣିଥିଲା। ଏଠାରେ କୋଷ୍ଟଗାର୍ଡ ସହ ଇମିଗ୍ରେସନ, କଷ୍ଟମ୍ସ ପୋଲିସ, ଆଦି ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏବେ ୭୮ ବାଂଲାଦେଶୀ ମତ୍ସ୍ୟଜୀବୀ ତାଙ୍କ ବୋଟରେ ଅଛନ୍ତି।

# ମହୁମାଛି ଆକ୍ରମଣରେ ୭ ଆହତ

ଜଗତ୍‌ସିଂହପୁର, ୧୨।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ପଞ୍ଚାୟତର ରାଧାନଗର ଗ୍ରାମରେ ବାଘୁଆ ମହୁମାଛି ଆକ୍ରମଣରେ ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ତାଙ୍କ ସ୍ତ୍ରୀ ସାଗରିକା ସ୍ୱାଇଁ, ଶାଶୁ ଶାରିଆ ସ୍ୱାଇଁ ଓ ଝିଅ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ପଡୋଶୀ କିଶୋର ଚନ୍ଦ୍ର ସ୍ୱାଇଁ, ଭାସ୍କର ଚନ୍ଦ୍ର ସ୍ୱାଇଁ ଓ ଦିଲୀପ ସ୍ୱାଇଁ। ସୂଚନା ମୁତାବକ, ଏହି ଗାଁର ମଝିପଡିଆ ବରଗଛ ପାଖରେ ପୂର୍ଣ୍ଣଚନ୍ଦ୍ରଙ୍କର ଏକ ପାନ ଦୋକାନ ରହିଛି। ପୂର୍ଣ୍ଣଚନ୍ଦ୍ର ସବୁଦିନ ପରି ବୁଧବାର ଅପରାହ୍ନରେ ଦୋକାନଟି ଖୋଲିବା ସମୟରେ ହଠାତ୍ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଅଚାନକ ବହୁ ସଂଖ୍ୟାରେ ବାଘୁଆ ମହୁମାଛି ତାଙ୍କ ଆଡକୁ ମାଡି ଆସି ଆକ୍ରମଣ କରିଥିଲେ। ଏହି ସମୟରେ ସେ ଅନନ୍ୟୋପାୟ ହୋଇ ଚିତ୍କାର କରିବାରୁ ଉପରୋକ୍ତ ୬ ଜଣ ଯଥା ପରିବାର ଲୋକେ ଓ ପଡୋଶୀମାନେ କ'ଣ ହେଲା ଭାବି ସେଠାରେ ପହଞ୍ଚିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ମହୁମାଛି ଆକ୍ରମଣରେ ପ୍ରତ୍ୟେକ ଆହତ ହୋଇଥିଲେ ସୁଦ୍ଧା ପୂର୍ଣ୍ଣଚନ୍ଦ୍ର ଓ ଦିଲୀପ ଗୁରୁତର ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ରଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦିଲୀପଙ୍କୁ ରେଡୁଆ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ନର୍ସିଂ ହୋମ ସ୍ଥାନାନ୍ତର କରାଯାଇଛି। ଖବରପାଇ ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡ଼ା ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ଶ୍ରମିକ ଗେଟ୍ ପାସ୍ ନବୀକରଣ ଦାବିରେ ଧାରଣା



ପିପିଏଲ ଗେଟ ସମ୍ମୁଖରେ ଧାରଣା ଦେଇଥିବା ଠିକା ଶ୍ରମିକମାନେ।

ପାରାଦୀପ, ୧୨।୧୨ (ଶରତ ରାଉତ)

## ପିପିଏଲ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଠିକା ଶ୍ରମିକ ଓହରିଲେ

ପାରାଦୀପ ଫସଫେଟସ୍ ଲିମିଟେଡ଼ (ପିପିଏଲ) କମ୍ପାନୀ ଫାଟକ ଆଗରେ ଗୁରୁବାର ସକାଳୁ ଠିକା ଶ୍ରମିକମାନେ ଧାରଣା ଦେଇଥିଲେ। କାରଣ ସେମାନଙ୍କ ଠିକାସଂସ୍ଥା ଗେଟ ପାଶ୍ ନବୀକରଣ ୧୨ଦିନ ହେଲା କରି ନ ଥିଲେ। ପରେ ପିପିଏଲ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରି ଶ୍ରମିକଙ୍କ ଦାବି ମାନିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଛି। ଧାରଣା ସମ୍ପର୍କରେ ୟୁନିୟନ କର୍ମକର୍ତ୍ତା ଅଭିରାମ ବେହେରା କହିଛନ୍ତି, ଉକ୍ତ ୩୨୦ ଜଣ ଶ୍ରମିକ ୧୦ ବର୍ଷରୁ ଅଧିକ ସମୟ କାରଖାନାରେ କାମ କରୁଛନ୍ତି। ମଝିରେ ଠିକାସଂସ୍ଥା ବଦଳି ଥାଏ। କିନ୍ତୁ ଶ୍ରମିକ ରହିଥାନ୍ତି। ଏବେ ଯେଉଁ ଠିକାସଂସ୍ଥା ଗତ ୧ତାରିଖରୁ ଗେଟପାଶ୍ ନବୀକରଣ କରିବା କଥା ତାହା କରି ନ ଥିଲେ। ଫଳରେ ଶ୍ରମିକମାନେ ଡ୍ୟୁଟିରେ ଯୋଗଦେଇ ପାରୁ ନ ଥିଲେ। ସେଥିପାଇଁ ଧାରଣା ଦିଆଯାଇଥିଲା। ପିପିଏଲ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ସମସ୍ତ ଶ୍ରମିକଙ୍କ ଗେଟ ପାଶ୍ ନବୀକରଣ କରିବା ସହ କାହାକୁ ବାହାର କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ପିପିଏଲ କର୍ପୋରେଟ ଆଫେୟାର୍ସ ମୁଖ୍ୟ ସୁଧୀରଞ୍ଜନ ମିଶ୍ର କହିଛନ୍ତି, ଠିକାଦାର କିଛି ବ୍ୟତିକ୍ରମ କରିଥିଲେ। ଯାହା ସମାଧାନ ହୋଇଯାଇଛି।

# ନାଉଗାଁ ଯୁବ କଂଗ୍ରେସ ବିଧାୟକଙ୍କ କୁଶପୁତ୍ତଳିକା ଦାହ



ନାଉଗାଁ ହାଟଠାରେ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ନାଉଗାଁ, ୧୨।୧୨ ( ସୁଧା ବେହୁରା)

## ବିଧାନସଭାରେ ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ

ଓଡ଼ିଶା ବିଧାନସଭା ଭଳି ଏକ ପବିତ୍ର ଗୃହରେ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ବିଧାୟକ ଅମରେନ୍ଦ୍ର ଦାସଙ୍କ କଂଗ୍ରେସ ଦଳକୁ ଲଜ୍ଜା, ଅପମାନ, ଅଶାଳୀନ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ନାଉଗାଁ ବ୍ଲକ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି କୁମାର ପ୍ରୀତମ ପରିଜାଙ୍କ ନେତୃତ୍ୱରେ ସ୍ଥାନୀୟ ହାଟଠାରେ ଗୁରୁବାର ବିରୋଧ ପ୍ରଦର୍ଶନ କରାଯାଇଛି। ଏଥିସହ ବିଧାୟକ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ନିର୍ବାଚନମଣ୍ଡଳୀର ବିକାଶ ପ୍ରସଙ୍ଗ ଉଠାଇବା ପରିବର୍ତ୍ତେ ନିଜର ଅସ୍ତିତ୍ୱକୁ ବଞ୍ଚାଇବାକୁ ଯାଇ ବିଧାୟକ ଦାସ କଂଗ୍ରେସ ଦଳକୁ ଅପମାନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ ବିଷୟ। ଆଗାମୀଦିନରେ ଯଦି ବିଧାୟକ ଦାସ କଂଗ୍ରେସ ଦଳ ପାଖରେ କ୍ଷମା ପ୍ରାର୍ଥନା ନ କରନ୍ତି ଜିଲା ବ୍ୟାପି ଆନ୍ଦୋଳନ ତୀବ୍ରତର ହେବ ବୋଲି ପରିଜା କହିଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ସଞ୍ଜୀବ ଦାସ, ସ୍ୱାଧୀନ ସାହୁ, ଜ୍ଞାନେନ୍ଦ୍ର ସ୍ୱାଇଁ, ତରୁଣ ନାୟକ, ଚିନ୍ମୟ ଲେଙ୍କା, ବିକାଶ ଲେଙ୍କା, ରିତେଶ ସାହୁ, ପ୍ରଭାକର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଶିର୍ଲୋ ଗୋମତୀ ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ

ରଘୁନାଥପୁର, ୧୨।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ନିକଟସ୍ଥ ଶିର୍ଲୋ ବ୍ରାହ୍ମଣଖଣ୍ଡ ଗୋମତୀ ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀରେ ରାଧାକୃଷ୍ଣ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ୫୧ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଲାଗି କରାଯାଇଛି। ଆଶ୍ରମର ମୁଖ୍ୟ ମଠାଧୀଶ ଅକ୍ଷୟ ଦେବଦାସ ମହାରାଜଙ୍କ ପରିଚାଳନାରେ ନୀତି ନିର୍ଘଣ୍ଟ ଅନୁସାରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତ ତଥା ବାବାଙ୍କ ଅନୁଗାମୀମାନେ ଆଶ୍ରମରେ ଉପସ୍ଥିତ ହୋଇ ଏହି ଭବ୍ୟ କାର୍ଯ୍ୟକ୍ରମରେ ନିୟୋଜିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାବା ନିମାଇଁ ଚରଣ ଦାସ, ନରହରି ଦାସ, ପ୍ରଣବ ଚରଣ ଦାସ, ବୈଷ୍ଣବ ଚରଣ ଦାସ, ଉଦ୍ଧବ ଚରଣ ଦାସ ଓ ଆଶ୍ରମ ଅନ୍ତେବାସୀମାନେ ସହଯୋଗ କରିଥିଲେ।

# ଜାତୀୟ କବି ଉପାଧି ଅନ୍ୟନାମ ସହ ଯୋଡ଼ିବା ବୀରକିଶୋରଙ୍କ ପ୍ରତି ଅପମାନ

କୁଜଙ୍ଗ, ୧୨।୧୨ (ମନୋଜ ପ୍ରଧାନ)




ଜଗତ୍‌ସିଂହପୁର ମାଟିର ବରପୁତ୍ର ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ଅଗ୍ରଦୂତ ବୀରକିଶୋର ଦାସ ଗଣ ସଙ୍ଗୀତ ରଚନା ସହ ଉଦାମ କଣ୍ଠରେ ଗାନ କରି ସ୍ୱାଧୀନତା ସଂଗ୍ରାମୀ ଓ ଭାରତୀୟଙ୍କ ମନରେ ଜାତୀୟତାବୋଧ ଉଦ୍ରେକ କରିଥିଲେ। ଯେଉଁ ସାହସ ଓ ଉତ୍ସାହ ପ୍ରଦାନ କରିଥିଲେ ପରବର୍ତ୍ତୀ ଲୋକମୁଖରେ ଜାତୀୟ କବି ଉପାଧି ପ୍ରାପ୍ତ ହୋଇଥିଲେ। ତାହାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଗ୍ରହଣ କରି ପ୍ରତିବର୍ଷ କବିଙ୍କ ଜନ୍ମସ୍ଥାନ ପୁନଙ୍ଗଠାରେ ଜୟନ୍ତୀ ପାଳନ କରିଆସୁଛି। ପ୍ରାଥମିକ ବିଦ୍ୟାଳୟ ତୃତୀୟ ଶ୍ରେଣୀ ପାଠ୍ୟ ପୁସ୍ତକରେ ଜାତୀୟ କବି ବୀରକିଶୋର ଶୀର୍ଷକରେ ଏକ କବିତା ସ୍ଥାନ ପାଇଛି। ସରକାରଙ୍କ ସ୍ୱୀକୃତ ଜାତୀୟ କବି ବୀରକିଶୋର ଦାସ ମହାବିଦ୍ୟାଳୟ କଟକଠାରେ ସ୍ଥାପନ ହୋଇଛି। ଜଗତ୍‌ସିଂହପୁର ଜିଲାର ଏହି ଯୋଗଜନ୍ମା ପୁରୁଷ, ସ୍ୱାଧୀନତା ସଂଗ୍ରାମୀ, ଗଣ ସଙ୍ଗୀତର ରଚନାକାର ବୀରକିଶୋର ଜାତୀୟ କବିର ମାନ୍ୟତା ପାଇ ସାରିଛନ୍ତି। ଏହି ଉପାଧିକୁ ଅନ୍ୟ ସାରସ୍ୱତ ସ୍ରଷ୍ଟାଙ୍କ ନାମ ପାଖରେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ପ୍ରକାଶ କରିଛନ୍ତି।

ଚଳିତବର୍ଷ ଯାଜପୁର ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ବରୀ ଲୋକ ମହୋତ୍ସବ ନିମନ୍ତ୍ରଣ ପତ୍ରରେ କବି ବାଞ୍ଛାନିଧି ଦାସଙ୍କୁ 'ଜାତୀୟ କବି' ଭାବରେ ଉଲ୍ଲେଖ କରାଯାଇ ଯେଉଁ ନିମନ୍ତ୍ରଣ ପତ୍ର ଛପା ଯାଇଛି। ଏହାକୁ ଦୃଢ଼ ଭାବେ ବିରୋଧ କରି ତରାଇ କହିଛନ୍ତି, ଏହାଦ୍ୱାରା ଜାତୀୟ କବି ବୀରକିଶୋର ଦାସଙ୍କ ଉପାଧି ଚୋରି ହେଲାଭଳି ଅନୁଭୂତ ହେଉଅଛି। ତୁରନ୍ତ ନିମନ୍ତ୍ରଣ ପତ୍ରରୁ ଉକ୍ତ ଉପାଧି ପ୍ରତ୍ୟାହାର କରାଯିବା ସହ ଅତିଥି ଭାବେ ଯୋଗଦେବାକୁ ଥିବା ଯାଜପୁର ଜିଲାପାଳ ଏଭଳି ଅନୈତିକ କାର୍ଯ୍ୟର ସମୀକ୍ଷା କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତରାଇ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ପ୍ରଶାନ୍ତ କୁମାର ସାହୁ ନାମକ ଜଣେ ବ୍ୟକ୍ତି ଜାତୀୟ କବି ବାଞ୍ଛାନିଧି ଦାସ ଶୀର୍ଷକ ପୁସ୍ତକ ରଚନା କରି ସମାଜକୁ ଭୁଲ୍ ବାର୍ତ୍ତା ଦେବାକୁ ପଛାଇ ନାହାନ୍ତି। ତେଣୁ ଏ ବିଷୟରେ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ପଷ୍ଟୀକରଣ ଦେବା ସହ ଉକ୍ତ ପୁସ୍ତକକୁ ନିଷିଦ୍ଧ କରିବାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କବି ପୀତାମ୍ବର ତରାଇ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଜାତୀୟ କବି ପ୍ରସଙ୍ଗର ପରିସମାପ୍ତି ନ ହେଲେ ଅଗଣିତ ଛାତ୍ରୀଛାତ୍ର କାହାକୁ ଜାତୀୟ କବି ରୂପେ ଗ୍ରହଣ କରିବେ ସଂଶୟରେ ପଡିବା ନିଶ୍ଚିତ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଶିଷ



@ ଦେବପ୍ରସାଦ



@ ଗୌରଚନ୍ଦ୍ର



@ କୁମାରଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଅରବିନ୍ଦଙ୍କ ଦର୍ଶନ ମାନବକୁ ଠିକ୍ ବାଟରେ ଚାଲିବାର ଶିକ୍ଷା ଦିଏ

ତିର୍ତ୍ତୋଲ, ୧୨।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଶ୍ରୀଅରବିନ୍ଦ ଥିଲେ ଜଣେ ଯୋଗଜନ୍ମା, ତାଙ୍କ ସାଧନା ଓ ସିଦ୍ଧି ବିଶ୍ୱରେ ବିରଳ, ସେ ତାଙ୍କ ଜୀବନ ଦର୍ଶନରେ ମାନବ ସମାଜ ପାଇଁ ଉଚିତ ପଥରେ ଚାଲିବାର ଶିକ୍ଷା ଦେଇଛନ୍ତି। ତାଙ୍କ ପଥ ଅନୁସରଣ କଲେ ମାନବର ଅନ୍ତର୍ନିହିତ ଦିବ୍ୟ ଚେତନାର ଉନ୍ନତି ହେବା ସହ ସମାଜ ଶୃଙ୍ଖଳିତ ହୋଇପାରିବ ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ଲକ୍ ଛକ ନିକଟ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ ପରିସରରେ ଗୁରୁବାର ଶ୍ରୀଅରବିନ୍ଦଙ୍କ ଦେହାବଶେଷ ସ୍ଥାପନ ଓ ଆଶ୍ରମର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକମାନେ ଉପରୋକ୍ତ ମତ ପୋଷଣ କରିଥିଲେ। ଆଶ୍ରମର ଟ୍ରଷ୍ଟି ପ୍ରଭୁପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ସାରା ଦିବସ ବ୍ୟାପୀ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଶ୍ରୀଅରବିନ୍ଦଙ୍କ ଦର୍ଶନ ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀଅରବିନ୍ଦ ପାଠଚକ୍ରର କୁଜଙ୍ଗ ବ୍ଲକ ସଙ୍ଗଠକ ବାସୁଦେବ ନାୟକ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବେ ବରିଷ୍ଠ ମାତୃ ଉପାସକ ପ୍ରମୋଦ କୁମାର ମିଶ୍ର, ଇଂ. ହେମନ୍ତ କୁମାର ଦାସ, ମୀରା ରାଣୀ ଦାସ, ରେବତୀ କର, ପଙ୍କପାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମନୋଜ କିଶୋର ମନୋହରୀ, ଶିକ୍ଷକ ରଶ୍ମିରଞ୍ଜନ ଦାସ, ସୁଦର୍ଶନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର, ରାକେଶ କୁମାର ବଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ମାତୃ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା କରାଯାଇଥିଲା। ଜିଲା ତଥା ଜିଲା ବାହାରର ବହୁ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଅନୁଗାମୀ ଯୋଗଦେଇଥିଲେ।

# କଚ୍ଛପ ଗତିରେ ଚାଲିଛି ଆପାର ଆଇଡି ପଞ୍ଜୀକରଣ

**ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)**

■ ନୟାଗଡ଼ ପଛରେ ଓଡ଼ଗାଁ ବ୍ଲକ୍ ଆଗରେ
■ ଜିଲାରେ ପଞ୍ଜୀକରଣ ହୋଇଛି ୨୯.୯୨ପ୍ରତିଶତ
■ ଅଧିକାଂଶ ବେସରକାରୀ ସ୍କୁଲ ଆରମ୍ଭ କରି ନାହାନ୍ତି

ନୟାଗଡ଼ ଜିଲାରେ କଚ୍ଛପ ଗତିରେ ଚାଲିଛି ଆପାର ଆଇଡି କାର୍ଯ୍ୟକ୍ରମ। ଜିଲାରେ ମାତ୍ର ୨୯.୯୨ ପ୍ରତିଶତ ପଞ୍ଜୀକରଣ ହୋଇଛି। କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ ପଞ୍ଜୀକରଣ ଠିକ୍ ଚାଲିଛି ବୋଲି ପ୍ରଚାର ପରେ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଯେଉଁ ହାରରେ ଜିଲାରେ ପଞ୍ଜୀକରଣ ଚାଲିଛି ଡିସେମ୍ବର ୩୧ ସୁଦ୍ଧା ପଞ୍ଜୀକରଣ ଶେଷ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଜିଲାର ୮ଟି ବ୍ଲକ ମଧ୍ୟରୁ ନୟାଗଡ଼ ବ୍ଲକ ପୁରା ପଛରେ ଥିବାବେଳେ ପଞ୍ଜୀକରଣରେ ଓଡ଼ଗାଁ ବ୍ଲକ ଆଗରେ ରହିଛି। ସେହିପରି ବେସରକାରୀ ସ୍କୁଲ ଗୁଡିକ ମଧ୍ୟ ପଞ୍ଜୀକରଣରେ ପଛରେ ପଡି ଯାଇଛନ୍ତି। ଅନେକ ସ୍କୁଲରେ ପଞ୍ଜୀକରଣ ପାଇଁ ଫର୍ମ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଦିଆ ଯାଇନାହିଁ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ, ପ୍ରୋଗ୍ରାମର, ସିଆରସିସି, ଶିକ୍ଷକ ସାମିଲ ଥିବାବେଳେ କାହିଁକି ପଞ୍ଜୀକରଣ ପଛରେ ପଡୁଛି ସେନେଇ ଆବଶ୍ୟକ ସମୀକ୍ଷା ହେଉନି। କେତେଜଣ ଶିକ୍ଷକଙ୍କ ସୂଚନା ଅନୁସାରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଆଧାର କାର୍ଡ ଅପଡେଟ ହୋଇ ନ ଥିବା ଓ ତ୍ରୁଟି ରହିବା ଯୋଗୁ ଆପାର ଆଇଡି ପଞ୍ଜୀକୃତ ହୋଇ ପାରୁନି। ପୁଣି ବିଭିନ୍ନ ସ୍କୁଲ ଅଞ୍ଚଳରେ ନେଟୱର୍କ ସମସ୍ୟା ରହୁଛି। ଆପାର ଆଇଡି ପାଇଁ ଯେଉଁ ଭଳି ତରବରିଆ କରାଯାଉଛି ଡିସେମ୍ବର ୩୧ ସୁଦ୍ଧା କାର୍ଯ୍ୟ ଶେଷ ହେବା ନେଇ ଅନେକ ଶିକ୍ଷକ କହିଛନ୍ତି।

ନୂଆ ଶିକ୍ଷାନୀତି ୨୦୨୦ ଅନୁସାରେ ଏବଂ ଗୋଟିଏ ଦେଶ ଗୋଟିଏ ଷ୍ଟୁଡେଣ୍ଟ ଯୋଜନା ଅଧୀନରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କ ସମସ୍ତ ତଥ୍ୟ ଗୋଟିଏ ନମ୍ବର ମାଧ୍ୟମରେ ପଞ୍ଜୀକରଣ କରାଯାଉଛି। ଦୁଇ ମାସ ତଳୁ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି ବୋଲି କୁହାଯାଉଛି। ତେବେ ସ୍କୁଲରେ ପ୍ରାୟ ୧ମାସ ହେଲା ପଞ୍ଜୀକରଣ ଆରମ୍ଭ ହୋଇଛି। ପ୍ରି ପ୍ରାଇମେରୀରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ପଞ୍ଜୀକରଣ କରାଯିବାକୁ ଥିବାବେଳେ ପ୍ରି ପ୍ରାଇମେରୀ ଏଥିରୁ ବାଦ୍ ପଡିଛି। ଜିଲା ପୋଗ୍ରାମର ସୁଦର୍ଶନ ସାହୁ କୁହନ୍ତି, ଡିସେମ୍ବର ୬ସୁଦ୍ଧା ଆମର ୧୮.୪୯ ପ୍ରତିଶତ ପଞ୍ଜୀକରଣ ହୋଇଥିଲା। ଡିସେମ୍ବର ୧୨ ସୁଦ୍ଧା ଆମର ୨୯.୯୨ ପ୍ରତିଶତ ହୋଇଛି। ୬ଦିନ ମଧ୍ୟରେ ଭଲ ସଫଳତା ମିଳିଛି। ତେବେ ନୟାଗଡ଼ ବ୍ଲକରେ ପଞ୍ଜୀକରଣ ପଛରେ ପଡିଥିବା ସ୍ୱୀକାର କରିଛନ୍ତି। ଆମେ ତୁରନ୍ତ ପଞ୍ଜୀକରଣ କାର୍ଯ୍ୟ ଶେଷ କରିବାକୁ କହିଛୁ। ଜିଲାର ବିଭିନ୍ନ ସ୍କୁଲରେ ଠିକ୍ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି ବୋଲି କହିଛନ୍ତି ।

# ସୁନାଖଳାର ଇତିହାସ ସମୃଦ୍ଧ: ରାଜ୍ୟପାଳ


ସୁନାଖଳା ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଓ ଅନ୍ୟମାନେ।

**ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)**

## ରାଜସୁନାଖଳା ମହୋତ୍ସବ କାଉଁରୀ ଉଦ୍‌ଯାପିତ

ନୟାଗଡ଼ ଜିଲା ରଣପୁର ବ୍ଲକର ରାଜସୁନାଖଳା ଖେଳ ପଡିଆରେ ୫ଦିନ ଧରି ଚାଲୁ ରହିଥିବା ଷଷ୍ଠ ରାଜସୁନାଖଳା ମହୋତ୍ସବ କାଉଁରୀ ଶୀତୁଆ ରାତିର ଶାନ୍ତ ସ୍ନିଗ୍ଧ ପରିବେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ରାଜ୍ୟପାଳ ନିଜ ଭାଷଣରେ କଳା, ସଂସ୍କୃତି, ଭାଷା, ଓ ସାହିତ୍ୟ କ୍ଷେତ୍ରରେ ସୁନାଖଳାର ସ୍ଥାନ ସ୍ୱତନ୍ତ୍ର ବୋଲି ଦର୍ଶାଇଥିଲେ। ଏହାର ଇତିହାସ ସମୃଦ୍ଧ ବୋଲି ନିଜେ ଅନୁଭବ କରିଥିବା କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କର ସହାସିକତା କିଭଳି ବ୍ରିଟିଶ ସରକାରଙ୍କୁ ଦୋହଲାଇ ଦେଇଥିଲା ସେ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ବିଧାୟିକା, ମହୋତ୍ସବ କମିଟି ଉପଦେଷ୍ଟା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ କହିଥିଲେ ରାଜସୁନାଖଳା ଏନଏସିର ମାନ୍ୟତା ପାଇବ। ସେହିପରି ରାଜସୁନାଖଳାରେ ପୂର୍ତ୍ତ ବିଭାଗର ଡାକ ବଙ୍ଗଳା କରାଯିବ। ମୁଁ ନିଜେ ଏହାର ଦାୟିତ୍ୱ ନେଉଛି ବୋଲି ଘୋଷଣା କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତ ରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇ କହିଥିଲେ ରାଜସୁନାଖଳାରେ ଏକ କଲ୍ୟାଣମଣ୍ଡପ କରାଯିବ। ମହୋତ୍ସବ ହେବା ଦ୍ୱାରା ଲୋକଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସୁବିଧା ହୋଇ ପାରୁଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସାମାଜିକ କର୍ମୀ ଶିବରାମ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏ ଅବସରରେ ସ୍ମରଣିକା କାଉଁରୀ ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ କୃତି ପ୍ରତିଯୋଗୀ ଓ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କେଳା ନାଚ, ଓଡିଶୀ, ଆଧୁନିକ ନୃତ୍ୟ, ସମ୍ବଲପୁରୀ, ଢ଼ୋଲମହୁରୀ ପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା ହୋଇଥିଲେ। ମହୋତ୍ସବ କମିଟିର ସମ୍ପାଦକ ଜୟେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ ।

# ଏମ୍‌ଜିଏନ୍‌ଆରଇଜିଏସ୍ ସଂଯୋଜକ, ଏପିଓଙ୍କ ବୈଠକ

**ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ କାର୍ଯ୍ୟରତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର ଇଜିଏସ୍) ସଂଯୋଜକ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ କରି ଆସୁଥିଲେ ମଧ ସରକାରଙ୍କ ତରଫରୁ ସେମାନଙ୍କୁ ନିୟମିତ କରାଯିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ସମାନ କାମକୁ ସମାନ ଦରମା ନୀତିରୁ ସେମାନଙ୍କୁ ବାଦ ଦିଆଯାଇଛି। ନିୟମିତ କରାଯିବା ପାଇଁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ସେମାନଙ୍କ ପରିବାର ଭରଣପୋଷଣରେ ବିଭିନ୍ନ ବାଧା ସୃଷ୍ଟି ହେବା ଦିଗ ଉପରେ ଆଲୋଚନା କରାଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୂର୍ବରୁ କାର୍ଯ୍ୟରତ ଜିପିଟିଏ ଏବଂ ଜିଆରଏସ୍‌ମାନଙ୍କୁ ସରକାର ନୀୟମିତ କରିଥିଲେ ମଧ ଏମ୍‌ସି ଏବଂ ଏପିଏମ୍‌ମାନଙ୍କ ପ୍ରତି ଅନ୍ୟାୟ କରିଥିବା ପ୍ରକାଶ କରିଥିଲେ। ଆଗାମୀ ଦିନରେ ସେମାନଙ୍କର ନ୍ୟାର୍ଯ୍ୟ ଦାବି ପାଇଁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଗଲେ ସଂଘ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ହୋଇଛି।


ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ।

## ମେମୁ ଟ୍ରେନରେ ବ୍ରେକ୍‌ବଣ୍ଡ ଯୋଗୁ ନିଆଁ

**ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)**

ବ୍ରେକ୍‌ବଣ୍ଡ ପରି ଯାନ୍ତ୍ରିକ ତ୍ରୁଟି ଯୋଗୁ ଭୁବନେଶ୍ୱର ଦଶପଲ୍ଲା ମେମୁ ଟ୍ରେନ୍ରରେ ନିଆଁ ଲାଗି ଯାଇଥିଲା। ଏଭଳି ଅଘଟଣ ନୟାଗଡ ଜିଲା ରଣପୁର ବ୍ଲକର ରାଜସୁନାଖଳା ଷ୍ଟେଶନରେ ବୁଧବାର ରାତିରେ ଦେଖା ଯାଇଥିଲା। ଯାତ୍ରୀଙ୍କ କୌଣସି ଅସୁବିଧା ହୋଇନି। ତେବେ ରାଜସୁନାଖଳା ଷ୍ଟେଶନରେ ମେମୁ ଟ୍ରେନ ଅଟକି ରହିବାରୁ ଖୋର୍ଦ୍ଧା ରୋଡ଼ ଦଶପଲ୍ଲା ରେଳପଥରେ ପୁରୀ ଦଶପଲ୍ଲା ଟ୍ରେନ ଆସି ପାରି ନ ଥିଲା। ଏଭଳିସ୍ଥଳେ ପୁରୀ ଦଶପଲ୍ଲା ଟ୍ରେନ ବେଗୁନିଆଠାରେ ଅଟକି ରହିଥିଲା। ମରାମତି ପରେ ବିଳମ୍ବିତ ରାତିରେ ଟ୍ରେନ ଦଶପଲ୍ଲା ଫେରିଥିଲା।

# ଗୁରୁଦେବ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଖଣ୍ଡପଡ଼ା ଚାମ୍ପିୟନ

**ଖଣ୍ଡପଡ଼ା,୧୨।୧୨(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ମା'ଉମାଦେବୀ ମିନିଷ୍ଟାଡିୟମରେ ଗୁରୁଦେବ କପ୍ କ୍ରିକେଟ ପକ୍ଷରୁ ଗତ ୧୫ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଖଣ୍ଡପଡ଼ା କ୍ରିକେଟ୍ ଟିମ୍ ୨ ଉଇକେଟ୍‌ରେ ନାଚୁଗାଁ କ୍ରିକେଟ୍ ଟିମ୍‌କୁ ପରାସ୍ତ କରି ଚଳିତବର୍ଷ ଚମ୍ପିୟାନ ହୋଇଛି। ପ୍ରଥମେ ଟସ୍ ଜିତି ନାଚୁଗାଁ କ୍ରିକେଟ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୬୪ ରନ୍ କରିଥିଲା। ଜବାବ୍‌ରେ ଖଣ୍ଡପଡ଼ା କ୍ରିକେଟ୍ କ୍ଲବ୍ ୧୮.୪ ଓଭରରେ


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

୮ ଉଇକେଟ୍ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଜିର ଖେଳକୁ ଜବରଖାଁ ଓ ରୋହିତ ସିଠ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ଗୌରାଙ୍ଗ ସେଠୀ ଓ ଖେଳର ଧାରା ବିବରଣୀ ସନ୍ତୋଷ କୁମାର ସାହୁ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ସଙ୍ଗଠକ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଶିଶୁକବି କାଶିନାଥ ଦାସ, ଚିତ୍ତରଞ୍ଜନ ମିଶ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ ଯୋଗଦେଇ ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଚମ୍ପିୟାନ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କା ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦ ସିରିଜି ରାକେଶ ମହାନ୍ତି ଓ ଗେମ୍ ଚେଞ୍ଜର ଭାବେ ଚିକୁନ୍ ବାରିକ, ବେଷ୍ଟ ବୋଲର ଟୁକୁନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

# ଲକ୍ଷ୍ମୀ ପୂଜା ପାଇଁ ଖଣ୍ଡପଡ଼ା ଉତ୍ସବମୁଖର


କଣ୍ଟିଲୋରେ ପୂଜାପାଉଥିବା ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।


ବାଇଗୁଣିଆ ପୂଜା କମିଟି


ବେଣାଗଡ଼ିଆ ପୂଜା କମିଟି।

**ଖଣ୍ଡପଡା,୧୨।୧୨(ଅଜୟ କୁମାର ମହାରଣା)**

ମାର୍ଗଶୀର ମାସର ଶେଷ ଗୁରୁବାର ଅବସରରେ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାଲକ୍ଷ୍ମୀଙ୍କ ପୂଜାଉତ୍ସବ ଧୁମଧାମରେ ଆରମ୍ଭ ହୋଇଛି। ଖଣ୍ଡପଡା ସହରର ସାମନ୍ତଛକର ୩ଟି ପୂଜାମଣ୍ଡପରେ ୨୦୧୯, ୨୦୨୧ ଓ ୨୦୨୨ ମାଟ୍ରିକ ବ୍ୟାଚର ପୁରାତନଛାତ୍ର ମାନଙ୍କ ପକ୍ଷରୁ ଓ ନିକଟସ୍ଥ ଟିଙ୍କରୁଆଠାରେ ମାଙ୍କ ପୂଜାଉତ୍ସବ ଅନୁଷ୍ଠିତ ହେଉଛି। ସେହିପରି ଖଣ୍ଡପଡା ବ୍ଲକ ଅଧୀନ ସିଂଘାପଡା, ଖଳିସାହି ପଞ୍ଚାୟତର କୋଟପୋଖରୀ, ମର୍ଦ୍ଦରାଜପୁର, କଣ୍ଟିଲୋ ସେବକସାହି, ଜନକଲ୍ୟାଣ କ୍ଲବ, ଫକୀରଅତବୁଦ୍ଧିପାଟଣା,ହରିସୁବୁଦ୍ଧି ପାଟଣା ସମେତ ନିକଟସ୍ଥ ବେଣାଗାଡିଆ ଓ ବରକୋଳି ଗ୍ରାମରେ ମହାଲକ୍ଷ୍ମୀ ପୂଜା ପାରମ୍ପରିକ ରୀତିରେ ପାଳନ ହେଉଛି। ଏହି ଅବସରରେ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଛି। ପୂଜା ମଣ୍ଡପରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ଭାଗବତ ପଠନ ଉପଭୋଗ କରିବା ପାଇଁ ଜନ ସମାଗମ ହୋଇଥିଲା। ବିଶେଷ କରି କଣ୍ଟିଲୋ ସେବକସାହି ଦୋଳବେଦୀଠାରେ ଅନୁଷ୍ଠିତ ମା ଲକ୍ଷ୍ମୀଙ୍କର ପୂଜା ଅବସରରେ ଆଜି ମହିଳା ସଂକୀର୍ତନ ମଣ୍ଡଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ହରିସୁବୁଦ୍ଧି ପାଟଣା ଗ୍ରାମରେ କୁନି କୁନି ପିଲାମାନଙ୍କ ଦ୍ୱାରା ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାପାଉଛନ୍ତି। ଅପରପକ୍ଷେ ମାଣବସା ଗୁରୁବାର ଶେଷ ତିଥିରେ ପ୍ରତ୍ୟେକଙ୍କ ଘରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ଓଡିଆ କୂଳ ଯୁବକ ସଂଘ ପକ୍ଷରୁ ବାଇଗୁଣିଆଁ ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜାଉତ୍ସବ ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି। ଏଠାରେ ଉତ୍ସବ ୪ ଦିନ ଚାଲିବ। ଏଥିପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ। ବିଶେଷକରି ବେଣାଗାଡିଆ ଓ ଶିଖରପୁର ଗ୍ରାମବାସୀଙ୍କ ପକ୍ଷରୁ ଆଜିଠାରୁ ୪ଦିନ ବ୍ୟାପୀ ପୂଜା ଉତ୍ସବ ଅନୁଷ୍ଠିତ ହେବ। ବେଣାଗାଡିଆରେ ଆଜି ଠାରୁ ୪ ଦିନ ବ୍ୟାପୀ ବାଦିପାଲା ପରିବେଷଣ କରାଯାଉଛି।

# ସେମିଫାଇନାଲରେ ଆଦର୍ଶ କ୍ଲବ

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ନୟାଗଡ଼,୧୨।୧୨ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ନାଳିସାଗର ଷ୍ଟାଡିୟମରେ ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ଗୁରୁବାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆଦର୍ଶ କ୍ଲବ ବାଲେଶ୍ୱର ଗତବର୍ଷର ଚାମ୍ପିୟନ ଏ ଆଣ୍ଡ କଲିକତାକୁ ୩ ଉଇକେଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ କଲିକତା ଟସ୍ ଜିତି ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। କଲିକତା ବାଲେଶ୍ୱର ବୋଲରଙ୍କ ଘାତକ ବୋଲିଂର ସାମ୍ନା କରି ନ ପାରି ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅନୁଜ କୁମାର ୧୦ ବଲରେ ଗୋଟିଏ ଚୌକା ଓ ଗୋଟିଏ ଛକା ସହାୟତାରେ ସର୍ବାଧିକ ୧୩ ରନ କରିଥିଲେ। ଜବାବରେ ବାଲେଶର ମଧ ଅନୁରୂପ ଭାବରେ ୭ ୱିକେଟ ହରାଇ ୧୭.୫ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ତପନ ମୁର୍ମୁ ସର୍ବାଧିକ ୨୪ ରନ କରିଥିଲେ। ମ୍ୟାଚରେ ବିଜୟୀ ଦଳର ଅଧିନାୟକ ଜ୍ଞାନେନ୍ଦ୍ର ପରିଡ଼ା ୪ ଓଭର ବୋଲିଂ କରି ୧୮ ରନ ଦେଇ ୪ ଉଇକେଟ ନେଇ ଦଳକୁ ବିଜୟୀ କରିଥିବାରୁ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇ ରୁପା ମୁଦ୍ରା ପାଇଥିଲେ। ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ସ୍କୋରର ଦାୟିତ୍ୱ ତୁଲାଇଥିଲେ ପବିତ୍ର କୁମାର ଓ ଡିଜିଟାଲ ସ୍କୋର କରିଥିଲେ କିରଣ ମନୋହର ମହାନ୍ତି। ମ୍ୟାଚ ରେଫରି ଭାବେ ସୁଧୀ ରଞ୍ଜନ ପଣ୍ଡା ଥିଲେ । ଭାଷ୍ୟକାର ଭାବେ ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର ଓ ଜନ୍ମେଜୟ ଦଳେଇ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳ ପ୍ରଥମାର୍ଦ୍ଧରେ ସମ୍ମାନୀତ ଅତିଥି ଯୋଗଦେଇ ଖେଳକୁ ଉପଭୋଗ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ , ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ବାଣୀ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାରର ଦ୍ୱିତୀୟ



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ପଣ୍ଡା, ୧୫ନଂ ଜୋନ ଜିଲା ପରିଷଦ ସଭ୍ୟ ସରୋଜ କୁମାର ରଣସିଂହ ଓ ୧୮ ନଂ. ଜୋନ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ସେମିଫାଇନାଲ ମ୍ୟାଚ ଏମ୍‌ଏମ୍‌ସିସି ସମ୍ବଲପୁର ସହିତ ବାଲେଶ୍ୱର ଆଦର୍ଶ କ୍ଲବ ମଧ୍ୟରେ ମୁକାବିଲା ହେବ ବୋଲି ଫତେଗଡ଼ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶିଷ


@ ଦେବପ୍ରସାଦ


@ ଗୌରଚନ୍ଦ୍ର


@ କୁମାରଜିତ୍


@ ମହେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଦୋକାନରୁ ଚୋରି ଅଭିଯୋଗ**

ପାଣିକୋଇଲି,(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ପଦ୍ମନାଭେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଏକ ହାର୍ଡୱେର ଦୋକାନରୁ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ରଜନୀକାନ୍ତ ମହାରଣା ଥାନାରେ ଅଭିଯୋଗ କରିଛନ୍ତି। ମହାରଣା ବୁଧବାର ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସେଦିନ ବେପାର ହୋଇଥିବା ୩୫,୦୦୦ଟଙ୍କାକୁ ସାଙ୍ଗରେ ନ ନେଇ ଦୋକାନରେ ରଖିଯାଇଥିଲେ। ଗୁରୁବାର ସକାଳୁ ଦୋକାନ ଖୋଲିବା ବେଳକୁ ଦୋକନର ସିଲିଂ ଗଳିପଡ଼ିଥିବା ଓ କ୍ୟାସବାକ୍ସ ଭଙ୍ଗା ଯାଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ବରଯାତ୍ରୀ ମୃତ

ବାଲିଚନ୍ଦ୍ରପୁର,୧୨।୧୨(ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁର ଥାନା ବିକ୍ରମତିରଣ ପଞ୍ଚାୟତ ପାଗଳଢିଅ ଗ୍ରାମର ଶରତ ଚନ୍ଦ୍ର ନାୟକଙ୍କ ପୁଅ ଗିରିଶ ଚନ୍ଦ୍ର ନାୟକ (୨୬) ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଗୋପାଳପୁର ପଞ୍ଚାୟତରୁ ଏକ ବିବାହରେ ବରଯାତ୍ରୀ ହୋଇ ବରୀ ଥାନା ଅନ୍ତର୍ଗତ ବାଲିଆ ନାଥପୁର ଅଞ୍ଚଳକୁ ଯାଇଥିଲେ। ବର ପ୍ରଶେସନ ଚାଲୁଥିବା ସମୟରେ କନ୍ୟା ଘର ଯିବା ରାସ୍ତାରେ ସେ ଏକ ପୋଖରୀରେ ଗିରିଶ ଖସିପଡ଼ିଥିଲେ। କିଛି ସମୟ ପରେ ବର ପକ୍ଷ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବୃଦ୍ଧଙ୍କ ମୃତଦେହ ସତ୍କାର କଲା ସମାଜସେବୀ ସଂଘ

ଛତିଆ,୧୨।୧୨(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ୍ ଛତିଆ ବିଟ୍ ହାଉସ ଅଧୀନ ଏକଡାଳିଆ ଛକର ଏକ ଦୋକାନ ବାରଣ୍ଡାରୁ ଜବତ ହୋଇଥିବା ଜଣେ ବୃଦ୍ଧଙ୍କ ମୃତଦେହର ସତ୍କାର କରାଯାଇଛି। ଗତ ସୋମବାର ସମ୍ପୃକ୍ତ ଅଜଣା ବୃଦ୍ଧଙ୍କ ମୃତଦେହକୁ ଛତିଆ ବିଟ ହାଉସ ପୋଲିସ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାପରେ ପୋଲିସ ମୃତକଙ୍କ ସମ୍ପର୍କୀୟଙ୍କ ନିକଟରେ ପହଞ୍ଚିବାପରେ ବିଫଳ ହୋଇଥିଲା। ତେଣୁ ପୋଲିସ ମୃତଦେହ ସତ୍କାର କରିବାକୁ ଛତିଆ ସମାଜସେବୀ ସଂଘକୁ ଜଣାଇଥିଲା। ପୋଲିସଠାରୁ ଅନୁମତି ପାଇ ସଂଘ ସଦସ୍ୟମାନେ ଛତିଆ ଧନିଆ ପାହାଡ଼ ଶ୍ମଶାନରେ ବୃଦ୍ଧଙ୍କ ମୃତଦେହ ସତ୍କାର କରିଥିଲେ। ଏଥିରେ ସଂଘ ସଭାପତି ସୌମ୍ୟରଞ୍ଜନ ବେହେରା, ରଞ୍ଜନ ସିଂ, ସନ୍ତୋଷ ପ୍ରଧାନଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

### କନକଦୁର୍ଗା ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବରୀ,୧୨।୧୨(ମହେନ୍ଦ୍ର ସ୍ୱାଇଁ): ବରୀ ଶିକ୍ଷା ମଣ୍ଡଳ ଅଧୀନ କନକ ଦୁର୍ଗା ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଅଦ୍ୱୈତ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରୀଛାତ୍ରୀ, ଗ୍ରାମବାସୀ, ବର୍ତ୍ତମାନର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। କିଭଳି ଶୃଙ୍ଖଳିତଭାବେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଆସନ୍ତା ୨୫ ତାରିଖରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ କମିଟି ଗଠନ କରାଯିବା ସହିତ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରଫେସର ଦେବପ୍ରସାଦ ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ପରିଡ଼ା, ବୈକୁଣ୍ଠ ସାମଲ, ପ୍ରଧାନଶିକ୍ଷକ ମଧୁସୂଦନ ଦଲାଇ, ମୁକ୍ତେଶର ସାମଲ, ଅବସରପ୍ରାପ୍ତ ଶିକ୍ଷକ ମନୋଜ ଦାଶ, ବୈଷ୍ଣବ ଚରଣ ପତି, ଅନିରୁଦ୍ଧ ସାମଲ, ରୋହିତ ପଢିହାରୀ ଓ ଉମେଶ ସାମଲଙ୍କ ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ପୁରୁଣା ସ୍ଥାନକୁ ଫେରିବ ବିରଜା ହାଟ

**ବିରଜା ହାଟକୁ ନେଇ ଲାଗିରହିଥିବା ବିବାଦର ଅନ୍ତ ଘଟିଲା**



ବିରଜା ହାଟକୁ ନେଇ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅଧିକାରୀ ।

ଯାଜପୁର ଟାଉନ,୧୨।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଦୀର୍ଘଦିନ ଧରି ବିରଜା ହାଟକୁ ଲାଗିରହିଥିବା ବିବାଦର ଅନ୍ତଃ ଘଟିଛି। ପୁରୁଣା ସ୍ଥାନକୁ ବିରଜା ହାଟ ଫେରିବ ବୋଲି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ବହୁ ବାଦ୍‌ବିବାଦ ପରେ ଆସନ୍ତା ରବିବାରଠାରୁ ଅସ୍ଥାୟୀ ଭାବେ ହାଟ ଚାଲିବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ସୂଚନା ପ୍ରଦାନ କରିଛନ୍ତି। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ବିରଜା ମନ୍ଦିର ସେବାୟତ, ଯାଜପୁରର ବୁଦ୍ଧିଜୀବୀ, ଚାଷୀ, ବ୍ୟବସାୟୀ ଓ ଜିଲା ପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ। ବିରଜା ମନ୍ଦିର ପ୍ରକଳ୍ପ କାର୍ଯ୍ୟ ବନ୍ଦ କରା ନ ଯାଇ ବିରଜା ହାଟ ଏବଂ ବିରଜା ମନ୍ଦିର ପ୍ରକଳ୍ପ ଚାଲୁ ରହିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ବିରଜା ମନ୍ଦିରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଯିବା ସହ ହାଟ ପାଇଁ ଜମି ରହିଛି। ବିରଜା ହାଟ ପାଇଁ ଆରଏମସିର ଏ୩.୧୪ଡି ଜମି ମଧ୍ୟରୁ କିଛି ପାର୍କିଂର ବ୍ୟବସ୍ଥା କରାଯିବ। ହାଟ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ବିରଜା ମନ୍ଦିର ଓ ହାଟ ମଧ୍ୟରେ ଏକ ପାର୍କିଂ ସ୍ଥାନ ରଖାଯିବ। ଉକ୍ତ ସ୍ଥାନରେ ମନ୍ଦିରକୁ ଆସୁଥିବା ଯାତ୍ରୀ ନିଜ ନିଜର ଗାଡି ରଖିବା ସହ ହାଟକୁ ଆସୁଥିବାଲୋକେ ଏବଂ ବ୍ୟବସାୟମାନେ ସେମାନଙ୍କର ଗାଡି ଉକ୍ତ ପାର୍କିଂରେ ରଖିପାରିବେ। ଆସନ୍ତା ରବିବାରଠାରୁ ଯେଉଁ ଚାଷୀ ଓ ବ୍ୟବସାୟୀ ବିରଜା ହାଟରେ ବସି ବ୍ୟବସାୟ କରିବା ପାଇଁ ଚାହିଁବେ ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଉକ୍ତ ସ୍ଥାନରେ ଏକ ହାଇଟେକ୍ ହାଟ ନିର୍ମାଣ କରାଯିବ। ହାଟକୁ ଆସୁଥିବା ଚାଷୀ ଓ ବ୍ୟବସାୟୀଙ୍କ ସୁବିଧା ପାଇଁ ସେଠାରେ ପିଣ୍ଡି, ବ୍ୟବସାୟୀଙ୍କ ଗୃହ ଏବଂ ଶୌଚାଳୟ ନିର୍ମାଣ କରାଯିବ।

ଏହି ବିବାଦ ସମାଧାନ ପାଇଁ ଉଭୟ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ସହ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ମନ୍ଦିର ସେବାୟତମାନଙ୍କୁ ନେଇ ଗତ ୨ତାରିଖରେ ପ୍ରଥମେ ଏକ ବୈଠକ ବସିଥିଲା। ପୁନର୍ବାର ଗୁରୁବାର ସେମାନଙ୍କୁ ନେଇ ବୈଠକରେ ହାଟ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯାହାକୁ ନେଇ ଚାଷୀ ଓ ବ୍ୟବସାୟୀ ଖୁସିବ୍ୟକ୍ତ କରିଛନ୍ତି।

ସୂଚନା ଯୋଗ୍ୟ, ୨୦୨୩ରେ ଯାଜପୁର ସନ୍ଥମାଧବ ଅଞ୍ଚଳରେ ହାଟ ନିର୍ମାଣ ପାଇଁ ପୂର୍ବ ସରକାରରେ ଥିବା ଜଣେ ରାଜନୈତିକ ବ୍ୟକ୍ତିଙ୍କ ପାଇଁ ପୁରୁଣା ହାଟକୁ ବନ୍ଦ କରିଦିଆଯାଇଥିଲା। ମାତ୍ର ଚାଷୀ ଓ ବ୍ୟବସାୟମାନେ ଏହାକୁ ନେଇ ବିରୋଧ କରିବା ସହ ପୂର୍ବ ସ୍ଥାନରେ ହାଟ ଚାଲିବା ପାଇଁ ବିଭିନ୍ନ ସମୟରେ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯାଇ ଦାବି କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବହୁ ବାଦ୍‌ବିବାଦ ଦେଖାଦେଇଥିଲା। ଗତ ନଭେମ୍ବର ୨୦ରେ ପୁରୁଣା ବିରଜା ହାଟକୁ ବନ୍ଦ କରିବା ପାଇଁ ବିଜେଡି କର୍ମୀ ରାସ୍ତାରୋକ କରିଥିଲେ। ଏହି ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଆସୁଥିବା ବେଳେ ତାଙ୍କୁ ମଧ ଆକ୍ରମଣ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ରାଜନୈତିକ ହିଂସାର ରୂପ ନେବା ସହ ଯାଜପୁରଟାଉନ ଏବଂ ଯାଜପୁରସଦର ଥାନାରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ବିଭିନ୍ନ ଏତଲା ଦିଆଯାଇଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ତଥା ପୂର୍ବତନ ପୌରପାଳ ଭବପ୍ରସାଦ ଦାସ (ଲଲ)ଙ୍କୁ ଗିରଫ କରାଯାଇଥିଲା। ସେ ଏପର୍ଯ୍ୟନ୍ତ ଜେଲ ହାଜତରେ ଅଛନ୍ତି। ଏହି ବିବାଦ ଦିନକୁ ଦିନ ଗଣ୍ଡଗୋଳର ରୂପ ନେଇ ତେଜିବାରେ ଲାଗିଥିବା ବେଳେ ବିଜେଡିର ୧୯ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଜିଲା ପ୍ରଶାସନର ନିଷ୍ପତ୍ତି ପରେ ବିରଜା ଅଗ୍ରେଶର ହାଟର ଚାଷୀ ଓ ବ୍ୟବସାୟୀ ଖୁସିବ୍ୟକ୍ତ କରିଛନ୍ତି।

# ୨ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ

**ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ମାମଲା**

କଟକ,୧୨।୧୨ (କାର୍ତ୍ତିକ ସାହୁ): ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ହାଇକୋର୍ଟ ୨ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ ଗୁରୁବାର ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ପରେଶ କୁମାର ବିଶ୍ୱାଳ ଓ ସନ୍ତୋଷ ମଲ୍ଲିକ। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିନୟ ଭୂଷଣ ପଟ୍ଟନାୟକଙ୍କୁ ହାଇକୋର୍ଟ ନିକଟରେ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ମାମଲାରେ କେସ୍ ଡାଏରୀ ଦାଖଲ କରିବାକୁ ତଦନ୍ତକାରୀ ସଂସ୍ଥାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କୁ ଆକ୍ରମଣ ଘଟଣାରେ ବିନୟଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିରୁ ସେ ଗିରଫଦାରି ଏଡ଼ାଇବାକୁ ଯାଇ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଏଥିସହ ବିଚିତ୍ରପୁର ପଞ୍ଚାୟତର ସରପଞ୍ଚ ଦେବାଶିଷ ପଣ୍ଡାଙ୍କୁ ମଧ ହାଇକୋର୍ଟ ପୂର୍ବରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ହାଇକୋର୍ଟ ଏହି ମାମଲାରେ କେସ୍ ଡାଏରୀ ଦାଖଲ କରିବାକୁ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ବିରଜା ହାଟକୁ ନେଇ ରାସ୍ତାରୋକୋ କରାଯାଇଥିଲା। ସେହି ରାସ୍ତା ଦେଇ ବିଧାୟକ ସାହୁ ଯାଉଥିବାବେଳେ ତାଙ୍କୁ ଆକ୍ରମଣ କରାଯିବା ସହ ତାଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଥିଲା। ଏନେଇ ବିଧାୟକ ସାହୁ ଯାଜପୁର ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ୧୪ ଜଣଙ୍କୁ ଗିରଫ କରିଥିଲା।

# ମୃତ ବଜ୍ରକାପ୍ତା କାତି ଉଦ୍ଧାର, ୨ ଗିରଫ



ଗିରଫ ଦୁଇ ଅଭିଯୁକ୍ତ ।

ଚଣ୍ଡିଖୋଲ/ଛତିଆ,୧୨।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ): ବିରଳ ବଜ୍ରକପ୍ତାକୁ ମାରି ଏହାର କାତି ବିକ୍ରି ପାଇଁ ଉଦ୍ୟମ କରୁଥିବାବେଳେ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଘୁଆ ଗ୍ରାମର ବିବେକା ନନ୍ଦ ରାଉତ ଓ ରମେଶ କୁମାର ଦେହୁରୀ। ଚଢ଼ାଉ ସମୟରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ବାଘୁଆ ଗ୍ରାମର ନିତ୍ୟାନନ୍ଦ ସାମଲଙ୍କ ଘରେ ବଜ୍ରକପ୍ତା ଥିବା ଖବର ପାଇ ବୁଧବାର ରାତିରେ ବୈରୀ ଡାଳିଯୋଡା ରେଞ୍ଜର କର୍ମଚାରୀମାନେ ଚଢାଉ କରିଥିଲେ। ଚଢ଼ାଉ ସମୟରେ ନିତ୍ୟାନନ୍ଦ ଫେରାର ହୋଇ ଯାଇଥିଲେ। ସେଠାରୁ ଦୁଇଟି ମୃତ ବଜ୍ରକାପ୍ତାର କାତି ମିଳିଥିଲା। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ବୋଲି ରେଞ୍ଜର ଅଦ୍ୱୈତ ପ୍ରଧାନ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା




କବାଡ଼ି ପ୍ରତିଯୋଗିତା ଉତ୍ସବରେ ମଞ୍ଚାସୀନ ଅତିଥି ।

ଧର୍ମଶାଳା,୧୨।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଶଙ୍ଖାରୀଢିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲରେ ଏକ ଦିବସୀୟ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ଅଧକ୍ଷ ସବିତ୍ରୀ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ କ୍ରୀଡା ମାଧ୍ୟମରେ ପ୍ରତିଯୋଗୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବିଏସ କଲେଜ ଅଧକ୍ଷ ପବିତ୍ର କୁମାର ମାହାଲା ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ କ୍ରୀଡା ଦ୍ୱାରା ସେମାନଙ୍କ ମାନସିକସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଧାବିକା ଦୂତୀ ଚାନ୍ଦ ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଟକ, ବ୍ରହ୍ମପୁର, ଯାଜପୁର ଆଦି ବିଭିନ୍ନ ଜିଲାରେ ଥିବା ସିବିଏସ୍‌ଇ ସ୍କୁଲର ୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରତିଯୋଗୀ ଭାଗ ନେଇଥିଲେ। ୧୪ ବର୍ଷ ବାଳକ ବିଭାଗରେ ସଂସ୍କାର ପବ୍ଲିକ ସ୍କୁଲ ପ୍ରଥମ, ୧୪ ବର୍ଷ ବାଳିକା ବିଭାଗରେ ଜେମ୍ସ ପବ୍ଲିକ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଡାକ୍ତର ଦେବ ମହାନ୍ତି ପବ୍ଲିକ ସ୍କୁଲ ପ୍ରଥମ ଓ ଏହି ବର୍ଗ ବାଳିକା ବିଭାଗରେ ଧର୍ମଶାଳା ପବ୍ଲିକ ସ୍କୁଲ ପ୍ରଥମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ୟାସନଗର ପବ୍ଲିକ ସ୍କୁଲ ଅଧକ୍ଷା ଡା. ଦେବସ୍ମିତା ସାହୁ, ଜେମ୍ସ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ନିହାର ରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସ୍କୁଲର ଅତିରିକ୍ତ ନିର୍ଦ୍ଦେଶକ ଦେବଦର୍ଶନ ସାମଲ ଓ ସ୍କୁଲର ସଭାପତି ପ୍ରାଚୀ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଷ୍ଠାତା ଡ. ଭିକାରି ଚରଣ ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ଯାଜପୁରରେ ନୂତନ ନର୍ସିଂ କଲେଜ

**୧୫ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭାର୍ଚୁଆଲରେ ଭିତ୍ତିପ୍ରସ୍ତର ସ୍ଥାପନ ହେବ**

ଯାଜପୁର,୧୨।୧୨(ହର୍ଷବର୍ଦ୍ଧନ ବେହେରା) : ରାଜ୍ୟର ଯାଜପୁର ଜିଲା ସମେତ ବଲାଙ୍ଗୀର, କୋରାପୁଟ, ପୁରୀ, ବାଲେଶ୍ୱର, ଅନୁଗୋଳ ଏବଂ ମୟୂରଭଞ୍ଜ ଜିଲାରେ ୭ଟି ନୂତନ ନର୍ସିଂ କଲେଜ ପ୍ରତିଷ୍ଠା ହେବ। ଏଥିପାଇଁ ଆସନ୍ତା ୧୪।୧୨।୨୦୨୪ରେ କୋରାପୁଟ ଜିଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅନ୍ୟ ଜିଲାଗୁଡିକରେ ୧୫।୧୨।୨୦୨୪ରେ ଭାର୍ଚୁଆଲରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଡୋଳାମଣି ପଟେଲ ସମସ୍ତ ଜିଲାପାଳମାନଙ୍କୁ ସୂଚିତ କରିଛନ୍ତି। ଯାଜପୁର ଜିଲାରେ ନୂତନ ନର୍ସିଂ କଲେଜ ନିର୍ମାଣ ପାଇଁ ୧୨ କୋଟି ୫୩ ଲକ୍ଷ ୩୩ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୬ କୋଟି ୫୩ ଲକ୍ଷ ୩୩ ହଜାର ଟଙ୍କା ରାଜ୍ୟ ସରକାରଙ୍କ ପାଣ୍ଠିରୁ ଖର୍ଚ୍ଚ ହେବ। ବାକି ୬ କୋଟି ଟଙ୍କା ଜିଓଆଇ ପାଣ୍ଠିରୁ ଖର୍ଚ୍ଚ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ସୂଚନା ମିଳିଛି।

# ବନ୍ଧୁକ ଦେଖାଇ ମହିଳାଙ୍କଠାରୁ ଅଳଙ୍କାର ଲୁଟ୍

ଧର୍ମଶାଳା,୧୨।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ନିକଟ ଭବାନୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ କାର ଅଟକାଇ ଦୁର୍ବୃତ୍ତ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ଘଟଣା ଭବାନୀପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ଭବାନୀପୁର ପଞ୍ଚାୟତ ବଳଭଦ୍ର ପ୍ରସାଦପଟଣା ଗ୍ରାମର ରାମଚନ୍ଦ୍ର ବେହେରା ବୁଧବାର ଜାରକାସ୍ଥିତ ଏକ ମଣ୍ଡପରେ ପୁତୁରା ବାହାଘର ଭୋଜିରେ ପରିବାର ସହ ଯୋଗଦେଇଥିଲେ। ଭୋଜିକାମ ସାରି ରାତି ପ୍ରାୟ ୨ଟାରେ କାରରେ ନିଜ ସ୍ତ୍ରୀ, ଭାଉଜ ଓ ଭଉଣୀଙ୍କୁ ବସାଇ ଧର୍ମଶାଳା ବଜାର ଦେଇ ଭବାନୀପୁର ମୁଖ୍ୟ ରାସ୍ତାରେ ଘରକୁ ଫେରୁଥିଲେ। ବଳଭଦ୍ର ପ୍ରସାଦ ପାଟଣା ଗ୍ରାମ ନିକଟରେ ଥିବା ମୋବାଇଲ ଟାୱାର ନିକଟରେ କେତେଜଣ ଦୁର୍ବୃତ୍ତ ବାଇକରେ ଆସି କାରକୁ ଅଟକାଇଥିଲେ। ପରେ ବନ୍ଧୁକ ଦେଖାଇବା ସହ କାର ଚଳାଉଥିବା ରାମଚନ୍ଦ୍ରଙ୍କୁ ମାଡ ମାରି ଭୟଭିତ କରିଥିଲେ ଏବଂ ଗାଡିରେ ବସିଥିବା ମହିଳାମାନଙ୍କଠାରୁ ସମସ୍ତ ସୁନା ଗହଣା ଲୁଟି ନେଇ ବାଇକରେ ଫେରାର ହୋଇଯାଇଥିଲେ। ଏନେଇ ରାମଚନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୮୬୫/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି। ଦୁର୍ବୃତ୍ତମାନେ ଖୁବଶୀଘ୍ର ଧରା ପଡିବେ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ସୁବାସ ସଭାପତି, ଅବିନେଶ୍ୱର ସାଧାରଣ ସମ୍ପାଦକ

**ଏସ୍‌ୟୁଜେ ଯାଜପୁର ଜିଲା ଶାଖାର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ**

ରସୁଲପୁର,୧୨।୧୨(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଏସ୍‌ୟୁଜେ ଯାଜପୁର ଜିଲା ଖବରଦାତା ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ସୁବାସ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଏସ୍‌ୟୁଜେ ରାଜ୍ୟ ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ, ରାଜ୍ୟ ସଂଘ ଉପସଭାପତି ବାସୁଦେବ ତ୍ରିପାଠୀ, ଏସ୍‌ୟୁଜେର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟନାଥ ଖଣ୍ଡାଇ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଖବରଦାତା ଚିନ୍ତାମଣି ପାଢୀ ପ୍ରମୁଖ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଜିଲା ଶାଖାର ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଂଗଠନ ସମ୍ପାଦକ ଅମୂଲ୍ୟ କୁମାର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଗୋପିନାଥ ପତି, ପ୍ରଶାନ୍ତ ଦାସଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରସୁଲପୁର ଶାଖା ପକ୍ଷରୁ ଖବରଦାତା କୈଳାସ ମଳିକ ଧନ୍ୟବାଦ ଦେଇଥିଲେ। ବୈଠକର ଦ୍ୱିତୀୟ ଅଧିବେଶନରେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଜିଲା ସଂଘ ସଭାପତି ଭାବରେ ପୁଣିଥରେ ସୁବାସ ଧଳ, ସାଧାରଣ ସମ୍ପାଦକ ଭାବେ ଅବିନେଶ୍ୱର ଶତପଥୀଙ୍କୁ ଚୟନ କରାଯାଇଥିଲା। ଏଥିସହ ବିରଞ୍ଚି ନାରାୟଣ ଖୁଣ୍ଟିଆଙ୍କୁ କୋଷାଧକ୍ଷ, କମିଟିରେ ୫ ଉପସଭାପତି, ୫ ସମ୍ପାଦକ, ୧୨ ଖବରଦାତାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନୀତ କରାଯାଇଥିଲା। ପରବର୍ତ୍ତୀ ସମୟରେ କାର୍ଯ୍ୟକର୍ତ୍ତା ଶପଥପାଠ ଉତ୍ସବ ଓ କମିଟି ସମ୍ପ୍ରସାରଣ ଉତ୍ସବ ଆୟୋଜନ କରାଯିବ ବୋଲି ଜିଲା ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା।



ଏସ୍‌ୟୁଜେ ଯାଜପୁର ଜିଲା ଶାଖାର ସାଧାରଣ ପରିଷଦ ବୈଠକରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା ।

# ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣର ପ୍ରତିବାଦ




ପ୍ରତିବାଦ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

ଯାଜପୁରରୋଡ୍,୧୨।୧୨ (ପବିତ୍ର ରଞ୍ଜନ ମହାନ୍ତି): ଭାରତ ସ୍ୱାଭିମାନ ଟ୍ରଷ୍ଟ ପତଞ୍ଜଳି ଯୋଗ ସମିତି ବ୍ୟାସନଗର ଶାଖା ତରଫରୁ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ବର୍ବରୋଚିତ ଆକ୍ରମଣ ବିରୋଧରେ ଗୁରୁବାର ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ଅଧାପକ ବିବେକାନନ୍ଦ ଜେନା ଓ ତହସିଲ ପ୍ରଭାରୀ ଅଧାପକ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ୧୦୦ରୁ ଅଧିକ ସଭ୍ୟାସଭ୍ୟ ଏହି ପ୍ରତୀକାତ୍ମକ ସଭା ଓ ରାଲିରେ ଯୋଗଦେଇ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣର ଘୋର ନିନ୍ଦା କରିଥିଲେ। ପ୍ରତିବାଦ ଶୋଭାଯାତ୍ରା ସକାଳ ୮ରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ବାହାରି ଚୋରଦା ଛକ ଓ ଧବଳଗିରି ହୋଇ ପୁନଶ୍ଚ ମହାବିଦ୍ୟାଳୟକୁ ଫେରିଥିଲା। ବ୍ୟାନର ଓ ପ୍ଲାକାର୍ଡ ଧରି ଯୋଗ ପ୍ରଶିକ୍ଷକ ସଭ୍ୟାସଭ୍ୟ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ସହରର ଜନସାଧାରଣଙ୍କୁ ସଚେତନ କରିବା ସହିତ ଏ ଦିଗରେ ପଦକ୍ଷେପ ନେବାପାଇଁ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପତଞ୍ଜଳି ଯୋଗ ସମିତିର ଯାଜପୁର ଜିଲା ସହ ପ୍ରଭାରୀ ବିଭୀଷଣ ନାୟକ, ବ୍ୟାସନଗର ତହସିଲ ଯୁବପ୍ରଭାରୀ ପ୍ରବୀର ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧାପକ କାମଦେବ ଦାଶ, ନିର୍ବାହୀ ଅଧିକାରୀ ଅଲେଖ ଜେନା, ବିଜୟ କୁମାର ନାଥ ଶର୍ମା, ପ୍ରଦୀପ ସାମଲ, ଇଞ୍ଜିନିୟର ବସନ୍ତ ଚୌଧୁରୀ, ଶ୍ରୀନୀବାସ ରାଜୁ, କିରଣ ରାଜୁ, ନରେନ୍ଦ୍ର ଦାଶ, ଅନାଦି ଚରଣ ଓଝା, ସୁରେନ୍ଦ୍ର ନାୟକ, ଶିକ୍ଷକ ଅବିନାଶ ମହାନ୍ତି, ସ୍ମୃତିରଞ୍ଜନ ନାୟକ, ରାହାସ ବିହାରି ପାତ୍ର, ପିକେ ତ୍ରିପାଠୀ, ରାଜେଶ ପତି, ଦିଲୀପ କୁମାର ଦଳାଇ, ଧର୍ମେନ୍ଦ୍ର ସାହୁ, ରଶ୍ମିରଞ୍ଜନ ସାହୁ, ରବିନ ପଣ୍ଡା, ବିଜୟ କୁମାର ବେହେରା, ବିଜୟ କୁମାର ବରାଳ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପୀତବାସ ସାହା ଓ ଶ୍ରୀଧର ବେହେରା ପ୍ରମୁଖେ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ଚାରିବଖରା ଚାଳଛପର ଘର ଭସ୍ମୀଭୂତ

**ରାଜକନିକା, ୧୨।୧୨ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଜୟକୁଣ୍ଡା ଗାଁରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଭସ୍ମୀଭୂତ ହୋଇଯାଇଛି। ଗାଁର ଦିଗମ୍ବର ସେଠୀଙ୍କ ସମେତ ୨ ପୁଅ ମାନସ ସେଠୀ ଓ ଉମେଶ ସେଠୀଙ୍କ ପରିବାର ଗତ ବୁଧବାର ଶୋଇଥିଲେ। ବିଳମ୍ବିତ ରାତିରେ ସେମାନଙ୍କ ଘର ହୁତୁ ହୁତୁ ହୋଇ ଜଳିଥିଲା। ଏହି ଦେଖି ବରଯାତ୍ରୀ ଯାଇ ଫେରୁଥିବା ଗାଁର ଯୁବକମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଗୁରୁବାର ଖବର ପାଇ କନିକା ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀ ପହଞ୍ଚି ତଦନ୍ତ ପୂର୍ବକ ପଲିଥିନ ଯୋଗାଇବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି।

# ବାଲିପାଟଣାରେ ଗୋପୂଜନ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୧୨।୧୨ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତଠାରେ ଗୃହ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏକ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗ ଦେଇ ଗୋମାତାଙ୍କ ପୂଜାର୍ଚ୍ଚନା କରିଥିଲେ। ଶତାଧିକ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଗୃହଲକ୍ଷ୍ମୀ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ବଢୁଛି ଚିଙ୍ଗୁଡ଼ିଘେରି, କମୁଛି ଜଙ୍ଗଲ, କ୍ଷେତ ଜମି



ଚିଙ୍ଗୁଡ଼ି ଘେରି।

- ଲୁଣାପାଣି ସ୍ଥାନୀୟ ଅଞ୍ଚଳର ଫସଲ ନଷ୍ଟ କରୁଛି
- ୧୪ଶହ ଏକରକୁ ଅନୁମତି, ୨୦ ହଜାରରୁ ଊର୍ଦ୍ଧ୍ୱରେ ଘେରି

**କେନ୍ଦ୍ରାପଡ଼ା, ୧୨।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡି ଘେରିର ଅହେତୁକ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ପରିବେଶବିତ୍‌ଙ୍କ ଉଦ୍‌ବେଗର କାରଣ ସାଜିଛି। ଜିଲାରେ ମାତ୍ର ୭୨୯ ଚାଷୀ ଚିଙ୍ଗୁଡି ଘେରି ପାଇଁ ଜିଲା ମତ୍ସ୍ୟ ବିଭାଗରୁ ଅନୁମତି ନେଇଥିବା ବେଳେ ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଘେରି ଗଢ଼ିଉଠିଛି। ଇକୋ ସେନ୍‌ସେଟିଭ ଜୋନ ଅଧୀନରେ ଥିବା ଅଞ୍ଚଳ ଏଥିରୁ ବାଦ ପଡୁନାହିଁ। ଫଳରେ ଜଙ୍ଗଲ ଜମି କମିଯାଉଛି। ସେହିପରି ଚିଙ୍ଗୁଡି ଘେରିର ଲୁଣା ଓ ବର୍ଜ୍ୟଜଳ ସ୍ଥାନୀୟ କୃଷିକୁ ପ୍ରଭାବିତ କରୁଛି।

ଏ ସମ୍ପର୍କରେ ମହାକାଳପଡା ତହସିଲ ବଡବୁଦି ଗ୍ରାମର ରାଧାଶ୍ୟାମ ମଣ୍ଡଳ କହିଛନ୍ତି, ଚିଙ୍ଗୁଡି ଘେରି ଏବେ ଜୀବନ ଓ ଜୀବିକା ଉପରେ ଦାଉ ସାଧିଛି। ଚଳିତବର୍ଷ ଧାର କରଜ କରି ୮ ଏକର ସମ୍ପତ୍ତିରେ ଖରିଫ ଧାନ ଚାଷ କରିଥିଲେ। ତେବେ ବ୍ୟବହାର ହେଉଥିବା ଲୁଣା ଜଳ ଚିଙ୍ଗୁଡି ଘେରି ନିକଟକୁ ଆଣିବା ଫଳରେ ଆଖପାଖ କ୍ଷେତ ନଷ୍ଟ ହୋଇଛି। ପୂର୍ବରୁ ଏ ନେଇ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାସତ୍ତ୍ୱେ ସୁଫଳ ମିଳିଲା ନାହିଁ। କ୍ଷେତ ଅମଳ ସମୟ ପରେ ବନ ବିଭାଗ ଓ ତହସିଲ କର୍ତ୍ତୃପକ୍ଷ ଚିଙ୍ଗୁଡି ଘେରି ଭାଙ୍ଗୁଥିଲେ ମଧ୍ୟ ଦିନ କେତୋଟି ପରେ ଏହାର ବନ୍ଧ ସମ୍ପୃକ୍ତ ମାଲିକ ବାନ୍ଧୁଛନ୍ତି। ଆଗାମୀଦିନରେ ଫସଲ ଏଠାରେ ଫଳିବା ନେଇ ସନ୍ଦେହ ଥିବା ଚାଷୀ ମଣ୍ଡଳ କହିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଜିଲାର ୬ ହଜାର ଏକର ଜମିରେ ବେଆଇନ ଘେରି ରହିଥିବା ଜିଲା ପ୍ରଶାସନ ସୂଚନା ଦେଉଥିଲେ ମଧ୍ୟ ବାସ୍ତବିକ ଏହାର ପରିମାଣ ୨୫ ହଜାର ଏକରରୁ ଅଧିକ ଅଛି। ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଇକୋ ସେନସେଟିଭ ଜୋନ ଘୋଷଣା କରିଛନ୍ତି।

ଏହାସତ୍ତ୍ୱେ ସମୁଦ୍ରର ୨ କିଲୋମିଟର ତଟବର୍ତ୍ତୀ ଅଞ୍ଚଳରେ ଏହି ଘେରି ବହୁ ଅଧିକ ଅଛି। ଏପରିକି ଜଙ୍ଗଲ ଜମି ଉପରେ ଏହି ଘେରି ନିର୍ମାଣ ହେଉଛି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଘେରି ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଅଛି। ମାତ୍ର ଏହାର ପ୍ରଭାବ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁନାହିଁ। ଚିଙ୍ଗୁଡି ଘେରିରୁ ବର୍ଜ୍ୟଜଳ ଜଙ୍ଗଲ ଓ ସାମୁଦ୍ରିକ ପରିବେଶକୁ ନଷ୍ଟ କରୁଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଚିଙ୍ଗୁଡି ଘେରି ଚାଷୀ ରତିକାନ୍ତ ଦେବନାଥ କହିଛନ୍ତି, ଜିଲାରେ କର୍ମ ନିଯୁକ୍ତି ପାଇଁ ସୁଯୋଗ ନାହିଁ। କ୍ଷେତରୁ ଆଶାନୁରୂପକ ଅର୍ଥ ରୋଜଗାର ହେଉନାହିଁ। ଚିଙ୍ଗୁଡି ଘେରି ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହେଉଛି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଜଙ୍ଗଲ ଜମିରେ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡି ଘେରିକୁ ଉଚ୍ଛେଦ କରାଯାଇଛି। ଏହି ଜମିରେ ହେନ୍ତାଳ ବଣ ସୃଷ୍ଟି ପାଇଁ ବନ ଓ ରାଜସ୍ୱ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

# କନିକା ରାଜବାଟୀ ବୁଲି ଦେଖିଲେ ଆହ୍ଲାବାଦ ଉଚ୍ଚତମ ନ୍ୟାୟାଳୟ ବିଚାରପତି

**ରାଜକନିକା, ୧୨।୧୨ (ସଞ୍ଜୟ କୁମାର ଦାଶ)**

ପର୍ଯ୍ୟଟନ ଋତୁ ଦେଶ ବିଦେଶର ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏହି ପରିପ୍ରେକ୍ଷୀରେ କନିକା ରାଜବାଟୀର ରାଜପ୍ରାସାଦରେ ଗୁରୁବାର ଆଲହାବାଦ ହାଇକୋର୍ଟର ଜଷ୍ଟିସ ମନିଷ କୁମାର ନିଗମ ଓ ପରିବାର ସଦସ୍ୟଙ୍କୁ ଦେଖିବାକୁ ମିଳିଥିଲା। ନ୍ୟାୟଧୀଶଙ୍କ ସହ ତାଙ୍କ ସ୍ତ୍ରୀ ଓ କନ୍ୟା ରାଜବାଟୀ ବୁଲିଥିଲେ । ଗୁରୁବାର ଅପରାହ୍ନରେ କେନ୍ଦ୍ରାପଡ଼ା ପୋଲିସ ସୁରକ୍ଷାରେ ଜଷ୍ଟିସ୍ ରାଜବାଟୀରେ ପହଞ୍ଚିଥିବା ବେଳେ, ଜଷ୍ଟିସଙ୍କୁ ସ୍ଥାନୀୟ ପୋଲିସ ରାଜବାଟୀ ବୁଲାଇ ଦେଖାଇଥିଲେ। ତେବେ ଇଂଲଣ୍ଡର ବଂକିମହାମ ରାଜପ୍ରାସାଦର ଅବିକଳ ପ୍ରତିକୃତି ପାଲଟିଥିବା କନିକା ରାଜପ୍ରାସାଦରେ ଜଷ୍ଟିସ ମନିଷ କୁମାର ନିଗମ ଓ ପରିବାରଙ୍କୁ ଦେଖି ଦେଖଣାହାରୀ ଖୁସି ହୋଇଥିଲେ।

# ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ




ସାଂସ୍କୃତିକ ସମାରୋହ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ପାରାଦୀପ, ୧୨।୧୨ (ଶରତ ରାଉତ)**

ସ୍ଥାନୀୟ ଜୟଦେବ ଭବନରେ ଗୁରୁବାର ସନ୍ଧ୍ୟାରେ ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ୮ଟି ବୃହତ ବନ୍ଦର କଳାକାରମାନେ ଭାଗ ନେଇଛନ୍ତି। ପାରାଦୀପ ବନ୍ଦର ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଏହା ୨୪ତମ ସମାରୋହ ହେଉଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ସଭାପତି ତଥା ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗାପ୍ରସାଦ ସେଠୀ, ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ, ରଶ୍ମୀ ରଞ୍ଜନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଦୀନଦୟାଲ ପୋର୍ଟ କାଣ୍ଡଲା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ବେଲପାଳ ସରପଞ୍ଚ ପଦଚ୍ୟୁତ

## ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ

**ରାଜନଗର, ୧୨।୧୨ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବେଲପାଳ ପଞ୍ଚାୟତର ସରପଞ୍ଚ ତିଳୋତ୍ତମା ବରାଳ ଆସ୍ଥା ଭୋଟରେ ପରାଜିତ ହେବାପରେ ପଦ ହରାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୧ ଡିସେମ୍ବର ୨୦୨୪ରେ ଚିଠିନଂ.୧୬୬୮ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସରପଞ୍ଚ ବରାଳଙ୍କୁ ତାଙ୍କ ପଦବୀରୁ ପଦଚ୍ୟୁତ କରାଯିବା ସହିତ ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ (୧)ରେ ଗୃହୀତ ଅନାସ୍ଥା ପ୍ରସ୍ତାବର ପ୍ରକାଶନ କରାଗଲା ଓ ଉକ୍ତ ଆଦେଶ ପ୍ରଦାନ ଦିନ ଠାରୁ ସରପଞ୍ଚ ବରାଳଙ୍କୁ ସରପଞ୍ଚ ପଦବୀରୁ ପଦଚ୍ୟୁତ କରାଗଲା ବୋଲି କୁହାଯାଇଛି।

ଦୀର୍ଘ ୩ ମାସର ଟଣାଓଟରା ପରେ ବୁଧବାର ଅନାସ୍ଥା ପାଇଁ ଭୋଟ ପଡିଥିଲା। ଅନାସ୍ଥା ସପକ୍ଷରେ ୮ଜଣ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେଇଥିବା ବେଳେ ଅନାସ୍ଥା ବିପକ୍ଷରେ କେବଳ ସରପଞ୍ଚ ନିଜେ ଖଣ୍ଡିଏ ଭୋଟ ଦେଇଥିଲେ। ତହସିଲଦାର ତଥା ଅନାସ୍ଥା ଭୋଟର ନିର୍ବାଚନ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ରାଜନଗର ତହସିଲଦାର ଏହି ସ୍ୱତନ୍ତ୍ର ବୈଠକର ବିବରଣୀ ଜିଲା ପ୍ରଶାସନକୁ ପ୍ରଦାନ କରିବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

# ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବତୀ, ଯୁବକ ଓ ଅନ୍ୟମାନେ।

**ମହାକାଳପଡ଼ା, ୧୨।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବଢୁଛି ବାଲ୍ୟ ବିବାହ ଚିନ୍ତା। ଏ ନେଇ ଆବାଳ ବୃଦ୍ଧ ବନିତା ମିଳିତ ହୋଇ ପ୍ଲାକାର୍ଡ ଧରି ଗାଁ ପରିକ୍ରମା କରି ବାଲ୍ୟ ବିବାହ ବନ୍ଦ ପାଇଁ ସ୍ଲୋଗାନ ଦେଇଥିଲେ। ଗୁରୁବାର ସକାଳେ କଣ୍ଟିଲୋଠାରୁ ବାହାରି ଜଗରିଜୋର ହାଟ ମା'କାଳୀ ମନ୍ଦିର ପଡ଼ିଆରେ ପହଞ୍ଚି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏପରି ସଚେତନତା ସୃଷ୍ଟି କରାଯାଇଥିଲା। ସୁନିତି, କେବିଦାଣ୍ଡିଆ, ବଡଲକଣି, ପେଟଛେଲା, ଜମ୍ବୁ, ଗୋଗୁଆ, ବାରଡାଙ୍ଗ ଓ ଖରୀନାସି ଆଦି ପଞ୍ଚାୟତର ୪୧ ରାଜସ୍ୱ ଗ୍ରାମରେ ବାଲ୍ୟବିବାହ ବନ୍ଦ କରିବା ନେଇ ସଚେତନତା ସୃଷ୍ଟି କରାଯାଇଛି ବୋଲି ଅନୁଷ୍ଠାନର କାର୍ଯ୍ୟକର୍ତ୍ତା କହିଛନ୍ତି। ବିଶେଷ କରି ବଙ୍ଗୀୟଲୋକମାନେ ବାସ କରୁଥବବା ପଞ୍ଚାୟତରେ ବହୁଳ ଭାବେ କମ ବୟସର କିଶୋରୀମାନଙ୍କୁ ବିବାହ କରାଯାଉଛି। ଫଳରେ କମ୍ ବୟସରେ କିଶୋରୀଟି ମା'ହେବା ଫଳରେ ଶିଶୁ ଓ ମା'ର ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ନିରକ୍ଷର, ଦାରିଦ୍ର୍ୟତା ଓ ସଚେତନ ଅଭାବ ଯୋଗୁ ଉକ୍ତ ବ୍ଲକର ବାଲ୍ୟ ବିବାହ ବୃଦ୍ଧି ପାଉଛି। ବ୍ଲକ ଉପାନ୍ତ ଅଞ୍ଚଳରେ ବିଳମ୍ବିତ ରାତିରେ ଧର୍ମାନୁଷ୍ଠାନରେ ଲୁଚିଛପି ଏପରି ବିବାହ କରାଯାଉଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ରଜନୀକାନ୍ତ ନାୟକ, ରାଜକିଶୋର ଦାସ, ଆଶିଷ ରଞ୍ଜନ ସାହୁ, ମଧୁସୂଦନ ମଲିକ, ରବିନ୍ଦ୍ର କୁମାର ରାଉଳ, ସୁନିତି ପଞ୍ଚାୟତ ନାଏବ ସରପଞ୍ଚ ବେଣୁଧର ପଣ୍ଡା, ପୂର୍ବତନ ସରପଞ୍ଚ ମନୋଜ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଗହୀରମଥାରେ କଇଁଛ ସୁରକ୍ଷା ସଚେତନତା ଶିବିର

**ମହାକାଳପଡ଼ା, ୧୨।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଶାସନପେଟା ରେଞ୍ଜ ଅଫିସ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନଭେମ୍ବରରୁ ମେ' ମାସ ଶେଷ ପର୍ଯ୍ୟନ୍ତ ଅଲିଭ ରିଡ଼ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଶୀତଋତୁରେ ଲକ୍ଷାଧିକ ମାଇଲି ଦୂରରୁ ଅଲିଭ ରିଡ଼ଲେ କଇଁଛମାନେ ଅଣ୍ଡାଦାନ ପାଇଁ ମହାନଦୀ ତ୍ରିକୋଣ ଭୂମି ଓ ବରୁଣାଇ ଅବବାହିକା ଅଞ୍ଚଳ ସାମୁଦ୍ରିକ ବାଲୁକା ଉପରକୁ ଆସିଥାଆନ୍ତି । ଅଣ୍ଡାଦାନ ସମୟରେ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ତଟରକ୍ଷୀ ବାହିନୀର ଅଭିଜ୍ଞ କର୍ମଚାରୀମାନେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିଥାଆନ୍ତି। ଅଲିଭରିଡ଼ଲେ କଇଁଛମାନେ ଆମ ଅତିଥି। ବଡ଼ ଟ୍ରଲର ମାଡ଼ରେ ଅଲିଭରିଡ଼ଲେ କଇଁଛମାନେ ଗାଞ୍ଜି ଜାଲରେ ଛନ୍ଦି ହୋଇ ଅକାଳରେ ମରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏହାକୁ ଆଖି ଆଗରେ ରଖି ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜନଗର ବନ ଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ଯୋଗ ଦେଇ କଇଁଛ ଅଣ୍ଡାଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବାବୁବାଲି, ଏକକୁଳାନାସୀ ଓ ମାଦଳୀ ଅଞ୍ଚଳରେ ଫରେଷ୍ଟ ବିଟ୍ ହାଉସ କ୍ୟାମ୍ପ କରାଯାଇଛି। ସେଠାରେ ବିଭାଗୀୟ କର୍ମଚାରୀମାନଙ୍କୁ ନିୟୋଜିତ ହୋଇଛନ୍ତି ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପରିବେଶପ୍ରେମୀ ହେମନ୍ତ କୁମାର ରାଉତ, କୋଷ୍ଟ ଗାର୍ଡ ଅଧିକାରୀ ଡି.ଜନକରାଜ, ଗହୀର ମଥା ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣା ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ରେଞ୍ଜ ଅଫିସ ପରିସରରେ ଆୟୋଜିତ କଇଁଛ ସୁରକ୍ଷା ସଚେତନତା ଶିବିର।

# ଜଳିଗଲା ରୋଷେଇ ଘର, ଦୋକାନ

**ଆଳି, ୧୨।୧୨ (ବନମାଳୀ ସେନାପତି)**

ଗୁରୁବାର ସନ୍ଧ୍ୟାରେ ଆଳି ଥାନା ଅନ୍ତର୍ଗତ କଳାପାହାଡ଼ ଗ୍ରାମର ଏହେସାନ ଅଲ୍ଲୀଙ୍କ ରୋଷେଇ ଘର ସହିତ ଏକ ଦୋକାନ ଜଳିଯାଇଛି । ସୂଚନା ଅନୁଯାୟୀ ଆଳି-ମହୁ ରାସ୍ତାର ଆଳକଣା ଛକରେ କଳାପାହାଡ଼ ଗ୍ରାମର ଏହେସନ ଅଲ୍ଲୀ ଘର କରି ଦୀର୍ଘ ଦିନ ହେବ ରହୁଥିଲେ । ଗୁରୁବାର ସନ୍ଧ୍ୟାରେ ତାଙ୍କ ରୋଷେଇ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ରୋଷେଇ ଘର ଓ ଗୁହାଳ ଘର ନିଆଁରେ ଜାଳିବା ସହିତ ନିକଟରେ ଥିବା ତାଙ୍କର ଏକ କେବିନ ମଧ୍ୟ ଜଳି ଯାଇଥିଲା । କେବିନ ମଧ୍ୟରେ ଥିବା ସାଇକେଲ ପାର୍ଟସେ ଗୁଡିକ ଜଳିପୋଡି ପାଉଁଶ ହୋଇଯାଇଛି । ନିଆଁ ଲାଗିଯିବା ପରେ ସ୍ଥାନୀୟ ଲୋକ ଲିଭାଇବା ସହିତ ଆଳି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ବିଳମ୍ବରେ ପହଞ୍ଚି କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକରେ ପାନୀୟଜଳ, ପରିମଳ ତାଲିମ




ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ତାଲିମ ଶିବିରରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ।

**ପଟ୍ଟାମୁଣ୍ଡାଇ, ୧୨।୧୨ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ଘରେ ଘରେ ବିଶୁଦ୍ଧ ପାନୀୟଜଳ ଯୋଗାଇବା, ଜଳର ସୁପରିଚାଳନା ଓ ସ୍ୱଚ୍ଛ ନିର୍ମଳ ପରିବେଶ ପାଇଁ ବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ଉପରେ ପଞ୍ଚାୟତ ପ୍ରତିନିଧି ଓ ନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ଦିନିକିଆ ତାଲିମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଜଳଧର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ତାଲିମ ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଳ ହିଁ ଜୀବନ ଓ ପରିବେଶ ବଞ୍ଚିଲେ ଜୀବଜଗତ ବଞ୍ଚିବକୁ ସଫଳ କରିବା ପାଇଁ ଘରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଜଳ ନଷ୍ଟ ନ ହେବା ପାଇଁ ଉତ୍ତମ ପରିଚାଳନା ଓ ନିର୍ମଳ ସ୍ୱଚ୍ଛ ପରିବେଶ ପାଇଁ ବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱଆରୋପ କରି ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବାକୁ ନିବେଦନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୁଭ୍ରାଂଶୁ ସାହୁ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀ ଇଂ.ବସନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶୁଦ୍ଧ ପାନୀୟଜଳ ଯୋଗାଣ ଓ ଉତ୍ତମ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉପରେ ଆଲୋକପାତ କରିଥିଲେ । ବ୍ଲକ ଜଳଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ଇଂ.ବିଶ୍ୱଜିତ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସହକାରୀ ଯନ୍ତ୍ରୀ କତୃଶେଷ ବ୍ରହ୍ମା, ସରପଞ୍ଚ ଯଶୋମତୀ ରାଉତ,ଅନିଲ ଲେଙ୍କା ପଦ୍ମିନୀ ବେହେରା, ରଞ୍ଜିତା ସାହୁ, ଦୀପ୍ତିମୟୀ ପରିଡା,ଦମୟନ୍ତୀ ସାମନ୍ତରାୟ, ଜ୍ଞାନ ରଞ୍ଜନ ଖଣ୍ଡାୟୀ ପ୍ରମୁଖ ଯୋଗ ଦେଇଥିଲେ। ଇଂ.ବିଶ୍ୱଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗାଡ଼ି ସାଇଡ୍‌ମରାକୁ କେନ୍ଦ୍ରକରି ଉତ୍ତେଜନା

- ୨ ଗାଁ ଲୋକଙ୍କ ମଧ୍ୟରେ ମୁହାଁମୁହିଁ
- ରାସ୍ତାରେ ଟାୟାର ଜାଳି ପ୍ରତିବାଦ
- ପୋଲିସ ଫୋର୍ସ ମୁତୟନ

**ଡେରାବିଶ, ୧୨।୧୨ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତରେ ବୁଧବାର ଟ୍ରକ ଓ କାର ମଧ୍ୟରେ ସାଇଡ୍‌ମରାକୁ କେନ୍ଦ୍ର କରି ୨ ଗ୍ରାମ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ଗୁରୁବାର ଉଗ୍ର ରୁପ ଧାରଣ କରିଛି। ଖବରପାଇ କେନ୍ଦ୍ରାପଡା ଏସ୍‌ଡିପିଓ ଦେବେନ୍ଦ୍ର ମଲିକଙ୍କ ନେତୃତ୍ୱରେ ଡେରାବିଶ ପୋଲିସ ସହ ଏକ ସେକ୍ସନ ଫୋର୍ସ ମୁତୟନ କରାଯାଇଛି । ଏ ସଂକ୍ରାନ୍ତରେ ଅନ୍ନପୂର୍ଣ୍ଣା ଭୋଇ ଡେରାବିଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଲକ୍ଷ୍ମୀନାରାୟଣ-ଛୋଟି ରାସ୍ତାର ବେଲାରପୁର ଗ୍ରାମ ନିକଟରେ ଏକ ହାଇୱା ଓ କାର ମଧ୍ୟରେ ସାଇଡ୍‌ମରାକୁ କେନ୍ଦ୍ର କରି ବଚସା ହୋଇଥିଲା। କାର ପଛରେ ଥିବା ଜଣେ ବାଇକ୍ ଚାଳକ ଉଭୟ ଗାଡ଼ି ଚାଳକଙ୍କୁ ବୁଝାଶୁଝା କରି ବିଦା କରିଥିଲେ। ହେଲେ ବୁଧବାର ରାତି ପ୍ରାୟ ୧୦ଟାରେ ସମ୍ପୃକ୍ତ ପଞ୍ଚାୟତ ନୋଳସାହି ଗ୍ରାମର କେତେଜଣ ଯୁବକ ବେଲାରପୁର ବଜାରକୁ ଆସି ବାଇକ୍ ଚାଳକଙ୍କୁ ଖୋଜାଖୋଜି କରିବା ସହ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ବେଲାରପୁର ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ବଜାରରେ ପରିବା ବ୍ୟବସାୟ କରୁଥିବା ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ସନାତନ ଏହାର ପ୍ରତିବାଦ କରିବାରୁ ଯୁବକମାନେ ତାଙ୍କୁ ମାର୍‌ପିଟା କରିବା ସହ ଦଳିତ ସାହିରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ପୋଡି ଦେବା ପାଇଁ ଧମକ ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବେଲାରପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଗୁରୁବାର ସକାଳେ ଏହି ଘଟଣା ଉଗ୍ରରୁପ ଧାରଣ କରିବା ସହ ବେଲାରପୁର ଗ୍ରାମବାସୀ ଗଣ୍ଡଗୋଳକାରୀଙ୍କ ତୁରନ୍ତ ଗିରଫ ଦାବିରେ ଉକ୍ତ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଖବର ପାଇ ଏସ୍‌ଡିପିଓ ମଲିକ, ଡେରାବିଶ ଥାନାଧିକାରୀ ତରାଇ, ସଦର ଥାନା ଆଇଆଇସି ବିମଳ ପ୍ରସାଦ ମଲିକ, ନିକିରାଇ ଆଇଆଇସି ସଞ୍ଜୟ କୁମାର ମଲିକ, ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକଙ୍କ ସହ ପୁଲିସ ଫୋର୍ସ ପହଞ୍ଚି ଉଭୟ ପକ୍ଷ ମଧ୍ୟ ଶାନ୍ତିସ୍ଥାପନ ପାଇଁ ପ୍ରୟାସ କରିଥିଲେ । ହେଲେ ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଚାପା ଉତ୍ତେଜନା ଲାଗି ରହିଛି । ପୋଲିସ ପରିସ୍ଥିତି ଉପରେ ନଜର ରଖିଛି । ଅପର ନୋଳ ସାହି ଗ୍ରାମ ପକ୍ଷରୁ କୌଣସି ଅଭିଯୋଗ ଥାନାରେ କରାଯାଇ ନ ଥିବା ପୋଲିସ କହିଛି।



ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରୁଛନ୍ତି।



ଏସ୍‌ଡିପିଓ ଲୋକମାନଙ୍କୁ ବୁଝାଶୁଝା କରୁଛନ୍ତି।

# ନୀଳମାଧବଙ୍କ ଚନ୍ଦନପୋଖରୀ ପ୍ରଦୂଷିତ

## ବିକାଶ ପ୍ରକଳ୍ପ କାମରେ ବ୍ୟତିକ୍ରମକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୧୨।୧୨(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର। ଏହି କ୍ଷେତ୍ରରେ ରହିଛି ନୀଳମାଧବଙ୍କ ଚନ୍ଦନ ପୋଖରୀ। ଏହି ପବିତ୍ର ପୁଷ୍କରଣୀ ଏବେ ପୂତିଗନ୍ଧମୟ ହୋଇଛି। ଗତ ସରକାରଙ୍କ ଅମଳରେ ନୀଳମାଧବଙ୍କ ବିକାଶ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିଲା। ୧୮ ମାସ ମଧ୍ୟରେ ସେହି କାମ ଶେଷ କରିବାକୁ ଘୋଷଣା କରାଯାଇଥିଲା। ମାତ୍ର ୩୦ ମାସ ପରେ ବି ସେହି କାମ ଶେଷ ହୋଇପାରିନାହିଁ। ଏବେ ସେହି କାମ ଚାଲିଛି। ଏହି ବିକାଶ ପ୍ରକଳ୍ପରେ ସାମିଲ ଥିବା ଚନ୍ଦନ ପୋଖରୀର ନବୀକରଣ କାର୍ଯ୍ୟ ସହ ପଙ୍କ ଉଦ୍ଧାର ହୋଇଛି। ହେଲେ ସେହି କାମରେ ନାନା ବ୍ୟତିକ୍ରମ ଦେଖାଦେଇଛି। ଚନ୍ଦନ ପୋଖରୀରେ ପାଣି ଭରିବା ପରେ ପଙ୍କରୁ ପଦ୍ମ ଓ କଇଁ କାୟା ବିସ୍ତାର କରିଛି। ପୋଖରୀର ଚତୁଃପାର୍ଶ୍ୱରୁ ପୋଖରୀ ମଧ୍ୟରେ ପଡୁଥିବା ଅଇଁଠା ଶୋଲ ଖଲି, ଠୁଙ୍ଗା, ଅଳିଆ, ଆବର୍ଜନା ଓ ନିଶାଖୋର ବ୍ୟକ୍ତିଙ୍କ ଚାଖଣା ପଲିଥିନ, ଠୁଙ୍ଗା ଓ ମଦ ବୋତଲ ପଡି



ରହିଛି। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପ୍ରତିବର୍ଷ ଏହି ପୋଖରୀରେ ଶ୍ରୀନୀଳମାଧବଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ହୋଇଥାଏ। ଏହି ସମୟ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ଲକ୍ଷ୍ମୀ,ସରସ୍ୱତୀ, ଶିବ ପାର୍ବତୀ ପୃଥକ ବିମାନରେ ଆରୁଢ ହୋଇ ଜଳକ୍ରୀଡା କରିଥାଆନ୍ତି। ୨ ବଡ ଚାପ ଡଙ୍ଗାରେ ଠାକୁରଙ୍କ ଜଳକ୍ରୀଡା ନୀତି ସମ୍ପନ୍ନ ହୋଇଥାଏ। ତେବେ ପୋଖରୀଟି ଦୀର୍ଘବର୍ଷରୁ ପରିତ୍ୟକ୍ତ ତଥା ଦଳ ଓ ପଦ୍ମବଣରେ ପରିପୂର୍ଣ୍ଣ ହୋଇଥିବାରୁ ବିଗତ ବର୍ଷରେ ଠାକୁରଙ୍କ ଚାପନୀତିରେ ସମସ୍ୟା ସୃଷ୍ଟି ହୋଇଥିଲା। ଅଭିଯୋଗ ପ୍ରତି କାର୍ଯ୍ୟନିର୍ବାହୀ ସଂସ୍ଥା କର୍ଣ୍ଣପାତ କରି ନ ଥିଲେ। ଫଳରେ ଉକ୍ତ ପୋଖରୀକୁ ନେଇ ଲୋକେ ଏହା ବିକାଶ ପ୍ରକଳ୍ପ ନୁହେଁ, ବିନାଶ ପ୍ରକଳ୍ପ ବୋଲି କହୁଛନ୍ତି।

ଚନ୍ଦନ ପୁଷ୍କରିଣୀରୁ ପୁରୁଣା ମାଟି ତଥା ପଙ୍କକୁ ଉଠା ନ ଯାଇ ସେହି ମାଟିକୁ ପୋଖରୀରେ ବିଛାଯାଉଥିବା କଣ୍ଟିଲୋ ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ପୂଜକ ସମାଜର ପୂର୍ବତନ ସଭାପତି ନିହାର ରଞ୍ଜନ ମିଶ୍ର, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ପ୍ରଦୀପ କୁମାର କର, ଜୟକୃଷ୍ଣ ବେହେରାଙ୍କ ସମେତ ସ୍ଥାନୀୟ ସଚେତନ ନାଗରିକମାନେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ପୋଖରୀର ପ୍ରକୃତ ଗଭୀରତାକୁ କମାଇ ଦିଆଯାଉଥିବା ଅଭିଯୋଗ କରିଥିଲେ। ପରେ ସଚିବ ପୋଖରୀ ପରିଦର୍ଶନ କରି ପୋଖରୀରୁ ଆବଶ୍ୟକ ପଙ୍କ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସଚିବ ଫେରିବା ପରେ ପଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ସେଠାରେ ଖେଳାଇ ଦିଆଯାଉଥିଲା। ଏ ସଂକ୍ରାନ୍ତରେ 'ସଚିବଙ୍କ ପରାମର୍ଶକୁ ଗୁରୁତ୍ୱ ଦେଉନାହିଁ ଠିକାସଂସ୍ଥା' ଶୀର୍ଷକ ଏକ ରିପୋର୍ଟ ଗତ ଫେବୃୟାରୀ ୨୨ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଇତିମଧ୍ୟରେ ଚନ୍ଦନ ପୋଖରୀ ସେପରି ଅବସ୍ଥାରେ ପଡି ରହିଛି। ଆଜି ପର୍ଯ୍ୟନ୍ତ ଉକ୍ତ ପୋଖରୀର ବିକାଶ କାମ ହୋଇ ନ ଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବାଲିଗୁଡ଼ା କୋର୍ଟରେ ହାଜର ହେଲେ ମାଓବାଦୀ ନେତା ଆଜାଦ

ବାଲିଗୁଡ଼ା,୧୨।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲାରେ କିଛିବର୍ଷ ହେବ ମାଓବାଦୀ କାର୍ଯ୍ୟକଳାପ କରି ଆତଙ୍କ ସୃଷ୍ଟି କରିଥିବା ଟପ୍ କ୍ୟାଡର ମାଓବାଦୀ ନେତା ଆଜାଦ ଓରଫ କେଶବ ରାଓଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱର ଝାରପଡ଼ା ଜେଲରୁ ବାଲିଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟକୁ ଅଣାଯାଇ ହାଜର କରାଯାଇଥିଲା। ସେଠାରେ ଗୁରୁବାର ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳର ୫ଟି ମାମଲାର ଚାର୍ଜ ଫ୍ରେମ କରାଯାଇଥିଲା। ସେଥିମଧ୍ୟରେ ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ୨୦୦୮ ନଭେମ୍ବର ୫ରେ ଧନୁ ପ୍ରଧାନୀଙ୍କୁ ହତ୍ୟା, ୨୦୦୯ ଜୁଲାଇ ୧୭ରେ କାଟିଙ୍ଗିଆ ଫାଣ୍ଡି ଭଙ୍ଗାରୁଜା ସହ ହତ୍ୟା, ଅକ୍ଟୋବର ୪ରେ କାଟିଙ୍ଗିଆ ଫାଣ୍ଡି ପୋଡ଼ାଜଳା, ୨୦୧୦ ନଭେମ୍ବର ୨୭ରେ ବଙ୍ଗଡ଼ଦୁଆ ଘାଟିରେ ଆମ୍ବୁଲାନ୍ସକୁ ଲ୍ୟାଣ୍ଡ ମାଇନ ଲଗାଇ ବିସ୍ଫୋରଣ କରି ଉଡ଼ାଇବାରେ ୫ ଜଣଙ୍କ ମୃତ୍ୟୁ ଓ ବ୍ରାହ୍ମଣୀ ଗାଁ ବଜାରରେ ରହୁଥିବା ଡିଲର ମନୋଜ ସାହୁ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗ କୁ ଭିତ୍ତି କରି ରୁଜୁ ମାମଲାର ଚାର୍ଜଫ୍ରେମ କରିବାକୁ କୋର୍ଟ ସମନ ଦେବା ସହ ଆଜାଦଙ୍କୁ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜାଦଙ୍କ ପକ୍ଷରୁ ତାଙ୍କ ଓକିଲ ସେକ୍ ସାଦିକ ଡିସ୍‌ଚାର୍ଜ ପିଟିଶନ ଫାଇଲ କରିଥିଲେ। ଗୁରୁବାର ଏହାର ଶୁଣାଣି ପରେ କୋର୍ଟ ତାକୁ ଖାରଜ କରିଥିଲେ।

## ସଂକ୍ଷେପରେ

### ଅମଳ ହେବାକୁ ଥିବା ଧାନ ଜଳିଗଲା

ଦଶପଲ୍ଲା,୧୨।୧୨(ପ୍ରକାଶ କୁମାର ପାଣି)

ଗୁରୁବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଘୁଡିପଡା ପଞ୍ଚାୟତର କାଚପଲିଠାରେ ଧାନ ବିଲରେ ଅମଳ ହେବାକୁ ରଖାଯାଇଥିବା ଧାନ ନିଆଁ ଲାଗି ପୋଡିଯାଇଛି। ପୂର୍ବାହ୍ନ ୧୨ଟା ସମୟରେ ଏହି ନିଆଁ ଲାଗି ଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଗ୍ରାମର କପିଳେନ୍ଦ୍ର ସାହୁ, ଏବଂ ଦଇତାରୀ ସାହୁ ଧାନ ବିଲରୁ ଧାନ କାଟି ଆଣି ଅମଳ କରିବାକୁ ଗଦା କରି ରଖିଥିଲେ। ହେଲେ ତାହା ଜଳିଯାଇଥିଲା। ଖବର ପାଇ ଦଶପଲ୍ଲା ଅଗ୍ନିଶମସେବା କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ସିନିୟର ସିଟିଜେନ ରନିଂ ରେସ୍
### ଗଜପତିର କିଶୋର ପାଇଲେ ସ୍ୱର୍ଣ୍ଣ



ପାରଳାଖେମୁଣ୍ଡି,୧୨।୧୨(ଗିରିଧାରୀ ପରିଛା)

ତେଲଙ୍ଗାନା ରାଜଧାନୀ ସିକନ୍ଦରାବାଦ ଠାରେ ଆୟୋଜିତ ସିନିୟର ସିଟିଜେନ ରନିଂ ରେସ୍ ପ୍ରତିଯୋଗିତାରେ ଗଜପତିର କିଶୋର ଚନ୍ଦ୍ର ରଥ ସ୍ୱର୍ଣ୍ଣ ପଦକ ସହ ୩ଟି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୮ଜଣ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨ଜଣ କୃତିତ୍ୱ ହାସଲ କରିଛନ୍ତି। ପାରଳାଖେମୁଣ୍ଡିର କିଶୋର ଟ୍ରିପଲ ଜମ୍ପ ଓ ଲଙ୍ଗ ଜମ୍ପରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଓ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଅବକାରୀ ବିଭାଗର ଅବସରପ୍ରାପ୍ତ କର୍ମଚାରୀ। ଚାକିରିରେ ଥିବାବେଳେ ବହୁ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଛନ୍ତି।

### ଭାଉଜକୁ ବଳାତ୍କାର ଅଭିଯୋଗରେ ଦିଅର ଗିରଫ

ବୁଗୁଡ଼ା,୧୨।୧୨(କାଳିଚରଣ ଦାଶ)

ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପର୍କୀୟ ଦିଅରକୁ ବୁଗୁଡ଼ା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ତାମ୍ବିରୀ ଗ୍ରାମର ସୀମାଞ୍ଚଳ ଗୌଡ଼। ଅଭିଯୋଗ ଅନୁସାରେ ସୀମାଞ୍ଚଳ ପ୍ରାୟ ବର୍ଷେ ହେଲା ତା'ର ଜଣେ ସମ୍ପର୍କୀୟ ଭାଉଜ ସହ ଶାରୀରିକ ସମ୍ପର୍କ ରଖିବା ସହିତ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ଭାଇରାଲ କରିଦେବାର ଡର ଦେଖାଇ ବାରମ୍ବାର ବଳାତ୍କାର କରି ଆସୁଥିଲା। କେରଳରେ ଦାଦନ ଖଟୁଥିବା ସୀମାଞ୍ଚଳ ୭ ତାରିଖରେ ଭାଉଜଙ୍କୁ ବାହା ହେବା ବାହାନାରେ କେରଳ ଯିବା କହି ଭୁବନେଶ୍ୱରରେ ଛାଡ଼ି ଦେଇ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ମହିଳା ବହୁ ସମୟ ଧରି ଅପେକ୍ଷା କରିବା ପରେ ସୀମାଞ୍ଚଳଙ୍କ ପତ୍ତା ନ ମିଳିବାରୁ ମହିଳା ଜଣକ ଗ୍ରାମକୁ ଫେରି ଆସି ବୁଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏନେଇ ୫୭୬/୨୪ରେ ଏକ ମାମଲା ରୁଜୁ କରିବା ସହ ସୀମାଞ୍ଚଳକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

# ଉଠା ଜଳସେଚନ ପଏଣ୍ଟ ନ ଥିବାରୁ ୫ଶହ ଏକର ଜମିର ଫସଲ ନଷ୍ଟ

## ବାରମ୍ବାର ଦାବି ପରେ କାର୍ଯ୍ୟାନୁଷ୍ଠାନ ଶୂନ୍

ଖଣ୍ଡପଡ଼ା,୧୨।୧୨(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବେଣାଗାଡିଆ, କଣ୍ଟିଲୋ ଅଞ୍ଚଳରେ ୫ ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଉପଯୋଗୀ ଜମି ରହିଛି। ହେଲେ ଅନିୟମିତ ବର୍ଷା ତଥା ଆବଶ୍ୟକ ପାଣି ଅଭାବରୁ ପ୍ରତିବର୍ଷ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ଏଥିଯୋଗୁ ଫସଲ ନଷ୍ଟ ହେଉଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ସବୁ ଜମିକୁ ପାଣି ଯୋଗାଇବା ପାଇଁ ଉଠା ଜଳ ସେଚନ ପ୍ରକଳ୍ପ ପ୍ରତିଷ୍ଠାନ ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସୂଚନା ଅନୁଯାୟୀ, କଣ୍ଟିଲୋ ଓ ବେଣାଗାଡ଼ିଆ ପଞ୍ଚାୟତ ଅଧୀନ ମରେଇକଣ ମୌଜାରେ ଥିବା ଗୋଡ଼ିବଣିଆ, ଛଣପାଟ, ବୋଲୁଅପାଟ, ଚଣ୍ଡୀପାଟ, ଟାଙ୍କୁପଡା ମୌଜା ଓ ପାଟ କୁକୁଟା ମୌଜାର ପ୍ରାୟ ୫ ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଉପଯୋଗୀ ଜମି ରହିଛି। ଏହି ସବୁ ପଞ୍ଚାୟତର ଉତ୍ତର-ପୂର୍ବ ଓ ଦକ୍ଷିଣ ଦିଗରେ ଚିରସ୍ରୋତା ମହାନଦୀ, କମେଇ ଓ କୁସୁମୀ ନଦୀ ପ୍ରବାହିତ ହେଉଛି। ନଦୀ କୂଳବର୍ତ୍ତୀ ଜମି ହୋଇଥିବାରୁ ଏ ଅଞ୍ଚଳର ଚାଷ ଜମି ମାଟି ଅତ୍ୟନ୍ତ ଉର୍ବର। ଏହା ଛଡା ମହାନଦୀ ଓ କମେଇ ନଦୀରେ ବନ୍ୟା ଆସିଲେ ଏହାର ବନ୍ୟା ଜଳ ମଧ ସଂପୃକ୍ତ ଜମିରେ ପ୍ରବାହିତ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ବନ୍ୟା ଜଳ ଛାଡି ଯିବାପରେ ପଟୁ ପଡି ସେହି ଜମିକୁ ଅଧିକ ଉର୍ବର କରିଥାଏ। ବନ୍ୟାରେ ଧାନ ଫସଲ ନଷ୍ଟ ହୋଇ ଯାଉଥିବା ବେଳେ ଏଠାରେ ଧାନ ଛଡା ଅର୍ଥକାରୀ ଫସଲ ଆଖୁ, ବିଭିନ୍ନ ପ୍ରକାର ପନିପରିବା ତଥା ଫଳ ମୂଳ ଆଦି ପାଇଁ ଏ ଅଞ୍ଚଳର ମାଟି ଅତ୍ୟନ୍ତ ଉପଯୋଗୀ। ମାତ୍ର ସେହି ଅଞ୍ଚଳର ଚାଷୀ ବର୍ଷା ଉପରେ ନିର୍ଭର କରିଥାଏ। ହେଲେ ଅଧିକାଂଶ ସମୟରେ ଅନିୟମିତ ବର୍ଷା ଯୋଗୁ ଚାଷ ଉଜୁଡି ଯାଇଥାଏ। ଜମି ନିକଟରେ ମହାନଦୀର ଜଳ ବର୍ଷ ସାରା ପ୍ରବାହିତ ହେଉଥିବା ବେଳେ ଗରିବ ଚାଷୀ ସେହି ଜଳକୁ ଜମିରେ ମଡାଇ ପାରେ ନାହିଁ। ସେଥିପାଇଁ ଚାଷୀମାନେ ବିଭିନ୍ନ ପ୍ରକାର ଅର୍ଥକାରୀ ଫସଲ କରି ପରିବାର ପ୍ରତିପୋଷଣ କରନ୍ତି। ବର୍ଷର ଅବଶିଷ୍ଟ ୮ମାସ ବେକାର ହୋଇ ବସିଥାଆନ୍ତି କିମ୍ବା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲି ଯାଆନ୍ତି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

ଅପରପକ୍ଷେ ମହାନଦୀ, କମେଇ ଓ କୁସୁମୀ ନଦୀର ପ୍ରବାହିତ ଜଳକୁ ଉପଯୁକ୍ତ କାର୍ଯ୍ୟରେ ବିନିଯୋଗ କରାଯାଇ ପାରୁନାହିଁ। ଏହି ପ୍ରବାହିତ ଜଳକୁ ନଦୀ କୂଳରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଏସବୁ ଅଞ୍ଚଳର ସମସ୍ତ ଜମିକୁ ଜଳ ସେଚନର ସୁବିଧା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ଏଥିପାଇଁ ଚାଷୀମାନେ ଏକ ଉଠା ଜଳସେଚନ ପଏଣ୍ଟ ନିର୍ମାଣ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏଯାବତ୍ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଚାଷଜମିଗୁଡିକ ଲାଗି ଜଳ ସେଚନର ସୁବିଧା କରାଗଲେ ହଜାରରୁ ଊର୍ଦ୍ଧ୍ୱ କୃଷିଜୀବି ଉପକୃତ ହେବା ସହ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଭାରତୀୟ ଭାଷା ଉତ୍ସବ ପାଳିତ

ବେଲଗୁଣ୍ଠା,୧୨।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ଦାଶଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ମହା କବି ସୁବ୍ରମଣ୍ୟମ୍ ଭାରତୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଚଳିତବର୍ଷର ବିଷୟ ବସ୍ତୁ ଥିଲା ଭାଷା ମାଧ୍ୟମରେ ଏକତା। ୭ଦିନ ଧରି ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ବିବିଧତା ମଧ୍ୟେ ଏକତାକୁ ନେଇ ଶିକ୍ଷାର୍ଥୀମାନେ ବିଭିନ୍ନ ରାଜ୍ୟର ପୋଷାକ ପରିଧାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ମିତା ନାୟକ, ଦୀପା ପ୍ରଧାନ, ପିଙ୍କି ଦଳାଇ, ଅଳକା ମହାପାତ୍ର, ଶିକ୍ଷକ ଆକୁଳ ସାହୁ, ନାରାୟଣ ସାହୁ, ପ୍ରକାଶ ଚନ୍ଦ୍ର ଗୌଡ଼, ସତ୍ୟ ନାରାୟଣ ପ୍ରଧାନ, ସନିତ୍ କୁମାର ଜେନା ଓ ଶିବରାମ ମହାନ୍ତି ସହଯୋଗ କରିଥିଲେ।

# ଇଟାମାଟି ବଜାର ବଣିକ ସଂଘର ନୂତନ କର୍ମକର୍ତ୍ତା

ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟି ବଣିକ ସଂଘର ବାର୍ଷିକ ଅଧିବେଶନ ସ୍ଥାନୀୟ ଦୋଳମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟବସାୟୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭା କାର୍ଯ୍ୟ ଆରମ୍ଭ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି କିଶୋର ଚନ୍ଦ୍ର ନାୟକ, ଉପସଭାପତି ବିଷ୍ଣୁ ଚରଣ ସାହୁ, ସମ୍ପାଦକ ଅଜୟ କୁମାର ସାହୁ, ସହ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବୈଷ୍ଣବ ଚରଣ ଦାସଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଶ୍ରବଣ କୁମାର ରାମ, ପ୍ରଶାନ୍ତ ପ୍ରଧାନ, ଆଶିଷ ଅଗ୍ରୱାଲ,ପ୍ରଭାତ କୁମାର ପାତ୍ର, ରାଜକିଶୋର ପୃଷ୍ଟି,ସନ୍ତୋଷ ପାତ୍ର, ଦାମୋଦର ପାତ୍ର, ସୁରେନ୍ଦ୍ର କୁମାର ସାହୁ, ବସନ୍ତ କୁମାର ସାହୁ, କମିଟି ସଭ୍ୟ ସମୀର ଲେଙ୍କା, ପ୍ରମୋଦ ସାହୁ, ଦିଲ୍ଲୀପ ପଟ୍ଟନାୟକ, ସନ୍ତୋଷ ପୃଷ୍ଟି, ସୁରେଶ କୁମାର ସାହୁ, କିଶୋର ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପୃଷ୍ଟି, ବିପିନ ମହାରଣା, ପ୍ରଦୀପ୍ତ କୁମାର ସାହୁ, ସୁଜିତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା।

# ବାରାଣସୀ ମହୋତ୍ସବ ଉଦ୍‌ଘାଟିତ




କାଶୀନଗର,୧୨।୧୨ (ଟି.କ୍ରିଷ୍ଣା ରାଓ)

ସ୍ଥାନୀୟ ସରକାରୀ ହାଇସ୍କୁଲ ପଡ଼ିଆରେ ବାରାଣସୀ ମହୋତ୍ସବ ପାରମ୍ପରିକ ଭାବେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷରେ କାଶୀନଗର ବ୍ଲକ ଓ ଏନ୍‌ଏସିସ୍ତରୀୟ ଗଜପତି ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ବି. ସାୟାମ୍ମାଙ୍କ ସଭାପତିତ୍ୱରେ ଏହି ସମାବେଶ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଏନ୍‌ଏସି ଅଧ୍ୟକ୍ଷା ଏମ.ସୁଧାରାଣୀ, ସମିତି ଉପାଧ୍ୟକ୍ଷା ଏସ୍. କଲ୍ୟାଣୀ, ସିଡିପିଓ କନକଲତା ପୂଜାରୀ, ଆଇଆଇସି ସୁନୀଲ ବେହେରା, ବିଇଓ ଆଦିକନ୍ଦ ଗମାଙ୍ଗ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗୀରଥି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ଡମ୍ବରୁଧର ମଲିକ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପଞ୍ଚାୟତ, ଏନ୍‌ଏସି ଓ ସ୍କୁଲ କଲେଜରୁ ଆସିଥିବା ନୃତ୍ୟ ଦଳ ପକ୍ଷରୁ ଚିତ୍ତାକର୍ଷକ ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ ଓ ସମସାମୟିକ ଶୈଳୀର ନୃତ୍ୟ ପରିବେଷଣ କରା ଯାଇଥିଲା। ଉଦ୍‌ଘୋଷକ, ଉଦ୍‌ଘୋଷିକା ଭାବେ ଶୁଭ୍ରାଂଶୁ ପଟ୍ଟନାୟକ ଓ ଉମା କୁମାରୀ ଯୋଗ ଦେଇଥିଲେ। ବିଖ୍ୟାତ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଛାତ୍ର ଗୋପୀନାଥ ମହାରଣା, ଚଳଚ୍ଚିତ୍ର ସହ କଳା ନିର୍ଦ୍ଦେଶକ ଅଜିତ କୁମାର ପ୍ରମୁଖ ସ୍ଥାନୀୟ ଚିତ୍ରଶିଳ୍ପୀ କେ.ରାମବାବୁଙ୍କ ସହାୟତାରେ ବାଲିରେ ଜଗନ୍ନାଥ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ମୂର୍ତ୍ତି ଆଙ୍କିଥିଲେ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଗଣିଆ,୧୨।୧୨(ସନ୍ତୋଷ କୁମାର ପ୍ରଧାନ)

ଗରିବ ପରିବାରମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଠାରୁ ଆରମ୍ଭ କରି ଆୟୁଷ୍ମାନ ଯୋଜନା ଆଦି ପ୍ରଚଳନ କରିଛନ୍ତି। ହେଲେ ଏବେବି କେତେକ ଗରିବ ଲୋକ ଏହି ଯୋଜନାର ସୁଫଳ ପାଇ ପାରୁ ନାହାନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସର୍ବସାନ୍ତ ହେବାକୁ ପଡୁଛି। ଏଭଳି ଘଟଣା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆ ସାହି ଗ୍ରାମରେ ଦେଖିବାକୁ ମିଳିଛି। ବେଠିଆ ସାହି ଗ୍ରାମର ଚନ୍ଦ୍ରମଣି ନାୟକ ଜଣେ ଅତି ଗରୀବ ଲୋକ। ପର ଦୁଆରେ ମୂଲ ମଜୁରୀ କଲେ ଚୁଲି ଜଳେ। ଚନ୍ଦ୍ରମଣିଙ୍କ ସ୍ତ୍ରୀ ଆରପାରିକୁ ଚାଲିଯାଇଥିବା ବେଳେ ଏକ ମାତ୍ର ପୁଅ ସତ୍ୟରଞ୍ଜନ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଯନ୍ତ୍ରଣା ଯୋଗୁ କେତେବେଳେ ସ୍କୁଲ ଯାଉଛନ୍ତି ତ ଆଉ କେତେବେଳେ ପାଠପଢା ବନ୍ଦ। ସତ୍ୟରଞ୍ଜନ ଜନ୍ମ ବେଳେ



ବଡ଼ବାପାଙ୍କ ସହ ସତ୍ୟରଞ୍ଜନ।

ନାଭି କାଟିବା ଅସାବଧାନତା ଯୋଗୁ ନାଭି ମୂଳ ପଚି ଘା ହୋଇଥିଲା। ବିଭିନ୍ନ ଚିକିତ୍ସା ପରେ ମଧ ଏଯାଏ ଘା ସୁଖୁ ନାହିଁ। ବହୁତ ଟଙ୍କା ଖର୍ଚ୍ଚ କରି ସେ ଭାଙ୍ଗି ପଡିଛନ୍ତି। ସତ୍ୟରଞ୍ଜନଙ୍କ ବାପା ଆନ୍ଧ୍ରପ୍ରଦେଶର ଏକ ଢ଼ାବାରେ କାମ କରି ଯାହା ରୋଜଗାର କରନ୍ତି ନିଶା କବଳରେ ପଡ଼ି ପୁଅର ଚିକିତ୍ସା ପାଇଁ କେତେବେଳେ ଟଙ୍କା ଦିଅନ୍ତି ତ କେତେବେଳେ ନାହିଁ। ଏପରି ସ୍ଥଳେ ସତ୍ୟରଞ୍ଜନ ବଡବାପାଙ୍କ ହେପାଜତରେ ରହିଛନ୍ତି। ହେଲେ ବଡବାପା ବିରଞ୍ଚି ଜଣେ ଗରିବ ଲୋକ ହେତୁ ଚିକିତ୍ସା ପାଇଁ ସେ ମଧ୍ୟ ଅସହାୟତା ପ୍ରକାଶ କରିଛନ୍ତି। ଚିକିତ୍ସାର ୧୨ବର୍ଷ ବିତି ଗଲାଣି ହେଲେ ସତ୍ୟରଞ୍ଜନଙ୍କ ଆରୋଗ୍ୟ ହୋଇପାରୁନି। ବର୍ତ୍ତମାନ ସେ ୭ମ ଶ୍ରେଣୀରେ ପାଠ ପଢୁଛନ୍ତି। ଅତ୍ୟଧିକ ଯନ୍ତ୍ରଣା ଯୋଗୁ ବର୍ଷେ ହେଲା ନିୟମିତ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି। ସରକାର କିମ୍ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଦି ସତ୍ୟରଞ୍ଜନଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇ ପରନ୍ତେ, ତେବେ ଗୋଟିଏ ନିରୀହ ଶିଶୁ ଆରୋଗ୍ୟ ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

# ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମଯଜ୍ଞ

ଖଣ୍ଡପଡା,୧୨।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡା ଜଗନ୍ନାଥ ମନ୍ଦିରରେ ଶ୍ରୀ ବିଷ୍ଣୁ ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ନିମନ୍ତ୍ରଣ କ୍ରମେ ଖଣ୍ଡପଡା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ସୁବର୍ଣ୍ଣେଶ୍ୱର ଦେବ ଓ ଶ୍ରୀ ଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ବିମାନ ଯୋଗେ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ପରିସରସ୍ଥିତ ଯଜ୍ଞସ୍ଥଳୀ ନିକଟରେ ପହଞ୍ଚିବା ପରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ବ୍ରାହ୍ମଣ ସମାଜ ଦ୍ୱାରା ପାରମ୍ପରିକ ପ୍ରଥାନୁଯାୟୀ ଆରମ୍ଭ ହୋଇଥିଲା। ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ବାସୁଦେବ ମିଶ୍ର ସମସ୍ତ ଦାୟୀତ୍ୱ ତୁଲାଇଥିଲେ। ବ୍ରାହ୍ମଣ ସମାଜ ପକ୍ଷରୁ ପଞ୍ଚାନନ ମିଶ୍ର, ରବିନାରାୟଣ ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ପରୀକ୍ଷା, ପ୍ରଦୀପ କୁମାର ମିଶ୍ର, ଦୀପକ କୁମାର ମିଶ୍ରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଇ ଓ ଜ୍ୱାଇଁଙ୍କ ଆକ୍ରମଣରେ ୨ ଭଉଣୀ ଆହତ

## ପୈତୃକ ସମ୍ପତ୍ତିକୁ ନେଇ ବିବାଦ

ଦିଗପହଣ୍ଡି,୧୨।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଝରିପଦର ଗ୍ରାମରେ ପୈତୃକ ସମ୍ପତ୍ତି ଭାଗ ବଣ୍ଟନକୁ କେନ୍ଦ୍ରକରି ଭାଇ ଦେବେନ୍ଦ୍ର ସେଠୀ ଏବଂ ଜ୍ୱାଇଁ ବଳରାମ ସେଠୀଙ୍କ ଆକ୍ରମଣରେ ଭଉଣୀ ରଶ୍ମିତା ସେଠୀ ଏବଂ ମାମି ସେଠୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ରଶ୍ମିତା ବୁଧବାର ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା କେସ୍ ନଂ.୪୯୦/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ଦେବେନ୍ଦ୍ରଙ୍କୁ ତାଙ୍କ ବାପା ଗୋବିନ୍ଦ ସମ୍ପତ୍ତି ପ୍ରଦାନ କରିଥିଲେ ମଧ ସେ ତାଙ୍କୁ ଭରଣ ପୋଷଣ କରୁନାହାନ୍ତି। ଗୋବିନ୍ଦ ଗାଁରେ ବିବାହ କରିଥିବା ଝିଅ ଘରେ ରହୁଛନ୍ତି। ଘଟଣାକୁ କେନ୍ଦ୍ରକରି ବିବାଦ ଉପୁଜିବାରୁ ଗାଁରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଅନେକଥର ସଭା କରାଯାଇଥିଲେ ମଧ ବିବାଦର ସମାଧାନ ହୋଇପାରି ନ ଥିଲା। ମଙ୍ଗଳବାର ସନ୍ଧ୍ୟାରେ ସମ୍ପତ୍ତି ଭାଗ ବଣ୍ଟନକୁ ନେଇ ୨ ଭଉଣୀ କଥା ହେଉଥିବା ବେଳେ ଭାଇ ଦେବେନ୍ଦ୍ର ଏବଂ ଜ୍ୱାଇଁ ବଳରାମ ସେଠାରେ ପହଞ୍ଚି ଉଭୟଙ୍କୁ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ବଳରାମ ଏକ କୋଦାଳରେ ମାମିଙ୍କୁ ଆକ୍ରମଣ କରିଥିଲେ। ମାମିଙ୍କ ଡାହାଣ ହାତରେ ଆଘାତ ଲାଗିବାରୁ ରକ୍ତସ୍ରାବ ହୋଇଥିବା ଏତଲାରେ ଉଲ୍ଲେଖ ରହିଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

# ବିଏସ୍‌ଏନ୍‌ଏଲ୍ ଇଣ୍ଡିଆ ଲିମିଟେଡ୍ ସହ ନିଷ୍ଟ ଏମ୍‌ଓୟୁ ସ୍ୱାକ୍ଷର

ଗୋପାଳପୁର,୧୨।୧୨(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପାଲୁର ହିଲସ୍ଥିତ ନିଷ୍ଟ ଘରୋଇ ବିଶ୍ୱବିଦ୍ୟାଳୟ ସହ ବିଏସ୍‌ଏନ୍‌ଏଲ୍ ଇଣ୍ଡିଆ ଲିମିଟେଡର ଭର୍ଚୁଆଲ ମୋଡ୍‌ରେ ଗୁରୁବାର ଏମଓୟୁ ସ୍ୱାକ୍ଷର ହୋଇଛି। ବିଏସ୍‌ଏନ୍‌ଏଲ୍ ପକ୍ଷରୁ ନିଷ୍ଟ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ୪ଜି/୫ଜି ଓ ପରବର୍ତ୍ତୀ ଟେଲିକମ ନେଟୱର୍କକୁ ନେଇ ଅବଗତ କରାଯାଇଥିଲା। ନେଟୱାର୍କ ମଧ୍ୟରେ ପ୍ରଯୁକ୍ତି ପ୍ରୟୋଗକୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ପାଇଁ ସୁଗମ ରହିବ ବୋଲି କୁହାଯାଇଥିଲା। ବିଏସ୍‌ଏନ୍‌ଏଲର ବିଶାଖାପାଟଣାସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଇଣ୍ଟର୍ନସିପ୍ ପାଇଁ ସହାୟତା ପାଇବେ। ବିଏସ୍‌ଏନ୍‌ଏଲ୍ ଡିଜିଟାଲ ଟେଲିଫୋନି, ଇଣ୍ଟରନେଟ ଅଫ ଥିଙ୍ଗସ ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟରେ ରୋବୋଟିକ୍ସ ଉପରେ ଇନକ୍ୟୁବେସନ ସେଣ୍ଟର ସ୍ଥାପନ କରିବା ପାଇଁ ଆବଶ୍ୟକ ଉପକରଣ ମଧ ଯୋଗାଇ ଦେବ। ବୁଝାମଣା ପତ୍ରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଡିନ୍ ଏକାଡେମିକ୍ ଡ଼. ପି ରାଜେଶ କୁମାର ଏବଂ ବିଏସ୍‌ଏନ୍‌ଏଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ବିଶାଖାପାଟଣାସ୍ଥିତ ବିଏସ୍‌ଏନ୍‌ଏଲର ଇଟି ଡିଜିଏମ୍ ଏମ୍ ସତ୍ୟ ପ୍ରସାଦ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ପି. ପଲ୍ ବିଲିୟମ୍, ଜି. ଆଦାମ, ଏସ୍ ଶ୍ରୀନିବାସ ରାଓ, ପି ମୋହନ ରାଓ, ସିଏଚ୍ ଭାରା ପ୍ରସାଦ, ବି. ଶ୍ରୀନିବାସ, କେ. ଜେ. ରାଓ, ଏନ. ଶ୍ରୀଦେବୀ, ବି. ତିରୁପତି ନାଇଡୁ ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ଼.ବିଷ୍ଣୁକର ନାୟକ, ଇସିଇ ବିଭାଗୀୟ ମୁଖ୍ୟ ଡ. ରାଜେଶ ପାଇଯୋଶୀ ଓ ପ୍ରଫେସର ସ୍ୱାଧୀନ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ଅଧିକାରୀ।

# ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଲାସ୍ତରୀୟ ଯୁବ ମହୋତ୍ସବ

ଛତ୍ରପୁର, ୧୨।୧୨
(ଦିଲ୍ଲୀପ ସାମଲ/ ସନ୍ତୋଷ ପାଢ଼ୀ)

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗଞ୍ଜାମ ଜିଲା ପ୍ରଶାସନ ଓ ବ୍ରହ୍ମପୁର ନେହେରୁ ଯୁବ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଜିଲା ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇ ସଭାପତିତ୍ୱ କରିଥିଲେ। ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜର ଭବିଷ୍ୟତ ନିର୍ଦ୍ଧାରଣରେ ଯୁବପିଢ଼ୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଆନ୍ତି। ଏହି ଉତ୍ସବ ଜରିଆରେ ଆଗାମୀ ପିଢ଼ୀଙ୍କୁ ଲୋକକଳା, ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାର ପ୍ରୟାସ ହୋଇଥିବା ଅତିଥି ଭୋଇ ମତବ୍ୟକ୍ତ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥି।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅତିଥି ପରିଚୟ ଦେଇ ଉତ୍ସବ ପାଳନର ତାତ୍ପର୍ଯ୍ୟ ଓ ଏହା ଦ୍ୱାରା ଯୁବଶକ୍ତିର ଉତ୍ସାହ ଓ ଉଦ୍ଦୀପନାକୁ ବୃଦ୍ଧିକରିବା ଏହାର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ।

ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବ ଉତ୍ସବ ଯୁବକମାନେ ନିଜ ପ୍ରତିଭା ପ୍ରଦର୍ଶନର ଏକ ଭଲ ମଞ୍ଚ। ଏହା ଯୁବଶକ୍ତିକୁ ଜାଗ୍ରତ କରିବା ସହ ସମାଜକୁ କଳା ସଂସ୍କୃତି କ୍ଷେତ୍ରରେ ଆଗେଇ ନେବାରେ ସହାୟକ ହେଉଛି ବୋଲି କହିଥିଲେ। ଏହି ଅବସରରେ ଜିଲା ସ୍ତରରେ ଦଳଗତ ଲୋକନୃତ୍ୟ,ଏକକ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକ ସଙ୍ଗୀତ, ହିନ୍ଦୀ/ଇଂରାଜୀ ଭାଷାରେ ପଦ୍ୟ ଲିଖନ, ଗଳ୍ପ ଲିଖନ, ଔପଚାରିକ ବକ୍ତୃତା , ଚିତ୍ରକଳା, ବିଜ୍ଞାନ ମେଳା, ମୋବାଇଲ ଫଟୋଗ୍ରାଫ ଉପରେ ପ୍ରତିଯୋଗାତା ମାନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଚଳିତ ମାସ ୧୮ରୁ ୨୦ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପ ଭୁବନେଶ୍ୱରରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ। ସମାଜିକ କର୍ମୀ କେ. ଚନ୍ଦ୍ର ଶେଖର ରେଡ୍ଡୀ, ନେହେରୁ ଯୁବକେନ୍ଦ୍ର, ବ୍ରହ୍ମପୁରର ଜିଲା ଯୁବ ଅଧିକାରୀ ଅକ୍ଷୟ ଭାସ୍କର ନିପାଣେ, ସମସ୍ତ କର୍ମକର୍ତ୍ତା, ଖବରଦାତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖୁଚୁରା ମୁଦ୍ରାସ୍ଫୀତି ୫.୪୮%କୁ ହ୍ରାସ

**ଭୁବନେଶ୍ୱର,୧୨।୧୨(ଅନୁରାଧା ମହାରଣା)**



ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୨୧% ସ୍ତରରେ ଥିବାବେଳେ ନଭେମ୍ବରରେ ଏହା ୫.୪୮%କୁ ଖସିଆସିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ପ୍ରକାଶିତ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ତଥ୍ୟ ଅନୁଯାୟୀ, ନଭେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୯.୦୪%କୁ ହ୍ରାସ ପାଇଛି। ଅକ୍ଟୋବରରେ ଏହା ୧୦.୮୭% ଏବଂ ୨୦୨୩ ନଭେମ୍ବରରେ ୮.୭୦% ଥିଲା। ଏନ୍‌ଏସ୍‌ଓ ସୂଚନାନୁସାରେ, ୨୦୨୪ ନଭେମ୍ବରରେ ପନିପରିବା, ଡାଲି, ଚିନି ଏବଂ କନ୍‌ଫେକ୍ସନାରି, ଫଳ, ଅଣ୍ଡା, କ୍ଷୀର, ମସଲା, ପରିବହନ ଏବଂ ଯୋଗାଯୋଗ ତଥା ବ୍ୟକ୍ତିଗତ ଯତ୍ନ ଉତ୍ପାଦର ମୁଦ୍ରାସ୍ଫୀତିରେ ଉଲ୍ଲେଖନୀୟ ହ୍ରାସ ଘଟିଥିଲା । ୨୦୧୭ରେ ହାରାହାରି ୩.୬%ରୁ ସେପ୍ଟେମ୍ବରରେ ୫.୫% ଏବଂ ୨୦୨୪ ଅକ୍ଟୋବର ୬.୨ ପ୍ରତିଶତ ରହିଥିବାବେଳେ ୨୦୨୩ ସେପ୍ଟେମ୍ବର ପରଠାରୁ ଏହା ସର୍ବାଧିକ ଥିଲା। ଗତ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଆକଳନକୁ ୪.୫%ରୁ ୪.୮%କୁ ବୃଦ୍ଧି କରିଥିଲା। ଖାଦ୍ୟ ମୂଲ୍ୟ ଉପରେ ଚାପ ଯୋଗୁ ଡିସେମ୍ବର ତ୍ରୈମାସରେ ସାମଗ୍ରିକ ମୁଦ୍ରାସ୍ଫୀତି ଏକ ଉଚ୍ଚ ସ୍ତରରେ ରହିବା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପଟେ ଚଳିତ ବର୍ଷ ଅକ୍ଟୋବରରେ ଶିଳ୍ପ ଉତ୍ପାଦନର ଅଭିବୃଦ୍ଧି ୩.୫%କୁ ହ୍ରାସ ପାଇଛି। ଖଣି, ଶକ୍ତି ଏବଂ ଉତ୍ପାଦନ କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁ ଏହି ହ୍ରାସ ଦେଖିବାକୁ ମିଳିଛି। ଗୁରୁବାର ପ୍ରକାଶ ପାଇଥିବା ସରକାରୀ ଆକଳନଗୁଡ଼ିକରେ ଏହି ସୂଚନା ଦିଆଯାଇଛି। ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ (ଆଇଆଇପି) ଅନୁଯାୟୀ, କାରଖାନା ଉତ୍ପାଦନ ଗତ ବର୍ଷ ସମାନ ମାସରେ ୧୧.୯ ପ୍ରତିଶତ ହାରରେ ବୃଦ୍ଧି ପାଇଥିଲା । ଏକ ସରକାରୀ ବିବୃତିରେ କୁହାଯାଇଛି, ୨୦୨୪ ଅକ୍ଟୋବରରେ ଦେଶର ଶିଳ୍ପ ଉତ୍ପାଦନ ୩.୫% ବୃଦ୍ଧି ପାଇଛି। ୨୦୨୪ ଅକ୍ଟୋବରରେ ଉତ୍ପାଦନ କ୍ଷେତ୍ରର ଉତ୍ପାଦନ ୪.୧ ପ୍ରତିଶତ ବୃଦ୍ଧି ପାଇଛି। ୧ ବର୍ଷ ପୂର୍ବେ ସମାନ ମାସରେ ଏହା ୧୦.୬ % ବୃଦ୍ଧି ପାଇଥିଲା। ୨୦୨୪ ଅକ୍ଟୋବରରେ ଖଣି ଉତ୍ପାଦନ ୦.୯ ପ୍ରତିଶତ ଏବଂ ବିଦ୍ୟୁତ୍ ଉତ୍ପାଦନ ୨% ବୃଦ୍ଧି ପାଇଛି। ଏପ୍ରିଲ-ଅକ୍ଟୋବର ଅବଧିରେ, ଆଇଆଇପି ୪% ବୃଦ୍ଧି ପାଇଛି। ତେବେ ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଶିଳ୍ପ ଉତ୍ପାଦନ ୭% ବୃଦ୍ଧି ପାଇଥିଲା।

# ଖସିଲା ଶେୟାର ବଜାର

**ମୁମ୍ବାଇ,୧୨।୧୨**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୬ (୨୩୬.୧୮) ପଏଣ୍ଟ କମି ୮୧,୨୯୦ (୮୧,୨୮୯.୯୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୯୩(୯୩.୧୦) ପଏଣ୍ଟ ହ୍ରାସ ଘଟି ୨୪,୫୪୯ (୨୪,୫୪୮.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ବେଦାନ୍ତର ନୂତନ ଦକ୍ଷତା ତାଲିମ କେନ୍ଦ୍ର

**ଭୁବନେଶ୍ୱର,୧୨।୧୨**




ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନୂତନ ଦକ୍ଷତା ତାଲିମ କେନ୍ଦ୍ର 'ଭେଦକ୍ଷତା' ନିକଟରେ ସୁନ୍ଦରଗଡ ଜିଲାର ବିଲେଇମୁଣ୍ଡା ଗ୍ରାମଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସଦର ସୁନ୍ଦରଗଡର ଉପଜିଲାପାଳ ଦାଶରଥି ସାରାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦାନ୍ତ ଆଲୁମିନିୟମ, ସ୍କୁଲ ନେଟ ଇଣ୍ଡିଆ ଲିମିଟେଡ, ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ (ଏନଏସଡିସି) ଏବଂ ଲେର୍ନେଟ ସ୍କିଲ୍ସ ଲିମିଟେଡର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ଏହି ନୂତନ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ବଞ୍ଚିତ ଯୁବକମାନଙ୍କୁ ନିଯୁକ୍ତି ସହିତ ଜଡିତ ତାଲିମ ପ୍ରଦାନ କରିବା ସହିତ ସୁନ୍ଦରଗଡ ଜିଲାର ହେମଗିର ବ୍ଲକ ତଥା ଝାରସୁଗୁଡା ଜିଲାର ଲଖନପୁର ବ୍ଲକରୁ ଆଶାୟୀ ଯୁବକମାନଙ୍କୁ ତାଲିମ ଯୋଗାଇବ। ସେହିଭଳି ବେଦାନ୍ତ ଆଲୁମିନିୟମରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ପାଇଁ ୧୦୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ 'ଭେଦକ୍ଷତା' ସମ୍ପ୍ରଦାୟର ଏକ ଦୃଢ ପ୍ରତିକ୍ରିୟା ହାସଲ କରିସାରିଛି। ଏପରିକି ଦକ୍ଷତା ତାଲିମ କେନ୍ଦ୍ର ସମସାମୟିକ ଭିତ୍ତିଭୂମି ସହିତ ସଜ୍ଜିତ ହୋଇଛି, ଏଥିରେ ବହୁମୁଖୀ ହଲ୍, ଏକ ଡିଜିଟାଲ୍ ଟ୍ରେନିଂ ରୁମ୍, ବିଭିନ୍ନ ବାଣିଜ୍ୟ ପାଇଁ ତାଲିମ କକ୍ଷ ଏବଂ ଉଭୟ ବାଳକ ଓ ବାଳିକା ପାଇଁ ପୃଥକ ହଷ୍ଟେଲ ସୁବିଧା ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଯୁବକମାନଙ୍କ ଦକ୍ଷତା ବିକାଶ ଆମ ମିଶନର ମୂଳରେ ରହିଛି। ଯାହାକି ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ସୁଯୋଗକୁ ଦୃଢ କରିବ। ଏପରିକି 'ଭେଦକ୍ଷତା' କୌଶଳ ତାଲିମ କେନ୍ଦ୍ର ଆମର ଯୁବକମାନଙ୍କୁ ବଜାର ସମ୍ବନ୍ଧୀୟ ଦକ୍ଷତା ସହିତ ସଜାଇବା ଏବଂ ସେମାନଙ୍କୁ ସ୍ଥାୟୀ ରୋଜଗାରର ସୁଯୋଗ ହାତେଇବା ଉପରେ କାର୍ଯ୍ୟ କରୁଛି। ଯାହାକି ଏକ ପ୍ରତିଯୋଗିତାମୂଳକ ଦୁନିଆରେ ଉନ୍ନତି ଆଣିବା ପାଇଁ ଆମର ଦୃଢ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ବ୍ଲାକ୍‌ବେରିଜ୍‌ର ୱେଡିଂ କଲେକ୍ସନ

**ଭୁବନେଶ୍ୱର,୧୨।୧୨**




ଦେଶର ପ୍ରମୁଖ ତଥା ଅଗ୍ରଣୀ ମେନ୍ସ ୱେର ବ୍ରାଣ୍ଡ୍ 'ବ୍ଲାକ୍‌ବେରିଜ୍'ର ନୂତନ ୱେଡିଂ କଲେକ୍ସନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ କଲେକ୍ସନ ସହ ନ୍ୟୁ ୱେଡିଂ କ୍ୟାମ୍ପେନ 'ବିଙ୍ଗ୍ ରିଅଲ୍ ସୁଟ୍ସ ୟୁ'ର ଶୁଭାରମ୍ଭ କରାଯାଇଛି। ଗତ ୩ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ ପୁରୁଷମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ପ୍ରସ୍ତୁତ ସୁଟ୍, ବିବାହ ଏବଂ ଉତ୍ସବ ପୋଷାକ ଓ କାଜୁଆଲ୍ ପୋଷାକ ପିନ୍ଧିଥିବା ଭାରତର 'ଫିଟ୍ ଏକ୍ସପର୍ଟ' ବ୍ଲାକ୍‌ବେରିଜ୍‌ର ନୂତନ ୱେଡିଂ କଲେକ୍ସନ ସହିତ ଏହି ନୂଆ ଅଭିଯାନ ବଜାରରେ ଉପଲବ୍ଧ। ସେହିଭଳି ଆନୁଷ୍ଠାନିକ ଏବଂ କାଜୁଆଲ ପୋଷାକ ସହିତ ଯାହା ଆପଣଙ୍କୁ ପ୍ରିମିୟମ କପଡ଼ାରେ ଏକ ଜୀବନ୍ତ ଏବଂ ଆକର୍ଷଣୀୟ ରଙ୍ଗର ପ୍ୟାଲେଟ୍ ବ୍ୟବହାର କରି ପ୍ରସ୍ତୁତ ଏକ ତୀକ୍ଷ୍ଣ ଫିଟ୍ ସିଲୁଏଟ୍ ପ୍ରଦାନ କରିଥାଏ। ବିବାହ ସଂଗ୍ରହର ପ୍ରତ୍ୟେକ ପୋଷାକ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି, ଯାହା ଭାରତୀୟ ପୁରୁଷମାନଙ୍କୁ ଭିଡ଼ ମଧ୍ୟରେ ବୟାନ ଦେବାରେ ସକ୍ଷମ କରିଥାଏ। ବ୍ଲାକ୍‌ବେରିଜ୍‌ର ସହ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ନୀତିନ ମୋହନ କହିଛନ୍ତି, ଏକ ଅଗ୍ରଣୀ ମେନ୍ସ ୱେର ବ୍ରାଣ୍ଡ ଭାବେ ଆମେ ପ୍ରତ୍ୟେକ ନିଷ୍ପତ୍ତିରେ ଗ୍ରାହକଙ୍କୁ ପ୍ରାଥମିକତା ଦେଇଥାଉ। ଏପରିକି ଆମର ପ୍ରତିବଦ୍ଧତା ହେଉଛି, ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ଏବଂ ସେମାନଙ୍କ ଆଶାକୁ ଅତିକ୍ରମ କରିବା ପାଇଁ କ୍ରମାଗତ ଭାବେ ବିକଶିତ ହେବା। ଅପରପକ୍ଷରେ 'ବିଙ୍ଗ୍ ରିଅଲ୍ ସୁଟ୍ସ ୟୁ' ଅଭିଯାନ ମାଧ୍ୟମରେ ଆମେ ପ୍ରକୃତ ଆତ୍ମ-ଅଭିବ୍ୟକ୍ତି ପାଳନ କରିଥାଉ।

# ଆଇଆରଡିଏଆଇ ଅଭିଯାନରେ ଆଭିଭା ସାମିଲ

**ନୂଆଦିଲ୍ଲୀ,୧୨।୧୨**

ଆଭିଭା ଲାଇଫ୍ ଇନ୍ସ୍ୟୁରାନ୍ସ ଇଣ୍ଡିଆ ଗ୍ରାହକଙ୍କ ସୁସ୍ଥତା, ସ୍ୱଚ୍ଛତା ଏବଂ ଉପଲବ୍ଧତା ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତା ସହ ଜୀବନ ବୀମା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି। ଏପରିକି ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ)ର ନୂତନ ଅଭିଯାନ 'ସମସ୍ତଙ୍କ ପାଇଁ ବୀମା' କାର୍ଯ୍ୟକ୍ରମ ସହ ଯୋଡ଼ିହୋଇ ଆଭିଭା ଅଭିନବ ଉତ୍ପାଦ ଏବଂ ପଦକ୍ଷେପ ଆରମ୍ଭ କରିଛି, ଯାହା ଶିଳ୍ପରେ ଏକ ନୂତନ ମାନଦଣ୍ଡ ସ୍ଥାପିତ କରିଛି। ଆଭିଭାର ଆଭିମୁଖ୍ୟ ମୂଳରେ ୫ଟି ପ୍ରମୁଖ ସ୍ତମ୍ଭ ଯଥା ଶାରୀରିକ ଫିଟ୍‌ନେସ୍, ମାନସିକ ସୁସ୍ଥତା, ସକ୍ରିୟ ସ୍ୱାସ୍ଥ୍ୟ ଯାଞ୍ଚ, ସନ୍ତୁଳିତ ପୋଷଣ ଏବଂ ଆର୍ଥିକ ନିରାପତା ସାମିଲ ରହିଛି। ଏ ସମ୍ପର୍କରେ ଆଭିଭା ଇଣ୍ଡିଆର ସିଇଓ ଏବଂ ଏମ୍‌ଡି ଅସିତ ରଥ କହିଛନ୍ତ,ଏକ ଜୀବନ ବୀମା ପ୍ରଦାନକାରୀ ଭାବେ ଆମେ ବିଶ୍ୱାସକରୁ ଯେ ପ୍ରକୃତ ସୁରକ୍ଷା ଆର୍ଥିକ ସୁରକ୍ଷା ଅପେକ୍ଷା ଅଧିକ ହୋଇଥାଏ। ଏପରିକି ଏହା ଆମ ଗ୍ରାହକମାନଙ୍କୁ ସୁସ୍ଥ ଜୀବନ ଯାପନ ପାଇଁ ସଶକ୍ତ କରିବା ପାଇଁ ସେ ଆଶାବ୍ୟକ୍ତ କରିଛନ୍ତି। ଆମର ସୁସ୍ଥତା-କେନ୍ଦ୍ରିତ ଆଭିମୁଖ୍ୟ ଜୀବନ ବୀମାକୁ ସାମଗ୍ରିକ କଲ୍ୟାଣ ପାଇଁ ଏକ ସମ୍ବଳରେ ପରିଣତ କରିଥାଏ, ଯାହା ପାରମ୍ପରିକ ସୀମା ବାହାରେ ଆମ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଯାତ୍ରାକୁ ସମର୍ଥନ କରିଥାଏ।

# ୱଣ୍ଡର୍ଲା ଭୁବନେଶ୍ୱର ପାର୍କର ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୧୨।୧୨ (ଅଭୟ ଦାଶ)**




ୱଣ୍ଡର୍ଲା ହଲିଡେଜ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ବାର୍ଷିକ ଅଫର 'ଫେଷ୍ଟିଭ ଚିୟର୍ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଆକର୍ଷଣୀୟ ଅଫର ସହ ସ୍ୱତନ୍ତ୍ର ରିହାତିର ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ୱଣ୍ଡର୍ଲା ଭୁବନେଶ୍ୱର ପାର୍କରେ ମଧ୍ୟ ଉତ୍ସବ ଋତୁର ପାଳନ ସହିତ ଆକର୍ଷଣୀୟ ଖ୍ରୀଷ୍ଟମାସ୍ ରିହାତି ଏବଂ ଉନ୍ମାଦନାଭରା ଅବସର ପ୍ରାସଙ୍ଗିକ କାର୍ଯ୍ୟକ୍ରମର ସମସ୍ତ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେଉଛି। ଏପରିକି ଦର୍ଶକମାନେ ମଧ୍ୟ ସ୍ୱତନ୍ତ୍ର ଧରଣର ଖ୍ରୀଷ୍ଟମାସ୍ ଟିକେଟ ୬୭୯ଟଙ୍କାରେ ଉପଭୋଗ କରିବା ସହ ଖ୍ରୀଷ୍ଟମାସ୍ କମ୍ବୋ ଅଫର କେବଳ ୮୭୦ଟଙ୍କାରେ ପାଇପାରିବେ। ଏହା ମଧ୍ୟରେ ପାର୍କ ପ୍ରବେଶ, ଖାଦ୍ୟ ତଥା ଲକରର ସୁବିଧା ଆଦି ସାମିଲ ରହିଛି। ଏହି ସୀମିତ ଅବଧିର ସମୟସୀମା ୨୦୨୫ ଜାନୁୟାରୀ ୫ ପର୍ଯ୍ୟନ୍ତ ବୈଧ ରହିବା ସହ ଏହା କେବଳ ଅନ୍‌ଲାଇନ ବୁକିଂ ଜରିଆରେ ହୋଇପାରିବ ; ଯାହାକି ସମଗ୍ର ପାର୍କକୁ ଏହି ଋତୁର ଏକ ନିଶ୍ଚିତ ପରିଦର୍ଶନ ସ୍ଥଳ କରିପାରିଛି। ସେହିଭଳି ୱଣ୍ଡର୍ଲା ଭୁବନେଶ୍ୱର କ୍ରମାନ୍ୱୟରେ ଅନେକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରିଛି। ଏପରିକି ଏହାକୁ କାର୍ଯ୍ୟକାରୀ କରିବାର ଯୋଜନା ମଧ୍ୟରେ ସଙ୍ଗୀତର ସିଧା ପ୍ରସାରଣ, ପରେଡ୍, ନୃତ୍ୟ ଅଭିନୟ,ଡିଜେ ପ୍ରଦର୍ଶନ ତଥା ଆହୁରି ଅନେକ କିଛି ସାମିଲ ରହିଛି। ଏହି ଋତୁର ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟରେ ୱଣ୍ଡର କୋନ୍, ଏକ ଖ୍ରୀଷ୍ଟମାସ କସ୍‌ପ୍ଲେ ପ୍ରତିଯୋଗିତା ମଧ୍ୟ ସାମିଲ ରହିଛି, ଯାହାକି ଓଡ଼ିଶାର ସର୍ବପ୍ରଥମ ପପ୍-ସଂସ୍କୃତି କାର୍ଯ୍ୟକ୍ରମର ଏକ ବାହ୍ୟ ଦୃଶ୍ୟପଟ ପାଲଟିବ। ସେଥିପାଇଁ ୨୫,୦୦୦ ଟଙ୍କାର ଏକ ନଗଦ ପୁରସ୍କାର ରାଶି ରଖାଯାଇଛି,ଯାହା ୨୦୨୪ ଡିସେମ୍ବର ୨୧ରୁ ଆରମ୍ଭ ହେବାକୁ ଯାଉଛି। ଏହି ରୋମାଞ୍ଚକର ସିଧା ଡିଜେ ବ୍ୟବସ୍ଥା ସହ କୌତୂହଳିଆ ପରେଡ୍ ପର୍ଯ୍ୟନ୍ତ, ପାର୍କର ପରିସର ସବୁ ବର୍ଗ ଓ ବୟସର ଲୋକମାନଙ୍କୁ ନେଇ ଆମୋଦପ୍ରମୋଦର ପୂର୍ଣ୍ଣତା ସହିତ ଉତ୍ସବମୁଖର ପରିବେଶର ଦୃଢ଼ତା ଦର୍ଶକମାନଙ୍କ ପାଇଁ ରଖିଛି। ସେହିପରି ଉପରୋକ୍ତ ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ ନେଇ ପୂରା ୧ମାସର ସମୟ ଅବଧି ପର୍ଯ୍ୟନ୍ତ ଏହା ଦର୍ଶକମାନଙ୍କ ପାଇଁ ଆମୋଦପ୍ରମୋଦକୁ ସୁନିଶ୍ଚିତ କରିବାରେ ସମସ୍ତ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟ ସୂଚୀରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ସାମିଲ କରାଯାଇଥିବାବେଳେ ଏହା ଆସନ୍ତା ଡିସେମ୍ବର ୨୫ରୁ ଜାନୁଆରୀ ୫ପର୍ଯ୍ୟନ୍ତ ଜାରି ରହିବ। ଯେଉଁଥିରେ ବିଶେଷ ଭାବେ ନୂଆ ବର୍ଷ ଅବ୍ୟବହିତ ପୂର୍ବ ରାତ୍ରି ବା ଜିରୋନାଇଟ୍ କାର୍ଯ୍ୟକ୍ରମକୁ ମଧ୍ୟ ସାମିଲ କରାଯାଇଛି। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ଏମ୍‌ଡି ଅରୁଣ କେ.ଚିଟିଲାପିଲ୍ଲି କହିଥିଲେ, ଅତ୍ୟନ୍ତ ଉତ୍ସୁକତାର ସହ ଆମେ ଆମର ବନ୍ଧୁମାନଙ୍କୁ ୱଣ୍ଡର୍ଲା ଭୁବନେଶ୍ୱର ପାର୍କରେ ଏହି ଆକର୍ଷଣୀୟ ବିଶେଷ ଅଫର ପ୍ରଦାନ କରିବା ପାଇଁ ଆବେଗର ସହିତ ଚାହିଁ ରହିଛୁ।

# ହଲିଡେ ଟଏ ସେଲ୍‌ର ୮ମ ସଂସ୍କରଣ

**ନୂଆଦିଲ୍ଲୀ,୧୨।୧୨**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ହଲିଡେ ଟଏ ସେଲ୍ (ଲିଷ୍ଟ)ର ୮ମ ସଂସ୍କରଣର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୪ ଡିସେମ୍ବର ୨୪ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଆନନ୍ଦିତ କରିବ। ଏପରିକି ସୁଚିନ୍ତିତ ଭାବେ ପ୍ରସ୍ତୁତ ହୋଇଥିବା ଏହି ସେଲ୍ (ଷ୍ଟୋର)ରେ ଲେଗୋ, ହଟ୍ ହ୍ୱିଲ୍ସ, ନେର୍ଫ୍, ହାସବ୍ରୋ, ସ୍କିଲମାଟିକ୍ସ, ବାର୍ବି ଆଦି ଖେଳନା ଓ ଖେଳର ୧୦,୦୦୦ ରୁ ଅଧିକ ବ୍ରାଣ୍ଡ ୧.୬ ନିୟୁତରୁ ଅଧିକ ଉତ୍ପାଦର ବିସ୍ତୃତ ଚୟନ ଦେଖିବାକୁ ମିଳିଛି। ଏଥିରେ ଗ୍ରାହକମାନେ ଏଚ୍‌ଡିଏଫ୍‌ସି, ଆଇଡିଏଫ୍‌ସି, ଫେଡେରାଲ, ବ୍ୟାଙ୍କ ଅଫ ବରୋଦା, ସାଉଥ ଇଣ୍ଡିଆନ୍ ବ୍ୟାଙ୍କ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ସହିତ ଏବଂ ଏସ୍‌ବିଆଇ ଓ ଆଇସିଆଇସିଆଇ ଆମାଜନ ପେ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡରେ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ। ସେହିଭଳି ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ଶପିଂ କରୁଥିବା ଗ୍ରାହକଙ୍କୁ ଅନ୍‌ଲିମିଟେଡ୍ ୫% (ପ୍ରାଇମ ଗ୍ରାହକ) ଏବଂ ୩% (ନନ୍-ପ୍ରାଇମ ମେମ୍ବର) କ୍ୟାଶବ୍ୟାକ୍ ସହିତ ଆକର୍ଷଣୀୟ ପୁରସ୍କାର ମଧ୍ୟ ମିଳୁଛି। ଏହାବ୍ୟତୀତ ଯୋଗ୍ୟ ଗ୍ରାହକମାନେ ଆମାଜନ ପେ ଲ୍ୟାଟରରେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇପାରିବେ। ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ପୁସ୍ତକ, ଖେଳନା ଓ ଗେମ୍ ନିର୍ଦ୍ଦେଶକ ରାଜର୍ଷି ଗୁଇନ୍ କହିଛନ୍ତି, ଆମାଜନ୍.ଇନ୍ ହଲିଡେ ଟଏ ସେଲ୍ (ଲିଷ୍ଟ)ର ୮ମ ସଂସ୍କରଣର ଆନୁଷ୍ଠାନିକ ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବୋର୍ଡ ଗେମ୍‌ଠାରୁ ଆରମ୍ଭକରି ସୃଜନଶୀଳ କାରିଗରି ଏବଂ ଷ୍ଟେମ୍ କାର୍ଯ୍ୟକଳାପ ପର୍ଯ୍ୟନ୍ତ, ଆମର ଚିନ୍ତାଶୀଳ ଚୟନ ନିଶ୍ଚିତ ଭାବେ ଉଭୟ ପିଲା ଏବଂ ବୟସ୍କମାନଙ୍କୁ ଆନନ୍ଦିତ କରିବ। ସେହିପରି ଆମର ବ୍ରାଣ୍ଡ ପାର୍ଟନରମାନେ ଉଚ୍ଚ ଗୁଣବତ୍ତା ଖେଳନା ଏବଂ ଖେଳଗୁଡ଼ିକର ଏକ ବିସ୍ତୃତ ଚୟନ ପ୍ରଦାନ କରିଥାନ୍ତି।


# Classified Everyday
0674-2580101, 9692975378




**SALE**

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351,9853807892, 9861117460. D-75585

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-2244




Newly open full body massage relax with new lady therapist. 7750040475. D-76176

Newly open health benefits spa special offer @799, Bapujinagar. 8018429809. D-76178




ଓଡ଼ିଶା ପରିବହନର ସୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

**AFFIDAVIT**

I, Mohammed Shahina Begum, W/o Sekh Safiullah, R/o Ward No.14, Kantabanji, Ashram Para, P.O./P.S.- Kantabanji, Dist.- Balangir, Odisha-767039, declared that the name of my husband has been wrongly written as Sahfiullah Sekh in my Passport. The correct name of my husband is Sekh Safiullah vide affidavit number 2190 Dated 05.12.2024. D-2241

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଟାଙ୍ଗୀ, ଖୋର୍ଦ୍ଧା (ଆଫିଡାଭିଟ୍ ନଂ.୪୧/ତା୦୯।୦୧।୨୦୨୩)ଙ୍କ ପାଖରେ ଶପଥ କରୁଅଛି କି ମୁଁ ସୁରେନ୍ଦ୍ର ବେହେରା (୪୨), ପି.- ଭରତ ବେହେରା, ଗ୍ରା.- ଅଚ୍ୟୁତପୁରପାଟଣା, ପୋ.- ଅଚ୍ୟୁତପୁର, ଥା.- ଜଙ୍କିଆ, ଜି.- ଖୋର୍ଦ୍ଧା, ମୋର ଆଗ ନାମକୁ ବଦଳାଇ କାର୍ତ୍ତିକ ବେହେରା କରିଅଛି, ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୨୨୪୫

By virtue of an affidavit before Executive Magistrate, Kendrapara, on Dt.11.12.2024. I, Rili Sethi, age 55 year, W/o- Nityananda Sethi, Resident of Village- Purusottampur, P.O.- Purusottampur, P.S.- Kendrapara Sadar, Dist.- Kendrapara, PIN-754223, affirm that my actual and correct name was changed from JILUPRAVA SETHI to RILI SETHI. Henceforth, I am known as RILI SETHI in all places. D-2243

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**୰ ଧ୍ରୁବଚରଣ ମହାନ୍ତି**
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ : ତା ୦୩.୦୬.୧୯୨୩
ତିରୋଧାନ : ତା ୦୭.୧୨.୨୦୧୧
ଆଜିର ଶ୍ରାଦ୍ଧ ଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି, ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର - ପୁଅ ମୁନ୍ନା, ବୋହୂ ରିନି, ଝିଅ ରୁନି, ରୁଚି ଓ ରେବା, ଜ୍ୱାଇଁ ଗଗନ, ଅନିମେଷ ଓ ସୁବ୍ରତ, ନାତୁଣୀ ଓ ନାତି : ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍
D-2204

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୌରୀ ମିଶ୍ର**
ଆବିର୍ଭାବ: ୦୮/୦୨/୧୯୨୯
ତିରୋଧାନ: ୦୨/୧୨/୨୦୨୪
ମିଶ୍ର ସାହି, ପୁରୁଣା ଭୁବନେଶ୍ୱର-୨
ଲିଭିଗଲା ତୁମ ପରାଣ ପ୍ରଦୀପ ସରିଗଲା ତୁମ ଆୟୁ, ସବୁକିଛି ଆମେ ହରାଇ ବସିଲୁ ଫେରିବନି ତୁମେ କେବେ ବି ଆଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ଝିଅ, ଜ୍ୱାଇଁ, ନାତି ଓ ନାତୁଣୀବୋହୂ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୫୮୬

See Career Appointment on every Wednesday & Saturday

**LEGAL NOTICE**

**IN THE COURT OF TAHASILDAR, PURI**
**MUTATION REVIEW NO.-127 OF 2023**

Odisha Trading Company ... ... Petitioner

Vrs

Harapriya Senapati ... ... Opposite Party

It is hereby informed that one Harapriya Senapati, W/o Mahendra Senapati, resident of Village- Kashiharipur, P.O.- Gopinathpur, P.S.- Puri Sadar, Dist.- Puri, Odisha has been impleaded as an opposite party to the Mutation Review Case No.-127 of 2023 arising out of Mutation Appeal Case No.-18 of 2022. It is hereby informed vide this Public Notice that "despite several attempts from the side of Court of Tahasildar, Puri and despite several attempts made for service of show cause from the side of Hon'ble Court and the Petitioner Odisha Trading Company represented through Arshad Hussain, upon Harapriya Senapati, the same could not be sufficiently served upon you. Harapriya Senapati because of your intentional disappearance and absence from your original place of residence. Hence it is hereby informed to Mrs. Harapriya Senapati that the aforementioned Mutation Review No.- 127 of 2023 is posted for your appearance to dt.24.12.2024 and filing of show cause if any, and in case you do not appear in the case on the date fixed even after publication of this Notice, then the matter would be heard setting you ex-parte in the case.

**Sd./- Tahasildar, Puri**
D-2242

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଜଧାନୀରେ ଅନ୍‌ଲାଇନ୍ ଗେମିଂ ଠକେଇ ର୍ୟାକେଟ

## ଦୁବାଇକୁ ଲମ୍ବିଛି ଚେର, ୪ ଅଣଓଡ଼ିଆ ଯୁବକ ଧରାପଡିଲେ

ଭୁବନେଶ୍ୱର,୧୨।୧୨(ସୂର୍ଯ୍ୟକାନ୍ତ ବେହେରା)



ଜବତ ସାମଗ୍ରୀ।



ଗିରଫ ୪ ଅଭିଯୁକ୍ତ

■ସୁନ୍ଦରପଦାର ଏକ ଆପାର୍ଟମେଣ୍ଟରେ ଆଡ୍ଡା ଜମାଇଥିଲେ

■ମୋବାଇଲ, ସିମ୍‌କାର୍ଡ, ଲାପ୍‌ଟପ, ପାସ୍‌ପୋର୍ଟ, ବିଦେଶୀ ମୁଦ୍ରା ଜବତ

ରାଜଧାନୀ ଭୁବନେଶ୍ୱରରେ ବାହାର ରାଜ୍ୟର ଯୁବକ ଚଳେଇଥିଲେ ଠକେଇ ର୍ୟାକେଟ। ଫେକ୍ ଅନ୍‌ଲାଇନ ଗେମିଂ ଆପ୍‌ରେ ଯୁବପିଢ଼ିଙ୍କୁ ପ୍ରଲୋଭିତ କରି ଠକି ନେଉଥିଲେ ବିପୁଳ ଟଙ୍କା। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୋତଣ୍ଡାସ୍ଥିତ ପ୍ରେଷ୍ଟିଜ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.୬୦୨ରେ ଚାଲିଥିବା ଏହି ଠକେଇ ର୍ୟାକେଟ ଉପରେ କମିଶନରେଟ ପୋଲିସ ସ୍ପେଶାଲ ସ୍କ୍ୱାଡ୍, ସାଇବର କ୍ରାଇମ ୟୁନିଟ୍ ଓ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ଗୁରୁବାର ଚଢ଼ାଉ କରି ୪ ଅଣଓଡ଼ିଆ ଯୁବକଙ୍କୁ ଧରିବା ପରେ ଘଟଣା ପଦାକୁ ଆସିଛି। ଧରାପଡ଼ିଥିବା ଯୁବକଙ୍କ ମଧ୍ୟରେ ୨ ଜଣ ଦିଲ୍ଲୀର ହୋଇଥିବାବେଳେ ଜଣେ ହାଇଦ୍ରାବାଦର ଏବଂ ଅନ୍ୟ ଜଣଙ୍କ ଘର ଗୁଜରାଟରେ ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ସିମ୍‌କାର୍ଡ, ୨୦ ମୋବାଇଲ, ୨ କମ୍ପ୍ୟୁଟର, ଗୋଟିଏ ଲାପ୍‌ଟପ୍, ସିସିଟିଭି କ୍ୟାମେରା, ୩ ପାସ୍‌ପୋର୍ଟ, ଇଣ୍ଟରନେଟ ଉପକରଣ, ୧୮ ହଜାର ଟଙ୍କା ସହ ବିଦେଶୀ ମୁଦ୍ରା ଜବତ କରାଯାଇଥିବା ଡିସିପି ମିଶ୍ର କହିଛନ୍ତି। ବିଶେଷକରି ଏହି ଯୁବକମାନେ ଚାଇନିଜ୍ ଗେମିଂ ୱେବ୍‌ସାଇଟ୍ 'ୱିନ୍‌ବଜ୍‌୩୬୫' ମାଧ୍ୟମରେ ଏହି ଠକେଇ ର୍ୟାକେଟ ଚଳାଇଥିଲେ। ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ ଜରିଆରେ ଲିଙ୍କ୍ ପଠାଇ ଯୁବପିଢ଼ିଙ୍କୁ ପ୍ରଲୋଭିତ କରୁଥିଲେ। ଅଂଶଗ୍ରହଣକାରୀଙ୍କୁ ଅଭିଯୁକ୍ତମାନେ ୟୁପିଆଇ ମାଧ୍ୟମରେ କ୍ୟୁଆର୍ କୋଡ୍ ଦ୍ୱାରା ଟଙ୍କା ଜମା କରିବାକୁ କହୁଥିଲେ। ଅଂଶଗ୍ରହଣକାରୀ ଟଙ୍କା ଦେବା ପରେ ଅଭିଯୁକ୍ତମାନେ ସେମାନଙ୍କ ଆକାଉଣ୍ଟକୁ ସିଜ୍ କରି ଚତୁରତାର ସହ ଟଙ୍କା ନେଇଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସେହିପରି ଏହି ର୍ୟାକେଟର ୪ ନୁହେଁ, ଏକାଧିକ ବ୍ୟକ୍ତି ସମ୍ପୃକ୍ତ ରହିଥିବା ଜଣାପଡ଼ିଛି। ଏହାସହ ଦିଲ୍ଲୀରେ ଏକ ଶାଖା ଓ ଦୁବାଇରେ ମୁଖ୍ୟ ଅଫିସ ରହିଥିବା ପୋଲିସ ଜାଣିବାକୁ ପାଇଛି। ତେବେ କେତେଜଣଙ୍କଠାରୁ କେତେ ଟଙ୍କା ଠକିଛନ୍ତି, ତାହାର ଠିକ୍ ତଥ୍ୟ ଜାଣିବାକୁ ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ସହ ସେମାନେ ରହୁଥିବା ଉକ୍ତ ଫ୍ଲାଟକୁ ସିଲ୍ କରି ଅଧିକ ତଦନ୍ତ ଚଳାଇଛି ।

### ପୋଲିସକୁ ସୂଚନା ଦେଇଥିଲେ ଆପାର୍ଟମେଣ୍ଟ ବାସିନ୍ଦା

ଅଭିଯୁକ୍ତମାନେ ଗତ ୬ମାସ ତଳେ ଉକ୍ତ ଫ୍ଲାଟ୍‌କୁ ଭଡ଼ାରେ ନେଇ ରହୁଥିଲେ। ସେମାନେ ପ୍ରାୟତଃ ଘର ଭିତରେ ରହିଥା'ନ୍ତି। କାହା ସହ କଥାବାର୍ତ୍ତା କରିନ୍ତି ନାହିଁ କି ଘର ଭିତରେ କାହାକୁ ପ୍ରବେଶ କରାଇ ଦେଇ ନ ଥା'ନ୍ତି। ଆପାର୍ଟମେଣ୍ଟର କୌଣସି ବାସିନ୍ଦା ପଚାରିଲେ ସେମାନେ କୁହନ୍ତି, ଅନ୍‌ଲାଇନରେ ଏକ କମ୍ପାନୀ ପାଇଁ କାମ କରାଯାଉଛି। ପୁଣି କେତେବେଳେ ଅନ୍‌ଲାଇନ୍ ଜରିଆରେ ଗ୍ରସେରୀ ଓ ଅନ୍ୟାନ୍ୟ ସାମଗ୍ରୀ ବିତରଣ କରୁଥିବା କହିଥା'ନ୍ତି। ତେବେ ଯୁବକମାନଙ୍କ କଥାବାର୍ତ୍ତା ଓ ଚାଲିଚଳନରେ ସନ୍ଦେହ ହେବାରୁ ଆପାର୍ଟମେଣ୍ଟ ବାସିନ୍ଦା ଏନେଇ ପୋଲିସକୁ ଜଣାଇଥିଲେ। ସାଇବର କ୍ରାଇମ୍ ୟୁନିଟ୍, ସ୍ପେଶାଲ ସ୍କ୍ୱାଡ୍ ଓ ଡିସିପି ନିଜେ ଗୁରୁବାର ଅଚାନକ ଚଢ଼ାଉ କରି ୪ ଜଣ ଯୁବକଙ୍କୁ କାବୁ କରିଥିଲେ।

# ଜିଜିଏମ୍ ଚଞ୍ଚଳ ମୁଖାର୍ଜୀଙ୍କ ବେନାମି ଟ୍ରାଞ୍ଜାକ୍ସନର ସୁରାକ ପାଇଲା ସିବିଆଇ

ଭୁବନେଶ୍ୱର,୧୨।୧୨
(ସୂର୍ଯ୍ୟକାନ୍ତ ବେହେରା)

**ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣା**

**ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ୩ ଅଭିଯୁକ୍ତ**

ଟେଣ୍ଡର ହାତେଇବା ପାଇଁ ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଏକ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ ସିବିଆଇ ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ଗିରଫ ହୋଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥି ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ୨ୟ ଥର ପାଇଁ ୫ ଦିନିଆ ରିମାଣ୍ଡରେ ନେଇ ଘନଘନ ଜେରା କରୁଛି। ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡର ପ୍ରଥମ ଦିନରେ ବେନାମୀ ଟ୍ରାଞ୍ଜାକ୍‌ଶନର ସୁରାକ ମିଳିବା ପରେ (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀଙ୍କୁ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ବ୍ୟାଙ୍କକୁ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ସାମ୍ନାରେ ସିବିଆଇ ପଚରାଉଚରା କରିଛି। ଅନ୍ୟପଟେ ବେନାମୀ ସଂପତ୍ତିର ଉସ୍ତ ପାଇବାକୁ ଆୟକର ବିଭାଗ ପରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ର ସହାୟତା ଲୋଡ଼ିଛି ସିବିଆଇ। ସୂଚନାଯୋଗ୍ୟ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ସନ୍ତୋଷ ଗତ ଶୁକ୍ରବାର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ଅଫିସରେ ଭେଟିଥିଲେ। ଜିଜିଏମ୍ ସେଠାରେ ତାଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଲାଞ୍ଚ ଟଙ୍କାକୁ ଠିକାସଂସ୍ଥାର ଭବିଷ୍ୟତ ବିଲ୍‌ରେ ଆଡ୍‌ଜଷ୍ଟ କରିଦେବେ ବୋଲି ଜିଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦେବଦତ୍ତଙ୍କ ଜରିଆରେ ଏହି ଟଙ୍କା ନେବା ପାଇଁ ଯୋଜନା ହୋଇଥିଲା। ଶନିବାର ରାତିରେ ସ୍ଥାନୀୟ ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିବା ବେଳେ ସିବିଆଇ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜୁନିୟର ଆକାଉଣ୍ଟ ଆସିଷ୍ଟାଣ୍ଟଙ୍କ ନାଁରେ ମାମଲା

ଦେବଗଡ଼,୧୨।୧୨(ଶଶାଙ୍କ ଶେଖର ଝାଙ୍କର)

**ଓଡ଼ିଶା କୃଷି ଶିଳ୍ପ ନିଗମ ଆକାଉଣ୍ଟରୁ ୧୫ ଲକ୍ଷ ଟଙ୍କା ହଡ଼ପ**

ଦେବଗଡ଼ସ୍ଥିତ ଓଡ଼ିଶା କୃଷି ଶିଳ୍ପ ନିଗମ(ଓଏଆଇସି)ର ଜୁନିୟର ଆକାଉଣ୍ଟ ଆସିଷ୍ଟାଣ୍ଟ ଗୌରୀଶଙ୍କର ବେହେରା ଓଏଆଇସିର ଆକାଉଣ୍ଟରୁ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଓଏଆଇସିର ଜିଲା ପରିଚାଳକ ଦେବଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଜୁନିୟର ଆକାଉଣ୍ଟ ଆସିଷ୍ଟାଣ୍ଟ ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଓଡ଼ିଶା କୃଷି ଶିଳ୍ପ ନିଗମର ଜିଲା ପରିଚାଳକଙ୍କ ଅଭିଯୋଗ ଅନୁଯାୟୀ ଜୁନିୟର ଆକାଉଣ୍ଟ ଆସିଷ୍ଟାଣ୍ଟ ବେହେରା ଗତ ନଭେମ୍ବର ୨୦ରେ ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ନିଗମର ଆକାଉଣ୍ଟରୁ ନିଜର ବ୍ୟକ୍ତିଗତ ଆକାଉଣ୍ଟକୁ ୭ ଲକ୍ଷ ୪୯ ହଜାର ୧୮୬ ଟଙ୍କା ଟ୍ରାନ୍ସଫର କରିଥିଲେ। ଅନୁରୂପ ଭାବେ ଗତ ୧୦ ତାରିଖରେ ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ବେହେରା ୬ ଲକ୍ଷ ୭୩ ହଜାର ୧୦୧ ଟଙ୍କା ଟ୍ରାନ୍ସଫର କରିଥିଲେ। ପରେ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ଏହି ଟଙ୍କା ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଅର୍ଥାତ୍ ବେହେରା ୨ଟି ପର୍ଯ୍ୟାୟରେ ଜିଲା ପରିଚାଳକଙ୍କ ବିନା ଦସ୍ତଖତରେ ନିଗମର ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୧୪ ଲକ୍ଷ ୨୨ ହଜାର ୨୮୭ ଟଙ୍କା ଟ୍ରାନ୍ସଫର କରିଥିଲେ। ଏକଥା ଜଣାପଡିବା ପରେ ଓଏଆଇସି ଜିଲା ପରିଚାଳକ ଦେବଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଜୁନିୟର ଆକାଉଣ୍ଟ ଆସିଷ୍ଟାଣ୍ଟ ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ହଷ୍ଟେଲରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

ବଲାଙ୍ଗୀର,୧୨।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ଜେଆଇଟିଏମ୍ କଲେଜ**

**କଲେଜ ଷ୍ଟାଫ୍‌ଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ବାପା**

ବଲାଙ୍ଗୀର ଜେଆଇଟିଏମ୍ କଲେଜ ହଷ୍ଟେଲରୁ ଗୁରୁବାର ଜଣେ ଯୁକ୍ତ ୨ ସିବିଏସ୍‌ଇ କଳା ବିଭାଗ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଛାତ୍ରୀ ହେଲେ ଡୁରେକେଲା ନିବାସୀ ପ୍ରେମରାଜ ପାଣିଗ୍ରାହୀଙ୍କ ଝିଅ ପ୍ରତ୍ୟାଶା ପାଣିଗ୍ରାହୀ (୧୭) । ଛାତ୍ରୀ ଜଣକ ବେକରେ ଗାମୁଛା ବାନ୍ଧି ହଷ୍ଟେଲ ଝରକାରେ ଝୁଲି ପଡ଼ିଥିଲେ ବୋଲି କୁହାଯାଇଛି। ତେବେ କଲେଜ କର୍ତ୍ତୃପକ୍ଷଙ୍କ ମାନସିକ ନିର୍ଯାତନା କାରଣରୁ ଝିଅ ଆତ୍ମହତ୍ୟା କରିଥାଇପାରେ ବୋଲି ପ୍ରେମରାଜ ଅଭିଯୋଗ କରିଛନ୍ତି।

ପ୍ରେମରାଜ ଗଣମାଧ୍ୟମକୁ କହିଛନ୍ତି, ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୧ ସମୟରେ ଜେଆଇଟିଏମ୍ କଲେଜ ଅଧ୍ୟକ୍ଷ ତାଙ୍କୁ ଫୋନ୍‌କରି ତାଙ୍କ ଝିଅ ହଷ୍ଟେଲ ରୁମ୍ ଭିତର ପଟୁ କବାଟ ବନ୍ଦ କରିଦେଇ ଖୋଲୁ ନ ଥିବା କହି ତୁରନ୍ତ ବଲାଙ୍ଗୀର ଆସିବାକୁ କହିଥିଲେ। ଏକ ଗାଡ଼ିରେ ସେ ଓ ତାଙ୍କ ସ୍ତ୍ରୀ ଡୁରେକେଲାରୁ ବଲାଙ୍ଗୀର ଅଭିମୁଖେ ଆସିବା ବେଳକୁ ଝିଅକୁ ହଷ୍ଟେଲ ରୁମ୍‌ରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ଗୁରୁବାର ଝିଅ ହଷ୍ଟେଲରୁ କଲେଜକୁ ପାଠ ପଢ଼ିବାକୁ ଯାଇ ନ ଥିଲେ। ଏନେଇ ହଷ୍ଟେଲ ୱାର୍ଡେନ୍ କି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇ ନ ଥିବା ସେ କହିଛନ୍ତି। ହଷ୍ଟେଲ ରୁମ୍‌ରେ ପ୍ରତ୍ୟାଶାଙ୍କ ସହ ଅନ୍ୟ ୨ ଜଣ ଝିଅ ରହୁଥିଲେ। ସେମାନେ କଲେଜ ଯାଇଥିଲେ। ଅପରାହ୍ନ ପ୍ରାୟ ୧ ବେଳେ ଛାତ୍ରୀ ଜଣକ ଖାଇବାକୁ ନ ଆସିବାରୁ ୱାର୍ଡେନ୍ କୁଆଡ଼େ ତାଙ୍କୁ ଡାକିବା ପାଇଁ ଯିବାରୁ ଭିତର ପଟୁ ହଷ୍ଟେଲ ରୁମ୍ ବନ୍ଦ ଥିବା ଦେଖିଥିଲେ। ଯେତେ ଡାକିଲେ ମଧ୍ୟ କବାଟ ନ ଖୋଲିବାରୁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ପରେ କଲେଜ କର୍ତ୍ତୃପକ୍ଷ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଆସି ପହଞ୍ଚିବା ପରେ ରୁମ୍ ଖୋଲାଯାଇ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ପ୍ରେମରାଜ କହିଛନ୍ତି, ୨ଦିନ ପୂର୍ବରୁ କଲେଜ ହଷ୍ଟେଲରେ ଅନ୍ୟ ଜଣେ ଛାତ୍ରୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଉକ୍ତ ଜନ୍ମଦିନ ପାଳନ ଫଟୋକୁ କୁଆଡ଼େ ପ୍ରତ୍ୟାଶା ତାଙ୍କ ମୋବାଇଲରୁ ସୋସିଆଲ ମିଡିଆରେ ଛାଡ଼ି ଦେଇଥିଲେ। ଏହି କଥାକୁ ନେଇ କଲେଜ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରୀଙ୍କୁ ଗାଳିକରିବା ସହ ମୋବାଇଲ ଫୋନ୍ ନେଇଯାଇଥିଲେ। ଏଭଳି ମାନସିକ ନିର୍ଯାତନା ଦିଆଯିବାରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରେମରାଜ କହିଛନ୍ତି। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କୁ ଏନେଇ ପଚାରିବାରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ହଷ୍ଟେଲ ରୁମ୍‌ରୁ ଜବତ କରାଯାଇଛି। ପ୍ରାରମ୍ଭିକ ତଦନ୍ତରୁ ଆତ୍ମହତ୍ୟା ଅନୁମାନ କରାଯାଉଛି। ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। କଲେଜ ଅଧ୍ୟକ୍ଷ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି ଓ ପରେ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

# ବଙ୍ଗୀୟ ମିସ୍ତ୍ରିଙ୍କୁ ଅନ୍ତଃବସ୍ତ୍ର ପିନ୍ଧାଇ ରାସ୍ତାରେ ଚଲାଇଲେ



ସୁନ୍ଦରଗଡ଼,୧୨।୧୨(ଜୟ ନାରାୟଣ ମେଣ୍ଡୁଲି)

■ମହିଳାଙ୍କୁ ଅସଦାଚରଣ ଅଭିଯୋଗ

■ଥାନାରେ ପୃଥକ୍ ମାମଲା ରୁଜୁ

ସୁନ୍ଦରଗଡ଼ ସହରରେ ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗୁରୁବାର ସକାଳେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ୮ଜଣ ବଙ୍ଗୀୟ ମିସ୍ତ୍ରିଙ୍କୁ ଅନ୍ତଃବସ୍ତ୍ର ପିନ୍ଧାଇ, ହାତ ବାନ୍ଧି ଚଲାଇ ଚଲାଇ ଥାନାରେ ଆଣି ପୋଲିସ ଜିମା ଦେଇଛନ୍ତି। ଏନେଇ ପୋଲିସ ୨ଟି ପୃଥକ୍ ମାମଲା ରୁଜୁ କରିଛି।
ମିଳିଥିବା ସୂଚନା ଅନୁସାରେ, ସୁନ୍ଦରଗଡ଼ ସହର ମିଶନ ରୋଡ୍‌ରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳରୁ ଆସି ମିସ୍ତ୍ରିମାନେ ରହୁଥିଲେ। ସେଠାରେ ଏକ ଘରେ ଜଣେ ମହିଳା ଗାଧୋଉଥିବା ବେଳେ ଏହି ଶ୍ରମିକଙ୍କ ମଧ୍ୟରୁ ଜଣେ ଯୁବ ମିସ୍ତ୍ରି ଗାଧୁଆଘର ଭିତରକୁ ପଶି ମହିଳାଙ୍କୁ ଟଣାଓଟରାକରି ଅସଦାଚରଣ କରିଥିଲେ। ମହିଳା ଜଣକ ପାଟି କରିବାରୁ ପାଖ ଘରେ ଥିବା ଆଉ ୨ଜଣ ମହିଳା ରାସ୍ତାକୁ ବାହାରି ପାଟିକରିବାରୁ ସ୍ଥାନୀୟ କେତେଜଣ ଯୁବକ ସେଠାରେ ପହଞ୍ଚି ବଙ୍ଗୀୟ ମିସ୍ତ୍ରିଙ୍କୁ ଧରି ନିସ୍ତୁକ ପିଟିଥିଲେ। ଏହାପରେ ସେଠାରେ ସ୍ଥାନୀୟ ଲୋକେ ପହଞ୍ଚିଯାଇଥିଲେ। ବଙ୍ଗୀୟ ମିସ୍ତ୍ରିଙ୍କ ଅସଦାଚରଣ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ସେଠାରେ ରହୁଥିବା ଉକ୍ତ ଯୁବକଙ୍କ ସମେତ ଅନ୍ୟ ୭ଜଣଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମାରିବା ସହ ସମସ୍ତଙ୍କୁ ଅନ୍ତଃବସ୍ତ୍ର ପିନ୍ଧାଇ ହାତ ବାନ୍ଧି ଚଲାଇ ଚଲାଇ ଟାଉନ ଥାନାକୁ ଆଣୁଥିଲେ। ଏହି ସମୟରେ ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ଲୋକେ ସେମାନଙ୍କୁ ସେହିଭଳି ଅବସ୍ଥାରେ ପୋଲିସ ହେପାଜତରେ ଥାନାକୁ ଆଣିଥିଲେ। ମହିଳାଙ୍କ ସ୍ୱାମୀଙ୍କ ଏତଲା କ୍ରମେ ପୋଲିସ ଟାଉନ ଥାନାରେ ଏକ ମାମଲା ରୁଜୁକରିଥିବା ବେଳେ ବଙ୍ଗୀୟ ମିସ୍ତ୍ରିଙ୍କ ଅଭିଯୋଗକ୍ରମେ ପୋଲିସ ୧୭ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ କରିଛି। ଏହି ଘଟଣା ଉପରେ ପୋଲିସ କଡ଼ା ନଜର ରଖିବା ସହ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଭଳି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର କହିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସର ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳକ ଯାକ ଥିଲା ବସି**
**ଆଷାଢ଼ ମାସରେ ପାରୁଛି ଘଷି ।**

ଆଷାଢ଼ ମାସରେ ଲାଗିରହୁଥିବା ବର୍ଷା ଯୋଗୁ ବାହାରେ ଘଷି ପାରିବା ସୁବିଧାଜନକ ହୋଇ ନ ଥାଏ। ତେଣୁ ଯେତେବେଳେ ଯେଉଁ କାମ କରାଯିବା କଥା ସେତେବେଳେ ତାହା ନ କଲେ ପଛରେ ହଇରାଣ ହରକତ ହେବା ହିଁ ସାର ହୋଇଥାଏ। ସମୟ ଜ୍ଞାନର ଅଭାବ ରହିଥିବା ଅଳସୁଆ ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କି କରୁକରୁ, କି ହୋଇଲା**
**କା ପାଇଁ ରାନ୍ଧିଲି କିଏ ଖାଇଲା ।**

ସମୟ ଓ ପରିସ୍ଥିତି ଚାପରେ ପଡ଼ି ମଣିଷ ବେଳେବେଳେ ଭୋକ ଉପାସରେ ପଡ଼ିରହେ ଅଥଚ ଅନ୍ୟ କେହି ବିନା ଶ୍ରମରେ ସେସବୁକୁ ଗ୍ରହଣ କରିନିଏ। କଷ୍ଟ କରିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଔଷଧ ଦୋକାନୀଙ୍କ ଇଞ୍ଜେକ୍‌ଶନରେ ଛାତ୍ରଙ୍କ ମୃତ୍ୟୁ

ପାଟଣା,୧୨।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ଚର୍ମ ରୋଗ ପାଇଁ ଔଷଧ ଦୋକାନୀ ଇଞ୍ଜେକ୍‌ଶନ ଦେବା ପରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ପଣ୍ଡାପଡ଼ା ଥାନା ଧରାପଡ଼ା ଗ୍ରାମର ବିଜୟ ମୁଣ୍ଡାଙ୍କ ପୁଅ ଶୁକଦେବ। ସେ ସାହାରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଭୁଲ୍ ଇଞ୍ଜେକ୍‌ଶନରୁ ଶୁକଦେବଙ୍କ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶୁକଦେବଙ୍କ ଦେହ କୁଣ୍ଡେଇ ହେଉଥିଲା। ପରିବାର ଲୋକ ତାଙ୍କୁ ସାହାରପଡା ବଜାରରେ ଥିବା ସର୍ବେଶ୍ୱର ଔଷଧ ଦୋକାନକୁ ନେଇଥିଲେ। ମେଡିସିନ ଷ୍ଟୋର ମାଲିକ ଏହା ଡିଆଁ ରୋଗ ହୋଇଥିବାରୁ ଇଞ୍ଜେକ୍‌ଶନ ଦେଲେ ଶୀଘ୍ର ଭଲ ହେବ କହି ଛାତ୍ରଙ୍କ ଭେନ୍‌ରେ ଏକ ଇଞ୍ଜେକ୍‌ଶନ ଦେଇଥିଲେ। ଇଞ୍ଜେକ୍‌ଶନ ଦେବାର ୨ ମିନିଟ୍ ପରେ ଛାତ୍ର ଗୁରୁତର ହେବାରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିସିନ ଷ୍ଟୋର ମାଲିକଙ୍କ ଭୁଲ୍ ଇଞ୍ଜେକ୍‌ଶନ ପାଇଁ ମୃତ୍ୟୁ ହୋଇଥିବା ବିଜୟ ସାହାରପଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଘଟଣା ପରେ ମେଡିସିନ ଷ୍ଟୋର ମାଲିକ ଫେରାର ହୋଇଯାଇଛନ୍ତି। ଫାଣ୍ଡିଅଧିକାରୀ ଭବାନୀ ଶଙ୍କର ବାଦି କରଞ୍ଜିଆ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପାଟଣା ଓ ସାହାରପଡା ଅଞ୍ଚଳରେ ମାଳମାଳ ବେଆଇନ ମେଡିସିନ ଷ୍ଟୋର୍ ଖୋଲିଛି। ପ୍ରଶାସନ ପକ୍ଷରୁ ଏହାର ଯାଞ୍ଚ କରିବାକୁ ଦାବି ହୋଇଛି।

# ଗଳାକାଟି ମହିଳାଙ୍କୁ ହତ୍ୟା

ନୟାଗଡ଼/ ଦଶପଲ୍ଲା,୧୨।୧୨
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ନୟାଗଡ଼ ପୋଲିସ ଜିଲାର ବାଣିଗୋଛା ଥାନା କୁଜାମେଣ୍ଡି ପଞ୍ଚାୟତ କୁଜାମେଣ୍ଡି ଓ ବଣିଗାଁର ମଧ୍ୟବର୍ତ୍ତୀ ନିଛାଟିଆ ଜଙ୍ଗଲିଆ ରାସ୍ତାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ । ମୃତ ମହିଳାଙ୍କ ବୟସ ୪୦ ବର୍ଷ ହେବ ବୋଲି ପୋଲିସ କହିଛି। କେହି ମହିଳାଙ୍କ ଗଳା କାଟି ହତ୍ୟା କରିବା ପରେ ଜଙ୍ଗଲିଆ ରାସ୍ତାରେ ଫୋପାଡି ଚାଲି ଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାର ତଦନ୍ତ କରି ଫେରିଛନ୍ତି। ଏ ନେଇ ଏକ ମାମଲା(ନଂ.୧୩୧ / ୨୪)ରୁଜୁ ହୋଇଛି। ଗୁରୁବାର ପୂର୍ବାହ୍ନରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ରାସ୍ତାରେ ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ମୃତଦେହ ଦେଖି ପଞ୍ଚାୟତ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ପଞ୍ଚାୟତ ପକ୍ଷରୁ ସରପଞ୍ଚ ବାଣିଗୋଛା ପୋଲିସକୁ ଖବର ଦେଇଥିଲେ। ମୃତକଙ୍କ ପରିଚୟ ଜଣାପଡି ନ ଥିବାରୁ ପୋଲିସ ମୃତଦେହକୁ ଶୁକ୍ରବାର ବ୍ୟବଚ୍ଛେଦ କରାଇବ ବୋଲି କହିଛି ।

# ଡକାୟତିର ମାଷ୍ଟରମାଇଣ୍ଡ ମ୍ୟାନେଜର, ସହଯୋଗୀ

ଅନୁଗୋଳ,୧୨।୧୨ (ଜ୍ୟୋତିରଞ୍ଜନ ସାହୁ)



ଡକାୟତି ଘଟଣାରେ ଗିରଫ ୫ ଅଭିଯୁକ୍ତ।

**କୋରିଅର ସଂସ୍ଥାରୁ ଡକାୟତି ଘଟଣାର ପର୍ଦ୍ଦାଫାଶ**

■ନାଲ୍‌କୋ ପୋଲିସ କବ୍‌ଜାରେ ୫ ଅଭିଯୁକ୍ତ

■୭୦ ହଜାର ଟଙ୍କା ସହ ମାରଣାସ୍ତ୍ର ଜବତ

ଅନୁଗୋଳ ଜିଲା ନାଲ୍‌କୋ ଥାନା କୁଲାଡ଼ ଗ୍ରାମରେ ଥିବା ଫ୍ଲିପ୍‌କାର୍ଟ ହବ୍ କୋରିଅର ସଂସ୍ଥାରୁ ଗତ ଅକ୍ଟୋବର ୧୩ ତାରିଖରେ ହୋଇଥିବା ଡକାୟତି ଘଟଣାରେ ସମ୍ପୃକ୍ତ ଅଛନ୍ତି ସେହି ସଂସ୍ଥାର ସ୍ଥାନୀୟ ମ୍ୟାନେଜର ଓ ଜଣେ କର୍ମଚାରୀ। ସେମାନଙ୍କ ସହ ଆଉ ୩ ଜଣଙ୍କୁ ମିଶାଇ ମୋଟ ୫ ଅଭିଯୁକ୍ତଙ୍କୁ ଧରିଛି ନାଲ୍‌କୋ ପୋଲିସ। ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ତଦନ୍ତ କରୁଥିବା ନାଲ୍‌କୋ ପୋଲିସ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଉକ୍ତ କୋରିଅର ସଂସ୍ଥାର ମ୍ୟାନେଜର ଢେଙ୍କାନାଳ ଗୁଣ୍ଡିଚାପଡ଼ା ଥାନା କାଣ୍ଡବିନ୍ଧା ଅଞ୍ଚଳର ରାଜେଶ ପରିଡ଼ା (୨୨)ଙ୍କ ସହ କର୍ମଚାରୀ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା କମଳାଙ୍ଗ ଅଞ୍ଚଳର ମହାଜ୍ୟୋତି ନାୟକ, ସହଯୋଗ କରିଥିବା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଜଟିଆ ଗ୍ରାମର ସତ୍ୟଜିତ ନାୟକ (୨୪), ସରାଙ୍ଗ ଅଞ୍ଚଳର ସମ୍ବିତ ନାୟକ (୨୫), ଢେଙ୍କାନାଳ କଣ୍ଟାବଣିଆ ଥାନା କମଳାଙ୍ଗ ଅଞ୍ଚଳର ରଣେନ୍ଦ୍ର ନାୟକ (୨୧)ଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୭୦ ହଜାର ଟଙ୍କା, ଗୋଟିଏ ନକଲି ବନ୍ଧୁକ, ୬ ମୋବାଇଲ, ୨ ମୋଟର ସାଇକେଲ (ନଂ. ଓଡି ୧୯ୱାଇ ୦୭୩୪ ଏବଂ ଓଡି ୧୯ ଭି ୭୮୧୦), ଭୁଜାଲି ଆଦି ଜବତ କରାଯାଇଛି। ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, କୁଲାଡ଼ ଗ୍ରାମରେ ଥିବା ଫ୍ଲିପ୍‌କାର୍ଟ ହବ୍‌ର କୋରିଅର ସଂସ୍ଥାରୁ ଲୁଟ୍ ପାଇଁ ମ୍ୟାନେଜର ରାଜେଶ ସଂସ୍ଥାର କର୍ମଚାରୀ ମହାଜ୍ୟୋତିଙ୍କ ସହ ଯୋଜନା କରିଥିଲେ। ଏଥିରେ ସେମାନଙ୍କୁ ସତ୍ୟଜିତ, ସମ୍ବିତ ଓ ରଣେନ୍ଦ୍ର ସହଯୋଗ କରିଥିଲେ। ଯୋଜନା ଅନୁଯାୟୀ ଅକ୍ଟୋବର ୧୩ ତାରିଖ ରାତି ପ୍ରାୟ ୧୦ଟା ବେଳେ ମ୍ୟାନେଜର ରାଜେଶ ଓ କର୍ମଚାରୀ ମହାଜ୍ୟୋତି ଅଫିସରେ ଥିଲେ। ଏହି ସମୟରେ ସହଯୋଗୀ ୩ଜଣ ଆସି ନକଲି ବନ୍ଧୁକ ଓ ଛୁରି ଦେଖାଇ ମ୍ୟାନେଜର ଏବଂ ସହଯୋଗୀଙ୍କ ଠାରୁ ପ୍ରାୟ ୫ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିଲେ। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ନାଲ୍‌କୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୨୦୩/୨୦୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ଏକ ବିବାହ ଶୋଭାଯାତ୍ରାରୁ ଅଭିଯୁକ୍ତ ସତ୍ୟଜିତ୍‌ଙ୍କୁ ଧରିବା ପରେ ପୋଲିସ ଅନ୍ୟ ୪ ଜଣଙ୍କ ସମ୍ପର୍କରେ ସୂଚନା ପାଇ ସେମାନଙ୍କୁ ଗିରଫ କରିଥିଲା। ତେବେ ଏହି ସହଯୋଗୀମାନଙ୍କ ନାମରେ ଆଉ କୌଣସି ମାମଲା ରହିଛି କି ନାହିଁ ସେ ସମ୍ପର୍କରେ ଅଧିକ ତଦନ୍ତ କରାଯିବ। ପରବର୍ତ୍ତୀ ସମୟରେ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ନାଲ୍‌କୋ ଥାନା ଅଧିକାରୀ ପ୍ରଦୀପ ମହନ୍ତ, ଏସ୍‌ଆଇ ଗଙ୍ଗାଧର ବେହେରା ଉପସ୍ଥିତ ଥିଲେ ।

# ରେକର୍ଡ ବ୍ରେକର, ଚେସ୍ ଚ୍ୟାଲେଞ୍ଜର

**ତାମିଲନାଡୁର ଚେନ୍ନାଇରେ ଜନ୍ମଗ୍ରହଣ କରିଥିବା ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଗୁରୁବାର ସିଙ୍ଗାପୁରରେ ଚାଇନାର ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରି ସର୍ବକନିଷ୍ଠ ଖେଳାଳି ଭାବେ ଚେସ୍ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ହିସାବରେ ଏହି ସଫଳତା ହାସଲ କରିବା ଲାଗି ସେ ପିଲାଦିନରୁ ସ୍ୱପ୍ନ ଦେଖିଥିଲେ। ତାହା ଗୁରୁବାର ସାକାର ହୋଇପାରିଛି।**



ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ

ମାତ୍ର ୧୮ବର୍ଷ ବୟସରେ ଚେସ୍ ଖେଳରେ ବହୁ ରେକର୍ଡ ଓ ମାଇଲଖୁଣ୍ଟ ହାସଲ କରିଛନ୍ତି। ଆନ୍ଧ୍ରପ୍ରଦେଶର ଗୋଦାବରୀ ଅଞ୍ଚଳରୁ ଆସି ଚେନ୍ନାଇରେ ବସବାସ କରୁଥିବା ଏକ ତେଲୁଗୁ ପରିବାରରେ ଗୁକେଶଙ୍କ ଜନ୍ମ ୨୦୦୬ ମେ ୨୯ରେ ହୋଇଥିଲା। ତାଙ୍କ ପିତା କାନ, ନାକ ଓ ଗଳା ବିଭାଗର ଜଣେ ଡାକ୍ତର ହୋଇଥିବା ବେଳେ ମା' ପଦ୍ମା ହେଉଛନ୍ତି ଜଣେ ମାଇକ୍ରୋବାୟୋଲୋଜିଷ୍ଟ। ଗୁକେଶ ମାତ୍ର ୭ବର୍ଷ ବୟସରେ ଚେସ୍ ଖେଳିବା ଆରମ୍ଭ କରିଥିଲେ। ସେ ଚେନ୍ନାଇସ୍ଥିତ ଭେଲାମାଲ ବିଦ୍ୟାଳୟ ସ୍କୁଲର ଜଣେ ଛାତ୍ର। ଗୁକେଶ ୨୦୧୩ରେ ଅଭ୍ୟାସ ସହ ଚେସ୍ ଖେଳିବା ଆରମ୍ଭ କରିଥିଲେ। ସେ ସପ୍ତାହରେ ୩ ଦିନକୁ ଘଣ୍ଟାଏ ଲେଖାଏ ଅଭ୍ୟାସ ଆରମ୍ଭ କରିଥିଲେ। ରବିବାର ସେ ଚେସ୍ ଟୁର୍ନାମେଣ୍ଟଗୁଡ଼ିକରେ ଭାଗ ନେଉଥିଲେ। ତାଙ୍କ ପ୍ରଦର୍ଶନ ଚେସ୍ ଶିକ୍ଷକମାନଙ୍କୁ ପ୍ରଭାବିତ କରିଥିଲା। ୨୦୧୫ରେ ସେ ୯ ବର୍ଷରୁ କମ୍ ବିଭାଗରେ ଏସିଆନ ସ୍କୁଲ ଚାମ୍ପିୟନଶିପ୍ ଜିତିଥିଲେ। ୨୦୧୮ରେ ସେ ୧୨ବର୍ଷରୁ କମ୍ କାଟେଗୋରିରେ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍ ଜିତିଥିଲେ। ସେ ଆହୁରି ମଧ୍ୟ ୨୦୧୮ ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତନ୍ମଧ୍ୟରେ ସେ ୧୨ ବର୍ଷରୁ କମ୍ କାଟେଗୋରି ବ୍ୟକ୍ତିଗତ ରାପିଡ୍ ଓ ବ୍ଲିଜ୍, ୧୨ ବର୍ଷରୁ କମ୍ ଟିମ୍ ରାପିଡ୍ ଓ ବ୍ଲିଜ ଏବଂ ୧୨ବର୍ଷରୁ କମ୍ ବ୍ୟକ୍ତିଗତ କ୍ଲାସିକାଲ ଫର୍ମାଟ ରହିଛି। ୨୦୧୭ ମାର୍ଚ୍ଚରେ ୩୪ତମ କାପେଲିଲା ଗ୍ରାଣ୍ଡ ଓପନରେ





ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଡି. ଗୁକେଶ ଓ ଡିଙ୍ଗ ଲିରେନଙ୍କ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ମ୍ୟାଚ।

ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ମାନ୍ୟତା ପାଇବା ପାଇଁ ଆବଶ୍ୟକ ଟାଇଟଲ ଜିତି ସାରିଥିଲେ। ୨୦୧୯ ଜାନୁଆରୀ୧୫ ବେଳକୁ ୧୨ ବର୍ଷ ୭ମାସ ଓ ୧୭ ଦିନ ବୟସରେ ଗୁକେଶ ଚେସ୍ ଖେଳର ଇତିହାସରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଗ୍ରାଣ୍ଡମାଷ୍ଟର ହୋଇପାରିଥିଲେ। ତାଙ୍କଠାରୁ ବୟସରେ ୧୭ ଦିନ କମ୍ ସର୍ଗେ କାର୍ଜାକିନ୍ ସର୍ବକନିଷ୍ଠ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ମାନ୍ୟତା ଲାଭ କରି ରେକର୍ଡ କରିଛନ୍ତି। ପରବର୍ତ୍ତୀ କାଳରେ ଅଭିମନ୍ୟୁ ମିଶ୍ର ଏହି ତାଲିକାରେ ଗୁକେଶଙ୍କୁ ୩ୟ ସ୍ଥାନକୁ ଠେଲି ଦେଇଥିଲେ। ୨୦୨୧ ଜୁନ୍‌ରେ ଜୁଲିଅସ ବେଅର ଚ୍ୟାଲେଞ୍ଜର୍ସ ଚେସ୍ ଟୁର୍‌ରେ ୧୯ ପଏଣ୍ଟରୁ ୧୪ ସ୍କୋର କରି ଚାମ୍ପିୟନ ହୋଇ ପାରିଥିଲେ।

## ୨୦୨୨: ଅଲିମ୍ପିଆଡ୍ ବ୍ୟକ୍ତିଗତ ସ୍ୱର୍ଣ୍ଣ

ଅଗଷ୍ଟ ୨୦୨୨ରେ ଗୁକେଶ ୪୪ତମ ଚେସ୍ ଅଲିମ୍ପିଆଡ୍ ଖେଳିଥିଲେ। ଏଥିରେ ସେ ୮ମ ମ୍ୟାଚ୍‌ରେ ଆମେରିକାର ନମ୍ବର-୧ ଫାବିଆନୋ କାରୁଆନାଙ୍କୁ ପରାସ୍ତ କରି ପ୍ରଥମେ ତାଙ୍କର ପରଫେକ୍ଟ ସ୍କୋର ୮/୮ ରହିଥିଲା। ତେବେ ଟୁର୍ନାମେଣ୍ଟରେ ସେ ମୋଟ ୧୧ ପଏଣ୍ଟରୁ ୯ ସ୍କୋର କରି ପ୍ରଥମ ବୋର୍ଡରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କ ଟିମ୍ ଇଣ୍ଡିଆ- କିନ୍ତୁ ଟୁର୍ନାମେଣ୍ଟରେ ତୃତୀୟ ହୋଇଥିଲା। ୨୦୨୨ ସେପ୍ଟେମ୍ବରରେ ୨୭୨୬ ରେଟିଂ ସହ ଗୁକେଶଙ୍କ ରେଟିଂ ପ୍ରଥମ ଥର ୨୭୦୦ ଅତିକ୍ରମ କରିଥିଲା। ଏହି ମାଇଲଖୁଣ୍ଟ ହାସଲ କରିବାରେ ୱେଇ ଇ ଓ ଅଲିରେଜା ଫିରୋଜାଙ୍କ ପଛକୁ ସେ ହେଉଛନ୍ତି ତୃତୀୟ ଖେଳାଳି। ୨୦୨୨ ଅକ୍ଟୋବରରେ ଏମ୍ ଚେସ୍ ରାପିଡ୍ ଟୁର୍ନାମେଣ୍ଟରେ ଗୁକେଶ ସର୍ବକନିଷ୍ଠ ଖେଳାଳି ଭାବେ ତତ୍କାଳୀନ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ହରାଇ ଦେଇଥିଲେ।

**୨୦୨୩:** ଅଗଷ୍ଟ ୨୦୨୩ରେଟିଂ ଲିଷ୍ଟରେ ଗୁକେଶ ସର୍ବକନିଷ୍ଠ ଖେଳାଳି ହିସାବରେ ୨୭୫୦ ରେଟିଂରେ ପହଞ୍ଚି ପାରିଥିଲେ।

## ୨୦୨୪: ବିଶ୍ୱ ଚାମ୍ପିୟନ ଓ ଅଲିମ୍ପିଆଡ୍ ସ୍ୱର୍ଣ୍ଣ

ଜାନୁଆରୀ ୨୦୨୪ରେ ଗୁକେଶ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଏଥିରେ ସେ ୫ ବିଜୟ, ଏକ ପରାଜୟ ଏବଂ ୮ ଡ୍ର ସହ ୪/୧୪ ସ୍କୋର କରି ସର୍ବ କନିଷ୍ଠ ଖେଳାଳି ହିସାବରେ ଟୁର୍ନାମେଣ୍ଟ ଜିତିଥିଲେ। ଏଥିସହ ସେ ଡିଙ୍ଗ୍ ଲିରେନଙ୍କ ବିପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍ ମ୍ୟାଚ ଖେଳିବା ଲାଗି ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୨୪ ସେପ୍ଟେମ୍ବରରେ ଗୁକେଶ ଭାରତୀୟ ଦଳ ସହ ବୁଦାପେଷ୍ଟରେ ଚେସ୍ ଅଲିମ୍ପିଆଡ୍‌ରେ ଭାଗ ନେଇଥିଲେ। ବୋର୍ଡ ୱାନରେ ସେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ସେ ୱି ୟି ଓ ପାରହାମ୍ ମାଗ୍‌ସୁଦଲୁ ଏବଂ ଫାବିଆନୋ କାରୁଆନୋଙ୍କ ଭଳି ଖେଳାଳିଙ୍କୁ ପରାସ୍ତ କରି ୧୦ ପଏଣ୍ଟରୁ ୯ ପଏଣ୍ଟ ଅର୍ଜନ କରିଥିଲେ। ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନଙ୍କ ମଧ୍ୟରେ ସେ ସର୍ବୋଚ୍ଚ ରେଟିଂ (୩୦୫୬) ପ୍ରାପ୍ତ ଖେଳାଳି ଥିଲେ। ଏହାଦ୍ୱାରା ସେ ବୋର୍ଡ ୱାନ୍‌ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତିବା ସହ ଅଲିମ୍ପିଆଡ୍‌ରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୪ ଅକ୍ଟୋବର ୧ରେ ଗୁକେଶ ପ୍ରଥମ ଥର ଫିଡେ ୱାର୍ଲ୍ଡ ଟପ୍-୫ରେ ପ୍ରବେଶ କରିଥିଲେ।

## ଗୁକେଶଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୧୨।୧୨ (ପି.ଟି.):** ଭାରତର ଡି. ଗୁକେଶ ପ୍ରଥମ ସ୍ୱଳ୍ପବୟସ୍କ ବିଶ୍ୱଚେସ୍ ଚାମ୍ପିୟନ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଗୁକେଶଙ୍କ ଏହି ସଫଳତା ଭାରତ ପାଇଁ ଗୌରବାନ୍ୱିତ। ତାଙ୍କର ଏହି ଉପଲବ୍ଧି ଭାରତ ଏକ ଚେସ୍ ପାୱାରହାଉସ୍ ବୋଲି ପ୍ରତିପାଦିତ କରୁଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୧୮ବର୍ଷୀୟ ଗୁକେଶଙ୍କ ଏହି ସଫଳତା ଦେଶର ଅନେକ ଉଦୀୟମାନ ଚେସ୍ ପ୍ରତିଭାଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି। କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଦ୍ୱାରା ଏହା ସମ୍ଭବ ହୋଇ ପାରିଛି। ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ କହିଛନ୍ତି, ଏତେ କମ୍ ବୟସରେ ବିଶ୍ୱ ଚାମ୍ପିୟନ ହେବା ସହଜ କଥା ନୁହେଁ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା, ପୂର୍ବତନ ଷ୍ଟାର କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ପ୍ରମୁଖ ମଧ୍ୟ ଗୁକେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ଟୁଇଟ କରିଛି ଯେ' ଆମେ ଜଣେ ନୂଆ ଚାମ୍ପିୟନଙ୍କୁ ପାଇଛୁ ! ଡି.ଗୁକେଶଙ୍କୁ ଅଭିନନ୍ଦନ।''

**ଜୁନିୟର ମହିଳା ଏସିଆ କପ୍ କ୍ରିକେଟ**

## ନିକି ପ୍ରସାଦ ଭାରତ ଅଧିନାୟିକା

**ନୂଆଦିଲ୍ଲୀ, ୧୨।୧୨ (ପି.ଟି.):** କୁଆଲାଲମ୍ପୁରରେ ଡିସେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ ଜୁନିୟର ପ୍ରଥମ ମହିଳା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ନିକି ପ୍ରସାଦଙ୍କୁ ୧୯ବର୍ଷରୁ କମ୍ ମହିଳା କ୍ରିକେଟ ଦଳର ଅଧିନାୟକ ମନୋନୀତ କରାଯାଇଛି। ସମସ୍ତ ମ୍ୟାଚ ବେୟୁମାସ୍ କ୍ରିକେଟ ଓଭାଲଠାରେ ଖେଳାଯିବ। ସାନିକା ଚାଲ୍‌କେଙ୍କୁ ଉପଅଧିନାୟିକା କରାଯାଇଥିବା ବେଳେ ଗୁଜରାଟ ଜାଏଣ୍ଟ୍ସ ସିମର ଏମ୍‌ଡି ଶବନମଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ୧୯ବର୍ଷରୁ କମ୍ ଭାରତ ଦଳ ବ୍ୟତୀତ ପାକିସ୍ତାନ ଓ ନେପାଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ବାଂଲାଦେଶ, ଶ୍ରୀଲଙ୍କା ଏବଂ ଆୟୋଜକ ମାଲେସିଆ ସ୍ଥାନ ପାଇଛନ୍ତି। ଭାରତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସ ଡିସେମ୍ବର ୧୫ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ପରେ ଡିସେମ୍ବର ୧୭ରେ ଦଳ ନେପାଳକୁ ଭେଟିବ। ଦୁଇ ଦଳ ଶ୍ରେଷ୍ଠ ଦୁଇ ଦଳ ସୁପର-୪ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଡିସେମ୍ବର ୨୨ରେ ଫାଇନାଲ ଖେଳାଯିବ।

**ଭାରତୀୟ ଦଳ:** ନିକି ପ୍ରସାଦ (ଅଧିନାୟିକା), ସାନିକ ଚାଲ୍‌କେ (ଉପ-ଅଧିନାୟକ), ଜି. ତ୍ରିଶା, କମଳିନୀ ଜି (ଉଇକେଟକିପର),ଭାବିକା ଆହିରେ (ଉଇକେଟକିପର) ଈଶ୍ୱରୀ ଅୱାସାରେ, ମିଥିଲା ବିନୋଦ ଜୋଶିଥା ଭିଜେ, ସୋନମ ଯାଦବ, ପାରୁନିକା ସିସୋଡିଆ, କେଶରୀ ଧ୍ରୀଥି, ଆୟୁଷୀ ଶୁକ୍ଳା, ଆନନ୍ଦିତା କିଶୋର, ଏମ୍‌ଡି ସବ୍‌ନମ, ନନ୍ଧାନା ଏସ୍। **ଷ୍ଟାଣ୍ଡବାଇ:** ହର୍ଲି ଗାର୍ଲା, ହାପି କୁମାରୀ, ଜି, କାବ୍ୟଶ୍ରୀ, ଗାୟତ୍ରୀ ସୁର୍ଭାସି।

## ଲିଟାଥାକ୍ରା ୟୁୱାନ ଜୁମିଦ ବିଜୟୀ



ଗୁଡୁରା ମାରାଣ୍ଡିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ)** ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ଗୁରୁବାର ଲିଟାଥାକ୍ରା ୟୁୱାନ ଜୁମିଦ ଦଳ ବିଜୟୀ ହୋଇଛି। ଏହି ଦଳ ୩-୦ ଗୋଲରେଏସ୍‌ଜିଓ ନୟାପଲ୍ଲୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଗୁଡୁରା ମାରାଣ୍ଡି ୧୨ ଓ ୨୮ତମ ମିନିଟରେ ୨ଟି ଏବଂ ରାଜେଶ ମାରାଣ୍ଡି ୧୦ମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଫୁଟବଲ କୋଚ୍ ରାଜ କମଲ ମଣ୍ଡଳ ଅତିଥିଭାବେ ଯୋଗଦେଇ ଗୁଡୁରା ମାରାଣ୍ଡିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶେଖାୱତ ଖାଁ, ସୁଜିତ କୁମାର ପାତ୍ରୋ, ଆଲୋକ ଦେହୁରି ଓ ଶିବ ପ୍ରସାଦ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ସିଲିକନ ବିଶ୍ୱବିଦ୍ୟାଳୟ ଓ କ୍ଲବ ଲିଙ୍ଗରାଜ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଏଚ୍‌ଆଇଏଲ୍‌ର ପ୍ରସାରଣ କରିବ ପ୍ରସାର ଭାରତୀ

**ନୂଆଦିଲ୍ଲୀ,୧୨।୧୨ (ପି.ଟି.):** ସାତବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେବାକୁଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ସିଧାପ୍ରସାରଣ କରିବ ଦେଶର ନ୍ୟାଶନାଲ ବ୍ରଡ୍‌କାଷ୍ଟର ପ୍ରସାରଭାରତୀ। ଏନେଇ ଏକ ବୁଝାମଣା ପତ୍ର ପ୍ରସାର ଭାରତୀ କ୍ରୀଡ଼ା ବିଭାଗ ଉପମହାନିର୍ଦ୍ଦେଶକ ଅଭିଷେକ ଅଗ୍ରୱାଲ ଏବଂ ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଲାନାଥ ସିଂଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲାରେ ଡିସେମ୍ବର ୨୮ରୁ ଏଚ୍‌ଆଇଏଲ୍ ଆରମ୍ଭ ହେବ। ଏହା ଦୂରଦର୍ଶନ ଓ ପ୍ରସାରଭାରତୀର ନୂଆ ଓଟିଟି ପ୍ଲାଟଫର୍ମ ୱେଭ୍ସ ଜରିଆରେ ଦେଶବ୍ୟାପୀ ପ୍ରସାରିତ ହେବ। ଏଥର ଏଚ୍‌ଆଇଏଲ୍‌ର ବିଶେଷତ୍ୱ ହେଲା ପୁରୁଷ ପ୍ରତିଯୋଗିତା ସହ ଏକ ସଙ୍ଗରେ ମହିଳା ଲିଗ୍‌ର ଉଦ୍‌ଘାଟନୀ ସିଜନ ହେବ। ପୁରୁଷ ପ୍ରତିଯୋଗିତା ରାଉରକେଲାରେ ହେବାକୁ ଥିବା ବେଳେ ୪ଟି ଦଳକୁ ନେଇ ପ୍ରଥମ ଥର ଅନୁଷ୍ଠିତ ହେବାକୁଥିବା ମହିଳା ଲିଗ୍ ରାଞ୍ଚିଠାରେ ଆୟୋଜନ କରାଯାଇଛି। ଏହି ଅବସରରେ ପ୍ରସାରଭାରତୀ ଚେୟାରମ୍ୟାନ ନବନୀତ ସେହଗଲ ଏହି ଭାଗୀଦାରିର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ଏହା ହକି ପାଇଁ ଏକ ବିଶେଷ ମୁହୂର୍ତ୍ତ ବୋଲି ସେ କହିଥିଲେ।

## ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା



ସୁମିତ୍ରା ହେମ୍ବ୍ରମ



ସୁଭଦ୍ରା ସାହୁ



ମନୀଷା ନାୟକ



ମୋନିକା ମିଞ୍ଜ

**ଜାତୀୟ ମହିଳା ଫୁଟ୍‌ବଲ ଫାଇନାଲ ରାଉଣ୍ଡ**

**ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ)** ରାଜମାତା ଜିଜାବାଇ ଟ୍ରଫି ପାଇଁ ଛତିଶଗଡ଼ ନରେନପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଚାଲିଥିବା ୨୯ତମ ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୪-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚ୍‌ର ୧୦ମ ମିନିଟରେ ସୁଭଦ୍ରା ସାହୁ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଓଡ଼ିଶା ୧-୦ ଗୋଲରେ ଆଗୁଆ ରହିଥିଲା। ୫୧ତମ ମିନିଟରେ ମୋନିକା ମିଞ୍ଜ ଓ ୫୯ ମିନିଟରେ ସୁମିତ୍ରା ହେମ୍ବ୍ରମ ଗୋଲ ଦେବାରୁ ଓଡ଼ିଶା ବିଜୟ ଏକ ପ୍ରକାର ପକ୍କା ହୋଇଯାଇଥିଲା। ୮୦ତମ ମିନିଟରେ ମନୀଷା ନାୟକ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୨-୦ରେ ହରାଇ ଅଭିଯାନ ଆରମ୍ଭ କରିଥିଲା।

## ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ)** ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିବା ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିଛନ୍ତି। କିଟ୍‌ରେ ଅଧ୍ୟୟନ କରୁଥିବା ସ୍ୱସ୍ତିଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଚେନ୍ନାଇରେ ନଭେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ୭୬ତମ ଜାତୀୟ ସିନିୟର ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସ୍ୱସ୍ତି ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସର୍ବଭାରତୀୟ ଚେସ୍ ଫେଡେରେଶନ ଉପସଭାପତି ତଥା ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର ଦିବ୍ୟେନ୍ଦୁ ବରୁଆ, ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ)ର ଯୁଗ୍ମ ସମ୍ପାଦକ (କ୍ରୀଡ଼ା) ବଲଜିତ ସିଂ ଶେଖୋଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱସ୍ତି କିଟ୍ ବିଶ୍ୱବିଦ୍ୟାଳୟରେ ଶତ ପ୍ରତିଶତ ସ୍ପୋର୍ଟ୍ସ ସ୍କଲାରଶିପ୍‌ରେ ଅଧ୍ୟୟନ କରୁଛନ୍ତି। ଟ୍ରେନିଂ ଏବଂ ପଢ଼ା ପାଇଁ ତାଙ୍କୁ ମାସିକ ୨୫,୦୦୦ ଟଙ୍କାର ସ୍କଲାରଶିପ୍ ମଧ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ଅଚ୍ୟୁତ ସାମନ୍ତଙ୍କୁ ସ୍ୱସ୍ତି ଧନ୍ୟବାଦ ଜଣାଇଛନ୍ତି।





କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ ସ୍ୱସ୍ତି ସିଂଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବିଜୟରେ ଓଡ଼ିଶାର ହ୍ୟାଟ୍ରିକ୍





ପୁରସ୍କାର ଗ୍ରହଣ ଅବସରରେ ଡି. ଜାନକୀ ରେଡ୍ଡୀ।

**ସିନିୟର ମହିଳା ଦିନିକିଆ କ୍ରିକେଟ**

**ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ)** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ଅନ୍ତର୍ଗତ ଅହମଦାବାଦରେ ଚାଲିଥିବା ସିନିୟର ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦଳ ୭ ଉଇକେଟରେ ନାଗାଲାଣ୍ଡକୁ ହରାଇ ବିଜୟରେ ହ୍ୟାଟ୍ରିକ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ନାଗାଲାଣ୍ଡ ୩୬.୩ ଓଭରରେ ମାତ୍ର ୭୩ ରନକରି ଅଲ୍‌ଆଉଟ ହୋଇଥିଲା। ଦଳର କୌଣସି ବ୍ୟାଟର ଓଡ଼ିଶା ବୋଲରଙ୍କ ଆଗରେ ତିଷ୍ଠିପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଡି. ଜାନକି ରେଡ୍ଡୀ ନିଜ ୫.୩ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୭ ରନ ଦେଇ ୩ ଉଇକେଟ ନେଇଥିଲେ। ରିମାଲକ୍ଷ୍ମୀ ଏକ୍କାଙ୍କୁ ୨ ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୧୫.୩ ଓଭରରେ ୩ ଉଇକେଟ ହରାଇ ୭୬ ରନ ସଂଗ୍ରହ କରି ନେଇଥିଲା। ଦଳର ତାରକା ବ୍ୟାଟର ମାଧୁରୀ ମେହେଟା ସର୍ବାଧିକ ୪୫ ରନ କରିଥିଲେ। ଚମତ୍କାର ବୋଲିଂ ପାଇଁ ଜାନକି ରେଡ୍ଡୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ଆସାମ ଓ ଉତ୍ତରାଖଣ୍ଡଠାରୁ ହାରିବାପରେ ପରବର୍ତ୍ତୀ ୨ ମ୍ୟାଚରେ ଅରୁଣାଚଳ ପ୍ରଦେଶ ଓ କେରଳକୁ ପରାସ୍ତ କରିଥିଲା।

## ପ୍ରବୀଣ ବୋଲିଂ, ମାର୍ଶ ବ୍ୟାଟିଂ କୋଚ୍

**ଅହମଦାବାଦ, ୧୨।୧୨ (ପି.ଟି.):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୫ ପୂର୍ବରୁ ଗୁଜରାଟ ଜାଏଣ୍ଟ୍ସ ପୂର୍ବତନ ଲେଗ୍ ସ୍ପିନର ପ୍ରବୀଣ ଟାମ୍ବେଙ୍କୁ ଏହାର ବୋଲିଂ କୋଚ୍ କରିଥିବା ବେଳେ ଅଷ୍ଟ୍ରେଲୀୟ ଡାନିଏଲ ମାର୍ଶଙ୍କୁ ଦଳ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ଗତବର୍ଷ ଦଳରେ ଯୋଗ ଦେଇଥିବା ମାଇକେଲ କ୍ଲିଙ୍ଗର ପୂର୍ବ ଭଳି ଜାଏଣ୍ଟ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ। ଟାମ୍ବେ ୨୦୧୩ରେ ୪୧ ବର୍ଷ ବୟସରେ ରାଜସ୍ଥାନ ରୟାଲ୍ସ ତରଫରୁ ଖେଳି ତାଙ୍କ ଆଇପିଏଲ୍ ପଦାର୍ପଣ କରିଥିଲେ। କୋଲକାତା ନାଇଟ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ସହିତ କାର୍ଯ୍ୟ କରି ସେ ଯଥେଷ୍ଟ କୋଚିଂ ଅଭିଜ୍ଞତା ହାସଲ କରିଛି। ମାର୍ଶଙ୍କ ମଧ୍ୟ ବହୁ ଅଭିଜ୍ଞତା ରହିଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ